

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଗୁରୁବାର ୨୪ ଜୁଲାଇ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 24 JULY 2025

Vol.No. 36 ■ No.195 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍ ଶୀଘ୍ର ପ୍ରକାଶ ପାଇବ
ବାର୍ଷିକ ସଂଖ୍ୟା

ସାଗରିକା

ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...

website : sagarika.in.net


# ଅଗଷ୍ଟ ଶେଷ ସୁଦ୍ଧା ଦେଶକୁ ମିଳିବେ ନୂଆ ଉପ ରାଷ୍ଟ୍ରପତି: ନିର୍ବାଚନ ପ୍ରକ୍ରିୟା ଆରମ୍ଭ



ନୂଆଦିଲ୍ଲୀ,୨୩/୭ : ଭାରତୀୟ ନିର୍ବାଚନ କମିଶନ ଆସନ୍ତା ୪୮ରୁ ୭୨ ଘଣ୍ଟା ମଧ୍ୟରେ ଉପ ରାଷ୍ଟ୍ରପତି ନିର୍ବାଚନର ତାରିଖ ଘୋଷଣା କରିବେ। ଅଗଷ୍ଟ ଶେଷ ସପ୍ତାହ ସୁଦ୍ଧା ଦେଶକୁ ନୂଆ ଉପ ରାଷ୍ଟ୍ରପତି ମିଳିବେ। ଏଥିପାଇଁ ନିର୍ବାଚନ କମିଶନ ପ୍ରକ୍ରିୟା ଆରମ୍ଭ କରି ଦେଇଛନ୍ତି। ଏବେ ଇଲେକ୍ଟୋରାଲ କଲେଜ୍ ପ୍ରସ୍ତୁତି ଓ ରିଟର୍ଣ୍ଣିଂ ଅଫିସର ନିଯୁକ୍ତି ଆରମ୍ଭ ହୋଇଛି। ପୂର୍ବରୁ ହୋଇଥିବା ଉପରାଷ୍ଟ୍ରପତି ନିର୍ବାଚନ ବ୍ୟବସ୍ଥା ଉପରେ ଅନୁଧ୍ୟାନ କରାଯାଉଛି। ଏସବୁ ପ୍ରକ୍ରିୟା ଶେଷ ହେବା ମାତ୍ରେ ଭାରତୀୟ ନିର୍ବାଚନ କମିଶନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବ। ସୋମବାର ରାତିରେ ଭାରତର ଉପ ରାଷ୍ଟ୍ରପତି ପଦରୁ ଜଗଦୀପ ଧନଖଡ଼ ଅପ୍ରତ୍ୟାଶିତ ଢଙ୍ଗରେ ଇସ୍ତଫା ଦେଇଥିଲେ। ଏଥିଯୋଗୁ ଉପ ରାଷ୍ଟ୍ରପତି ପଦ ଖାଲି ପଡ଼ିଛି। ତେଣୁ ଭାରତୀୟ ନିର୍ବାଚନ କମିଶନ ଏହି ପଦ ପୂରଣ ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଧନଖଡ଼ ସୋମବାର ଇସ୍ତଫା ଦେଇଥିବା ବେଳେ ମଙ୍ଗଳବାର ସକାଳେ ଏହାକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବିଧିବଦ୍ଧ ଭାବେ ଗ୍ରହଣ କରି ନେଇଥିଲେ। ଧନଖଡ଼ଙ୍କ କାର୍ଯ୍ୟକାଳ ଶେଷ ହେବାକୁ ଆହୁରି ୨ ବର୍ଷ ବାକି ରହିଥିଲା। ଭାରତୀୟ ସମ୍ବିଧାନର ଧାରା ୬୮(୨) ଅନୁସାରେ ଉପ ରାଷ୍ଟ୍ରପତିଙ୍କ ଇସ୍ତଫାର ନିର୍ଦ୍ଦିଷ୍ଟ ସମୟ ସୀମା ପଦରେ ଏହି ପଦ ପୂରଣ ପାଇଁ ନିର୍ବାଚନ ଶେଷ କରିବାର କୌଣସି ପ୍ରାବଧାନ ନାହିଁ। କେବଳ ନିର୍ବାଚନ ଯଥା ଶୀଘ୍ର ଶେଷ କରିବାକୁ ଏହି ଧାରାରେ ଉଲ୍ଲେଖ କରାଯାଇଛି। ନିର୍ବାଚନ କମିଶନ ସୂତ୍ରରୁ ମିଳିଥିବା ଖବର ଅନୁସାରେ, ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କମିଶନଙ୍କୁ ଉପ ରାଷ୍ଟ୍ରପତିଙ୍କ ଇସ୍ତଫା ସମ୍ପର୍କରେ ବିଧିବଦ୍ଧ ଭାବେ ଅବଗତ କରାଯାଇଥିଲା। ଏହାପରେ କମିଶନ ପକ୍ଷରୁ ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି।

▶▶ପୃଷ୍ଠା ୭

## ବାଂଲାଦେଶକୁ ଚିକିତ୍ସା ସହାୟତା ପଠାଇବ ଭାରତ: ବିଶେଷଜ୍ଞ ଡାକ୍ତର ଏବଂ ନର୍ସଙ୍କ ଦଳ ଢାକା ଯିବେ



ନୂଆଦିଲ୍ଲୀ,୨୩/୭ : ଢାକା ବିମାନ ଦୁର୍ଘଟଣାରେ ଆହତଙ୍କ ଚିକିତ୍ସା ପାଇଁ ଭାରତର ବିଶେଷଜ୍ଞ ଡାକ୍ତର ଏବଂ ନର୍ସଙ୍କ ଏକ ଦଳ ବାଂଲାଦେଶ ଯିବେ। ଏହି ବର୍ଣ୍ଣ ବିଶେଷଜ୍ଞ ଦଳ ଦୁର୍ଘଟଣାରେ ଜଳିପୋଡ଼ି ଆହତ ହୋଇଥିବା ପୀଡିତଙ୍କ ଚିକିତ୍ସା କରିବେ। ଡାକ୍ତରଙ୍କ ଦଳ ରୋଗୀଙ୍କ ଅବସ୍ଥା ମୂଲ୍ୟାଙ୍କନ କରିବେ ଏବଂ ସେମାନଙ୍କୁ ଅଧିକ ଚିକିତ୍ସା ପାଇଁ ପରାମର୍ଶ ଦେବେ। ଆବଶ୍ୟକ ହେଲେ, ସେମାନଙ୍କୁ ଭାରତ ଅଣାଯାଇ ଚିକିତ୍ସା କରାଯିବ। ଚିକିତ୍ସା ଏବଂ ପ୍ରାରମ୍ଭିକ ମୂଲ୍ୟାଙ୍କନ ପରେ, ଅତିରିକ୍ତ ଡାକ୍ତରୀ ଦଳ ମଧ୍ୟ ଢାକା ଯାଇପାରନ୍ତି। ସୋମବାର ଢାକାରେ ଘଟିଥିବା ବିମାନ ଦୁର୍ଘଟଣାରେ ପୀଡିତ ଏବଂ ମୃତକଙ୍କ ପରିବାର ପ୍ରତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମବେଦନା ପ୍ରକାଶ କରିସାରିଛନ୍ତି। ପ୍ରଧାନମନ୍ତ୍ରୀ ବାଂଲାଦେଶକୁ ସମସ୍ତ ପ୍ରକାରର ସାହାଯ୍ୟର ପ୍ରତିଶ୍ରୁତି ଦେଇଛନ୍ତି। ଢାକାର ଏକ ସ୍କୁଲ କୋଠାରେ ଦୁର୍ଘଟଣାଗ୍ରସ୍ତ

## ଏକାଠି ହେବେ କି ବିଜେଡି-କଂଗ୍ରେସ, ଅନାସ୍ଥା ପ୍ରସ୍ତାବ ବଢାଇଲା ଚର୍ଚ୍ଚା

ଭୁବନେଶ୍ୱର, ୨୨/୭ (ନି.ପ୍ର): ରାଜ୍ୟରେ ବିଜେପି ସରକାର ବିରୋଧରେ ଆସିବ କି ଅନାସ୍ଥା ପ୍ରସ୍ତାବ। ପିସିସି ସଭାପତି ଭକ୍ତ ଦାସ ଏନେଇ ଆହ୍ୱାନ ଦେବା ପରେ ସରଗରମ ରାଜ୍ୟ ରାଜନୀତି। ଭକ୍ତଙ୍କ ବଡ଼ ବୟାନ ପରେ ଏବେ ପ୍ରଶ୍ନ ବିଜେପି ବିରୋଧରେ ଏକ ହେବେ କି ବିଜେଡି ଓ କଂଗ୍ରେସ। ସାମ୍ବାଦିକ ସମ୍ମିଳନୀରେ ଭକ୍ତ କହିଛନ୍ତି, ନାରୀ ନ୍ୟାୟ ପାଇଁ ଯଦି ବିଜେଡି ଆନ୍ତରିକତାର ସହ ଲଢୁଛି ତାହେଲେ ବିଧାନସଭାରେ ସରକାର ବିରୋଧରେ ଆଣୁ ଅନାସ୍ଥା ପ୍ରସ୍ତାବ, ଆଉ ଏହାକୁ ଆମେ ସମର୍ଥନ ଦେବୁ ବୋଲି କହିଛନ୍ତି ଭକ୍ତ। ନଚେତ ଆମେ ଆଣିବୁ ଅନାସ୍ଥା ପ୍ରସ୍ତାବ, ବିଜେଡି ସମର୍ଥନ ଦେଉ ବୋଲି ଭକ୍ତ ସିଧା କହିବା ପରେ ଏହାକୁ ନେଇ ଆରମ୍ଭ ହୋଇଛି ଚର୍ଚ୍ଚା। ସେପଟେ ଭକ୍ତଙ୍କ ଅନାସ୍ଥା ପ୍ରସ୍ତାବରେ ବିଜେଡି ଉପ ସଭାପତି ଦେବୀ ପ୍ରସାଦ ମିଶ୍ର ଜବାବ ଦେଇ କହିଛନ୍ତି, ଏ ପର୍ଯ୍ୟନ୍ତ ବିଧାନସଭାର କୌଣସି

▶▶ପୃଷ୍ଠା ୭

## ଭିଜିଲାନ୍ସ ଜାଲରେ ବିଏମସି କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ



ଭୁବନେଶ୍ୱର, ୨୩/୭ (ନି.ପ୍ର): ଭିଜିଲାନ୍ସ ଜାଲରେ ବିଏମସି କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ । ଆୟ ବହିର୍ଭୁତ ସଂପତି ଠୁଳ କରିବା ଅଭିଯୋଗରେ ଭୁବନେଶ୍ୱର ବିଏମସିର କାର୍ଯ୍ୟନିର୍ବାହୀ ଇଂଜିନିୟର ଜଗନ୍ନାଥ ପଟ୍ଟନାୟକ। ଆୟ ବହିର୍ଭୁତ ସଂପତି ଠୁଳ ଅଭିଯୋଗରେ ୪ଟି ସ୍ଥାନରେ ଚଢାଉ କରିଛି ଭିଜିଲାନ୍ସ। ଭୁବନେଶ୍ୱର ବଡ଼ଗଡ଼ ବାସଭବନ ସମେତ ୪ଟି ସ୍ଥାନ ଯଥା ବାଲିଅନ୍ତା ତହସିଲ ସ୍ଥିତ ଫାର୍ମ ହାଉସ, ରାୟଗଡା ଜିଲ୍ଲାର ପୈତୃକ ଘର, ରାୟଗଡା ଗୁଣୁପୁରର ଅନ୍ୟ ୨ଟି ସ୍ଥାନରେ ଚଢାଉ ହୋଇଛି। ଚଢାଉ ବେଳେ ଏକଜିକ୍ୟୁଟିଭ୍ ଇଂଜିନିୟରଙ୍କର ଅମାପ ସମ୍ପତି ଠାବ କରିଛି ଭିଜିଲାନ୍ସ। ଭୁବନେଶ୍ୱର ସ୍ଥିତ ବଡ଼ଗଡ଼ ବ୍ରିଟ କଲୋନୀର ଅଂଚଳରେ ତିନି ମହଲା କୋଠା ରହିଥିବା ବେଳେ ଘରୁ ୨୦୦ ଗ୍ରାମର ସୁନା ଅଳଙ୍କାର ସହଅନେକ ମୂଲ୍ୟବାନ ଆସବାବପତ୍ର ସିଜ କରିଛି ଭିଜିଲାନ୍ସ ଟିମ।

▶▶ପୃଷ୍ଠା ୭

## ୨୭ ଯାଏଁ ପ୍ରବଳ ବର୍ଷା

ଭୁବନେଶ୍ୱର, ୨୩/୭ (ନି.ପ୍ର): ଉତ୍ତର ବଙ୍ଗୋପସାଗରରେ ସକ୍ରିୟ ହେଉଛି ଘୂର୍ଣ୍ଣିବଳୟ। ଏହା ଆଗାମୀ ୨୪ ଘଣ୍ଟା ପରେ ଲଘୁଚାପ କ୍ଷେତ୍ର ସୃଷ୍ଟି କରିବା ସମ୍ଭାବନା ରହିଛି। ଏହାର ପ୍ରଭାବରେ ଆଜିଠୁ ୨୭ ତାରିଖ ଯାଏଁ ପ୍ରବଳ ବର୍ଷା ସହ ପବନ ନେଇ ଚେତାବନୀ ଦେଇଛି ଆଞ୍ଚଳିକ ପାଣିପାଗ ବିଭାଗ। ଆସନ୍ତାକାଲି ରାଜ୍ୟର ସମସ୍ତ ଜିଲ୍ଲାକୁ ବର୍ଷା ନେଇ ପୂର୍ବାନୁମାନ କରାଯାଇଛି। ସେହିଭଳି ଶୁକ୍ରବାର ରାଜ୍ୟର ସମସ୍ତ ଜିଲ୍ଲାରେ ବର୍ଷା ସାଙ୍ଗକୁ କେନ୍ଦୁଝର ଓ ମୟୂରଭଞ୍ଜ ପାଇଁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିଭଳି ଆଉ ୮ଟି ଜିଲ୍ଲାକୁ ଅରେଂଜ ୱାର୍ଣ୍ଣି ଜାରି କାରଯାଇଛି। ବାକି ସମସ୍ତ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ସମୟ ମଧ୍ୟରେ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଯିବାକୁ ବାରଣ କରାଯାଇଛି।

## ଫିଟିଲା ବାଟ: ସମାଧାନ ହେବ ମହାନଦୀ ବିବାଦ



ଭୁବନେଶ୍ୱର, ୨୩/୭ (ନି.ପ୍ର): ମହାନଦୀ ଜଳବିବାଦର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଚ୍ଚସ୍ତରୀୟ ବୈଠକ। କେନ୍ଦ୍ର ସରକାରଙ୍କ ସହଯୋଗରେ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଆପୋଷ ଆଲୋଚନା ଜରିଆରେ ସମାଧାନ ଉପରେ ଗୁରୁତ୍ୱାରୋପ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଲୋକସେବା ଭବନରେ ଅନୁଷ୍ଠିତ ବୈଠକରେ ମୁଖ୍ୟମନ୍ତ୍ରୀ କହିଛନ୍ତି, କେନ୍ଦ୍ରୀୟ ଜଳ କମିଶନରେ ସମସ୍ୟା ସମାଧାନ ପାଇଁ ହେଉଥିବା ଉଦ୍ୟମ ମନ୍ଥର ଗତିରେ ଚାଲିଛି। ତେଣୁ କେନ୍ଦ୍ର ସରକାରଙ୍କ ସହଯୋଗରେ ଉଭୟ ରାଜ୍ୟ ମଧ୍ୟରେ ଆପୋଷ ଆଲୋଚନା କରାଯାଇ ଏହି ସମସ୍ୟାର ସମାଧାନ କରାଯାଇପାରିବ। ଏଥିରେ କେନ୍ଦ୍ର ଜଳ କମିଶନ ବୈଷୟିକ ସହଯୋଗ ପ୍ରଦାନ କରିପାରିବେ।

▶▶ପୃଷ୍ଠା ୭

## ଚାଷୀଙ୍କୁ ଅଡୁଆ ଇ-କେୱାଇସି

ଭୁବନେଶ୍ୱର, ୨୩/୭ (ନି.ପ୍ର): ଚାଲିଛି ସାରାରାଜ୍ୟରେ ଚାଷୀ ପଞ୍ଜୀକରଣ । ସମବାୟ ସମିତିରେ ଲାଗିଛି ଚାଷୀଙ୍କ ଭିଡ଼ । ପଞ୍ଜୀକରଣ ପାଇଁ ଏଥର ଚାଷୀଙ୍କ ଆଖି ସ୍କାନ୍ କରାଯାଉଥିବାରୁ ଅଧିକ ସମୟ ଲାଗୁଛି । ଫଳରେ ଚାଷୀ କାମ ଛାଡି ଘଂଟା ଘଂଟା ଅପେକ୍ଷା କରୁଛନ୍ତି । ଇଂଟରନେଟ୍ ସର୍ଭର ଡାଉନ ହେଲେ କଥା ସରିଲା । ବନ୍ଦ ହୋଇଯାଉଛି ପଞ୍ଜୀକରଣ । ଯାହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ଚାଷୀ । ଗୁଣପୁର ଭଳି ବରଗଡ଼ ଓ ନିଆଳି ସମେତ ରାଜ୍ୟର ଅନ୍ୟ ଅଂଚଳର ଚାଷୀ ମଧ୍ୟ ସମାନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଇ-କେୱାଇସି ବ୍ୟବସ୍ଥାକୁ ସ୍ୱାଗତ କରିଥିଲେ ବି ଚାଷ ସମୟରେ କେମିତି କରିବେ ସେ ନେଇ ଚିନ୍ତାରେ ପଡ଼ିଛନ୍ତି । କାମ ବନ୍ଦ କରି ଇ-କେୱାଇସି ପାଇଁ ଲାଗିଲେ ଚାଷ ପ୍ରଭାବିତ ହେବାର ଆଶଙ୍କା କରିଛନ୍ତି । ସେପଟେ ପଞ୍ଜୀକରଣକୁ ସରଳୀକରଣ କରାଯାଇଛି କହି ସଫେଇ ରଖିଛନ୍ତି ଯୋଗାଣ ମନ୍ତ୍ରୀ । ମାସ ମାସ ଧରି ରାସନକାର୍ଡ ହିତାଧିକାରୀଙ୍କ ଇ-କେୱାଇସି ଅପଡେଟ୍ ଚାଲିଥିଲେ ବି ବିଭିନ୍ନ କାରଣ ଯୋଗୁଁ ଏପର୍ଯ୍ୟନ୍ତ ୨୦ ଲକ୍ଷ ଲୋକ କରିପାରିନାହାନ୍ତି । ଏଭଳି ସ୍ଥିତିରେ ମାସେ ଭିତରେ ଚାଷୀଙ୍କ ପଞ୍ଜୀକରଣ କେମିତି ହେବ ତାହା ସରକାରଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି ।

## ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ କଲେ ବିଏସ୍ଏଫ୍ ଯବାନ

ବୈପାରିଗୁଡ଼ା, ୨୩/୭ (ନି.ପ୍ର): କୋରାପୁଟ ଜିଲ୍ଲା ବୈପାରିଗୁଡ଼ା ଅଞ୍ଚଳରେ ମାଓବାଦୀ ନିଜ ସ୍ଥିତି ଦୃଢ଼ ଥିବା ନେଇ ସୂଚନା ଦେଇଛନ୍ତି। ବିଏସଏଫ ଯବାନଙ୍କୁ ଟାର୍ଗେଟ କରି ପାହାଡ଼ର ଏକ ପଥର ତଳେ ଲ୍ୟାଣ୍ଡମାଇନ ବିସ୍ଫୋରକ ସାମଗ୍ରୀ ରଖିଥିଲେ ମାଓବାଦୀ। ଏହାକୁ ବିଏସ୍ଏଫ୍ ଯବାନମାନେ ପଣ୍ଡ କରିଛନ୍ତି। ସୂଚନା ଅନୁଯାୟୀ, ବୈପାରିଗୁଡା ବ୍ଲକ ଅନ୍ତର୍ଗତ ରାମଗିରି ଠାରେ ଅବସ୍ଥାପିତ ୧୮୦ ବିଏସଏଫ ବାଟାଲିୟନ ଯବାନଙ୍କୁ କୌଣସି ସୂତ୍ରରୁ ଖବର ମିଳିଥିଲା ଯେ, ଗୁପ୍ତେଶ୍ୱର ପଞ୍ଚାୟତର ସାବେରୀ ନଦୀ କୂଳରେ ଥିବା ଘୋଡାଘାଟ ପାହାଡ଼ ଉପରେ ଗୋଟିଏ ପଥର ତଳେ କିଛି ସାମଗ୍ରୀ ରଖାଯାଇଛି। ଖବର ପାଇ ରାମଗିରି ୧୮୦ ବିଏସଏଫ ଯବାନ ଉକ୍ତ ଅଞ୍ଚଳରେ ଅପରେସନ ଜୋରଦାର ଆରମ୍ଭ କରିଥିଲେ। ଗୁପ୍ତେଶ୍ୱର ପଞ୍ଚାୟତର ସାବେରୀ ନଦୀ କୂଳରେ ଥିବା ଘୋଡାଘାଟ ପାହାଡ଼ ଉପରେ ଗୋଟିଏ ପଥର ତଳେ କିଛି ସାମଗ୍ରୀ ରଖାଯାଇଛି। ଅତି ସତର୍କତାର ସହ ପାହାଡ଼ ଉପରେ ଚଢ଼ି ବୋମା ସନ୍ଧାନ ମେସିନ ଦ୍ୱାରା ଖୋଜାଖୋଜି କରିବା ଆରମ୍ଭ କରିଥିଲେ। ଘୋଡାଘାଟ ପାହାଡ଼ର ଏକ ପଥର ତଳେ ଜିଲୋଟିନ ଷ୍ଟିକ୍ ଥିବା ଜଣାପଡିଥିଲା। ତୁରନ୍ତ ସମସ୍ତ ଜିଲୋଟିନ ଷ୍ଟିକ୍ ବାହାର କରାଯାଇଥିଲା। ବିଏସଏଫ କ୍ୟାମ୍ପକୁ ଆଣିବା ପରେ ଜବତ କରାଯାଇଥିବା ଜିଲୋଟିନ ଷ୍ଟିକ୍ ଗଣିବାରୁ ସେଥିରେ ୨୭ଟି ଷ୍ଟିକ୍ ରହିଥିବା ଜଣାପଡିଛି। ଜବତ ଜିଲୋଟିନ ଷ୍ଟିକ୍ ଗୁଡ଼ିକୁ ବୈପାରିଗୁଡା ଥାନାକୁ ହସ୍ତାନ୍ତର କରାଯିବ ବୋଲି ସୂଚନା ରହିଛି।

## ସରଗରମ ବିହାର ରାଜନୀତି: ଚର୍ଚ୍ଚାରେ ଚିରାଗ ପାସୱାନଙ୍କ ବୟାନ



ନୂଆଦିଲ୍ଲୀ,୨୩/୭ : ବିହାର ବିଧାନସଭା ନିର୍ବାଚନ ଆଉ କିଛି ଦିନ ଥିବାବେଳେ ତାକୁ ନେଇ ରାଜନୀତି ସରଗରମ ହେବାରେ ଲାଗିଛି । ଏବେ ଏହାକୁ ନେଇ ଘଉଇ ଏବଂ ମହାଗଠବନ୍ଧନରେ ସାମିଲ ଥିବା ଦୁଇ ଦଳର ମନୋଭାବ ମଧ୍ୟ ପରିବର୍ତ୍ତନ ହେବାରେ ଲାଗିଛି । ଚିରାଗ ପାସୱାନ ଘଉଇରେ ଥିବା ସମୟରେ ନୀତିଶ କୁମାରଙ୍କ ବିରୋଧରେ ପୁଣି ଏକ ମୋର୍ଚ୍ଚା ଖୋଲିଛନ୍ତି , ଯେତେବେଳେ ମହାଗଠବନ୍ଧନରେ ଥିବା ସମୟରେ ମୁକେଶ ସାହାନିଙ୍କ ସ୍ୱର ମଧ୍ୟ ତିକ୍ତ ହେଉଥିବା ଦେଖିବାକୁ ମିଳିଥିଲା । ଉଭୟଙ୍କ ସ୍ୱର ଭିନ୍ନ ହୋଇଥାଇପାରେ । ଚିରାଗ ପାସୱାନ ବିହାରରେ ବଢୁଥିବା ଅପରାଧକୁ ନେଇ ନୀତିଶଙ୍କୁ ଟାର୍ଗେଟ କରୁଥିବା ମଧ୍ୟ ଦେଖିବାକୁ ମିଳିଥିଲା । ଏଥିସହ ସେ କହିଛନ୍ତି ବିହାରରେ ଆଇନ ଶୃଙ୍ଖଳା ନଷ୍ଟ କରୁଛନ୍ତି ନୀତିଶ। ଏ ନେଇ ସେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ମଧ୍ୟ ଲେଖିଛନ୍ତି। ଚିଠିରେ ସେ କହିଛନ୍ତି ବିହାର ର ସ୍ଥିତି ଦିନକୁ ଦିନ ରକ୍ତାକ୍ତ ହେବାରେ ଲାଗିଛି । ଏବେ ସେ ଏକ ଚରମବାଣୀ ଦେଇଛନ୍ତି ଯେ ମହାଗଠବନ୍ଧନ ତାଙ୍କୁ ଉପମୁଖ୍ୟମନ୍ତ୍ରୀ ଘୋଷଣା କରିବା ଉଚିତ, ନଚେତ୍ ତେଜସ୍ୱୀ ମୁଖ୍ୟମନ୍ତ୍ରୀ ହେବା ନେଇ ସେ ସ୍ପଷ୍ଟ ଶୁଣାଇଛନ୍ତି । ଏବେ ଆହୁରି ଏକ ଆଲୋଚନାରେ ପ୍ରସଙ୍ଗ ପାଲଟିଛି ଚିରାଗ ପାସୱାନଙ୍କ ବୟାନ। 'ରାଜ୍ୟର ଆଇନ ଶୃଙ୍ଖଳା ସମସ୍ତଙ୍କ ପାଇଁ ଚିନ୍ତାର ବିଷୟ । ଯଦି କେନ୍ଦ୍ର କ୍ୟାବିନେଟରୁ ମୋର ଇସ୍ତଫା ଆଇନ ଶୃଙ୍ଖଳାରେ ଉନ୍ନତି ଆଣିପାରିଥାନ୍ତା, ତେବେ ମୁଁ ଏଥିରେ ଗୋଟିଏ ମିନିଟ୍ ମଧ୍ୟ ବିଳମ୍ବ କରିନଥାନ୍ତି କିନ୍ତୁ ଦିନକୁ ଦିନ ବିହାର ର ସ୍ଥିତି ରକ୍ତପାତ ହେଉଛି। କିନ୍ତୁ ମୁଁ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବି ।' ଏଲଜେପି-ଆର ରାଷ୍ଟ୍ରୀୟ ଅଧ୍ୟକ୍ଷ ଏବଂ କେନ୍ଦ୍ର ମନ୍ତ୍ରୀ ଚିରାଗ ପାସୱାନଙ୍କ ଏପରି ବକ୍ତବ୍ୟ ଗତ କିଛି ମାସ ଧରି ବିହାରର ରାଜନୈତିକ ପରିବେଶରେ ପ୍ରତିଧ୍ୱନିତ ହେଉଛି । ଚିରାଗ ଏହା ମଧ୍ୟ କହିଛନ୍ତି ଯେ ସେ ଜାଣନ୍ତି ଯେ ତାଙ୍କ ଦଳକୁ କିଏ ଭାଙ୍ଗିଛି । ବିହାରରେ ନୀତିଶ କୁମାରଙ୍କ ନେତୃତ୍ୱରେ ଏକ ଏନଡିଏ ସରକାର ଅଛି ଏବଂ ଚିରାଗ ପାସୱାନ

▶▶ପୃଷ୍ଠା ୭


ସାଗରିକା

ଧ୍ୱନି ପ୍ରତିଧ୍ୱନି

ସ୍ୱନକ୍ଷତ୍ର ଦିବସ ସମାରୋହ-୨୦୨୫

ଅବଗଣନା

୦୩ ଦିନ ବାକି

ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ରାଜ୍ୟର ବିଶିଷ୍ଟ ସାହିତ୍ୟ ସାଧକମାନଙ୍କ ସମାଗମରେ ପ୍ରତିଭା ସମ୍ମାନ ପର୍ବ, ଏବଂ ବହୁ ଆକାଂକ୍ଷିତ 'ଧ୍ୱନିପ୍ରତିଧ୍ୱନି' ଓ 'ସାଗରିକା'ର ସ୍ୱନକ୍ଷତ୍ର ବିଶେଷାଙ୍କ ଉନ୍ମୋଚନ ଓ ସ୍ୱରଚିତ କବିତା ପାଠୋତ୍ସବ କରାଯିବ।

ସମସ୍ତଙ୍କୁ ସାଦର ଆମନ୍ତ୍ରଣ।

୨୭ ଜୁଲାଇ, ୨୦୨୫, ରବିବାର ପୂର୍ବାହ୍ନ @ ୯.୩୦ ଘଟିକା
ସ୍ଥାନ: ଭେନିଆ ପାରାଡାଇଜ୍, ବାଲେଶ୍ୱର

# ଆଟିଗାଁ ହତ୍ୟା ମାମଲା : ଅଭିଯୁକ୍ତମାନଙ୍କୁ ଗିରଫ ଦାବିରେ ଜୟପୁର ଏସଡିପିଓ ଅଫିସ ଘେରାଉ

ଜୟପୁର, ୨୩/୦୭ (ନି.ପ୍ର): କୋରାପୁଟ ଜିଲ୍ଲା କୁନ୍ଦୁରା ଥାନା ଅନ୍ତର୍ଗତ ଆଟିଗାଁରେ ହତ୍ୟା କରିଥିବା ଅଭିଯୁକ୍ତ ମାନଙ୍କୁ ତୁରନ୍ତ ଗିରଫ କରିବା ଓ ପୀଡ଼ିତ ପରିବାରକୁ କ୍ଷତିପୂରଣ ଦେବା ଦାବିରେ ବୋରିଗୁମ୍ମା ଥାନା କାମରା ଗ୍ରାମର ଗ୍ରାମବାସୀ ଆଜି ଜୟପୁର ଏସଡିପିଓଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି । ଏହାସହ କୋରାପୁଟ ଏସପିଙ୍କ ଉଦ୍ଦେଷ୍ୟରେ ଜୟପୁର ଏସଡିପିଓ ପାର୍ଥ କଶ୍ୟପଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଗତ ୧୮ ତାରିଖରେ ମୃତ ଭରତ ହରିଜନ ତାଙ୍କ ସାଙ୍ଗ ଘରକୁ ଯିବି କହି ଘରୁ ବାହାରି ଥିଲେ । ୧୯ ତାରିଖରେ କୁନ୍ଦୁରା ପୋଲିସ ତରଫରୁ ଭରତଙ୍କ ମୃତ୍ୟୁ ହୋଇଥିବା ସୂଚନା ଦେଇଥିଲେ । ସୂଚନା ଆଧାରରେ ପରିବାର ଲୋକେ କୁନ୍ଦୁରା ଥାନାକୁ ଆସିଥିଲେ । ମୃତ ବ୍ୟକ୍ତିଙ୍କୁ ଚିହ୍ନଟ କରିବା ପରେ ପୋଲିସ ତରଫରୁ ଶବ ହସ୍ତାନ୍ତର କରିଥିଲେ । ପରିବାର ଲୋକେ ଶବ ଶତ୍କାର କରିଥିଲେ । ସ୍ୱାମୀ ଭରତ ହରିଜନଙ୍କୁ କୁନ୍ଦୁରା ଥାନା ଅନ୍ତର୍ଗତ ଆଟିଗାଁ ଗ୍ରାମର ଗ୍ରାମବାସୀ ମାନେ ସଂଘବଦ୍ଧ ଭାବେ ଠେଙ୍ଗାରେ ପିଟି ପିଟି ହତ୍ୟା କରିଛନ୍ତି । ଉକ୍ତ ଘଟଣାର ଭିଡିଓ ରେକର୍ଡ କରିଛନ୍ତି । ଯାହାକି ମୋବାଇଲ ଠାରୁ ମୋବାଇଲ ଘୁରି ବୁଲୁଛି । ତେଣୁ ତୁରନ୍ତ ପୋଲିସ ଭରତ ହତ୍ୟାରେ ଜଡ଼ିତ ଥିବା ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ମୃତ ଭରତଙ୍କ ସ୍ତ୍ରୀ ପଦ୍ମା ହରିଜନଙ୍କ ସହ ପରିବାର ଲୋକେ ଏସଡିପିଓ ଙ୍କ ଦ୍ୱାରସ୍ଥ ହୋଇ ଦାବି କରିଛନ୍ତି ।

ସୂଚନା ଅନୁଯାଇ ଗତ ୧୮ ତାରିଖ ଶୁକ୍ରବାର କୁନ୍ଦୁରା ବ୍ଲକ ଅଟିଗାଁ ରେ ବ୍ୟବସାୟୀ ସଚିନ୍ଦ୍ର ଗୁପ୍ତାଙ୍କ ଘରେ ରାତି ପ୍ରାୟ ୨ଟା ସମୟରେ ୫ ଜଣ ଦୁର୍ବୃତ ଚୋରି କରିବା ଉଦ୍ଦେଶ୍ୟରେ ଯାଇଥିଲେ । ବ୍ୟବସାୟୀଙ୍କ ଘରର କବାଟ ତାଡି ଘରେ ପଶି ପରିବାର ଲୋକଙ୍କୁ ଖଣ୍ଡା ଦେଖାଇ ଭୟଭିତ କରିଥିଲେ । ୧ ଲକ୍ଷ ଟଙ୍କା ସୁନା ଚେନ ଲୁଟ କରିବା ପରେ ବ୍ୟବସାୟୀଙ୍କ ସହ ହାତାହାତି ପରିସ୍ଥିତି ଉପୁଜିଥିଲା । ଖବର ପାଇ ଗ୍ରାମବାସୀ ପହଂଚି ଥିଲେ । ଚାରି ଦୁର୍ବୃତ ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ବେଳେ ଜଣେ ଦୁର୍ବୃତକୁ ଧରିଥିଲେ । ଦୁର୍ବୃତକୁ ଉତମ ମଧ୍ୟମ ଦେବା ପରେ କୁନ୍ଦୁରା ପୋଲିସର ଜିମା ଦେଇଥିଲେ । ପୋଲିସ ଅଭିଯୁକ୍ତକୁ କୁନ୍ଦୁରା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରିଥିଲେ । ଚିକିତ୍ସାଧିନ ଅବସ୍ଥାରେ ଦୁର୍ବୃତର ମୃତ୍ୟୁ ହୋଇଥିଲା । ମୃତକ ଜଣକ ବୋରିଗୁମ୍ମା ଥାନା କାମରା ଗାଁର ଭରତ ହରିଜନ ବୋଲି ପୋଲିସ ତଦନ୍ତରୁ ଜାଣି ବାକୁ ପାଇଥିଲା । ସୂଚନା ପାଇବା ପରେ ଜୟପୁର ଏସଡିପିଓ ପାର୍ଥ କଶ୍ୟପ, ସାଇଂଟିଫିକ୍ ଟିମ୍, କୁନ୍ଦୁରା ପୋଲିସ ଯାଇ ତଦନ୍ତ କରି ଫେରିଥିଲେ । ଆଜି ଏସଡିପିଓ କଶ୍ୟପ ଦାବିପତ୍ର ଗ୍ରହଣ କରିଥିଲେ । ସେ ଏନେଇ ସୂଚନା ଦେଇ କହିଛନ୍ତି ଯେ, ଏହି ଘଟଣାକୁ ନେଇ ଗୋଟିଏ ହତ୍ୟା ମାମଲା ଓ ଡକାୟତି ଦୁଇଟି ମାମଲା ରୁଜୁ ହୋଇଛି । ଶବ ବ୍ୟବଛେଦ ରିପୋର୍ଟ ଓ ସାଇଣ୍ଟିଫିକ ଟିମ ର ରିପୋର୍ଟ ଆସିବା ପରେ ପଦକ୍ଷେପ ନିଆଯିବ ବୋଲି ସୂଚନା ଦେଇଛନ୍ତି ।

# କେନ୍ଦୁଝର ସହରର ପ୍ରସିଦ୍ଧ କାଳୀତିର୍ଥ ପଢିଆରେ 'କେନ୍ଦୁଝର ବାଣିଜ୍ୟ ମେଳା' ଶୁଭାରମ୍ଭ

କେନ୍ଦୁଝର, ୨୩/୦୭ (ନି.ପ୍ର): ସ୍ଥାନୀୟ କାଳୀ ପଡିଆରେ 'କେନ୍ଦୁଝର ବାଣିଜ୍ୟ ମେଳା' ଉଦ୍ଘାଟିତ ହୋଇଯାଇଛି । ଆଇନଜୀବୀ, ଜିଲ୍ଲାପରିଷଦ ସଭ୍ୟ ଆଶିଷ ଚକ୍ରବର୍ତୀଙ୍କ କରକମଳରେ 'କେନ୍ଦୁଝର ବାଣିଜ୍ୟ ମେଳା' ଶୁଭ ଉଦଘାଟନ କରାଯାଇଛି । ଏହି ବାଣିଜ୍ୟ ମେଳାରେ ଦେଶର ବିଭିନ୍ନ ରାଜ୍ୟର ବ୍ୟକ୍ତି ଓ ବ୍ୟବସାୟୀ ମାନଙ୍କୁ ବାଣିଜ୍ୟ ମେଳାରେ ସାମଗ୍ରୀ ପ୍ରଦର୍ଶନ ଏବଂ ବିକ୍ରୀ କରିବାର ସୁଯୋଗ ଦିଆଯାଇଛି । ଆଶିଷ ଚକ୍ରବର୍ତୀଙ୍କ ଦ୍ୱାରା ଏହି ବାଣିଜ୍ୟ ମେଳା ଉଦଘାଟନ କରି ମେଳା ଆୟୋଜନ କର୍ତା ଓ ଦେଶର ବିଭିନ୍ନ ପ୍ରାନ୍ତରରୁ ଅଂଶ ଗ୍ରହଣ କରିଥିବା ବ୍ୟବସାୟୀ ମାନଙ୍କୁ ସାଧୁବାଦ୍ ସହିତ ଧନ୍ୟବାଦ ଜଣାଇଥିଲେ । କେନ୍ଦୁଝର ଜିଲ୍ଲା ତଥା ସହରରେ ଏପରି ବାଣିଜ୍ୟ ମେଳା ଆୟୋଜନ କରାଯିବା ଉଚିତ୍ ବୋଲି ମତବ୍ୟକ୍ତ କରିଥିଲେ । ଏହା କରିବା ଦ୍ୱାରା କେନ୍ଦୁଝର ଜିଲ୍ଲାବାସୀଙ୍କୁ ଆବଶ୍ୟକ ବିଭିନ୍ନ ପ୍ରକାର ରର ସାମଗ୍ର ମଗ୍ରୀ ଶୁଲଭ ମୂଲ୍ୟରେ ମିଳିବ । ଏହା ବ୍ୟତୀତ ବାଣିଜ୍ୟ ମେଳାରେ ବିଭିନ୍ନ ରାଜ୍ୟରୁ ଅଂଶ ଗ୍ରହଣ କରିଥିବା ବ୍ୟବସାୟୀ ମାନଙ୍କୁ ପ୍ରୋତ୍ସାହନ ମିଳି ମିଳିବ । ଜିଲ୍ଲା ପ୍ରଶାସନ ତରଫରୁ 'କେନ୍ଦୁଝର ବାଣିଜ୍ୟ ମେଳା' ଅଗଷ୍ଟ ମାସ ୧୦ ତାରିଖ ପର୍ଯ୍ୟନ୍ତ ଆୟୋଜନ କରିବା ପାଇଁ ଅନୁମତି ପ୍ରଦାନ କରିଛନ୍ତି । ବାଣିଜ୍ୟ ମେଳା ପ୍ରତ୍ୟେକ ଦିନ ପୂର୍ବାହ୍ନ ୯ଟା ଠାରୁ ରାତ୍ରି ୧୦ଟା ପର୍ଯ୍ୟନ୍ତ ଖୋଲା ରହିବ । ବାଣିଜ୍ୟ ମେଳା ପରିଦର୍ଶନ କରିବା ପାଇଁ ଆସୁଥିବା ଦର୍ଶକମାନଙ୍କର ମଟର ଯାନବାହାନ ନିମନ୍ତେ ଉପଯୁକ୍ତ ପାର୍କିଂ ବ୍ୟବସ୍ଥା କରାଯାଇଛି । ଏହି ବାଣିଜ୍ୟ ମେଳା ଅନ୍ୟାନ୍ୟ ମେଳା ଠାରୁ ସଂପୂର୍ଣ୍ଣ ଭିନ୍ନ ଏବଂ ନୂତନ ବୋଲି ଆୟୋଜକ ପ୍ରକାଶ କରିଛନ୍ତି ।

# କନ୍ଧମାଳ ପୋଲିସ ପ୍ରଶାସନ ତରଫରୁ ପୋକ୍ସୋ ସଚେତନତା କାର୍ଯ୍ୟକ୍ରମ

କନ୍ଧମାଳ, ୨୩/୦୭ (ନି.ପ୍ର): କନ୍ଧମାଳ ଏସପି ହରିଶ ବିଶିଙ୍କ ତତ୍ତ୍ୱାବଧାନରେ କନ୍ଧମାଳ ପୋଲିସ ପ୍ରଶାସନ ତରଫରୁ ପୋକ୍ସୋ ସଚେତନତା କାର୍ଯ୍ୟକ୍ରମ ବିଭିନ୍ନ ଶିକ୍ଷାନୁଷ୍ଠାନ ମାନଙ୍କରେ ଅନୁଷ୍ଠିତ ହୋଇଯାଇଛି । ଏହି ସଚେତନତା କାର୍ଯ୍ୟକ୍ରମରେ କନ୍ଧମାଳ ଏସପି ହରିଶ ବିଶି, ଆଡିସନାଲ୍ ଏସପି ବିଭୂତି ଭୂଷଣ ମହାପାତ୍ର ଫୁଲବାଣୀ ଏସଡିପିଓ ସୁଭ୍ରଜିତ ବିଶ୍ୱାଳ, ସାଇବର ଆଇଆଇସି ଗେଲି ସାହୁ, ମୁଖ୍ୟାଳୟ ଇନ୍ସପେକ୍ଟର ଦୀପିକାରେ ପ୍ରମୁହ ଯୋଗ ଦେଇଥିଲେ । ସଚେତନତା କାର୍ଯ୍ୟକ୍ରମ ସ୍ୱୟଂଶାସିତ ମହାବିଦ୍ୟାଳୟ ଫୁଲବାଣୀ, ପିଏମ୍ ଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟ ପକନା ଗାଁ ଏବଂ ସରକାରୀ ବହୁମୁଖି ବୈଷୟିକ ଶିକ୍ଷାନୁଷ୍ଠାନ କନ୍ଧମାଳରେ ସଚେତନତା କରାଇବା ସହ ପୋକ୍ସୋ କଣ ପୋକ୍ସୋ ଦ୍ୱାରା କେଉଁ କେଉଁ ଦଣ୍ଡ ବିଧାନ ହୁଏ କେତେ ବର୍ଷ ଦଣ୍ଡ ବିଧାନ ହୁଏ ତାହା ଫୁଲବାଣୀ ଏସଡିପିଓ ସୁରଜିତ ବିଶ୍ୱାଳ ପ୍ରାଞ୍ଜଳ ଭାବେ ବୁଝାଇବା ସହ ଏଥିରୁ ନିବୃତ ରହିବା ନିମନ୍ତେ ସମସ୍ତ ଛାତ୍ର ଛାତ୍ରୀଙ୍କୁ ଅନୁରୋଧ କରିଥିଲେ । ଏହି ଅଭିଯାନର ଲକ୍ଷ୍ୟ ଥିଲା ଛାତ୍ର ଏବଂ କର୍ମଚାରୀ ମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ଆଇନଗତ ଢାଂଚା ଏବଂ ସମସାମୟିକ ସୁରକ୍ଷା ଚିନ୍ତାଧାରା ବିଷୟରେ ସଚେତନ କରିବା, ବିଶେଷକରି ଆଭ୍ୟନ୍ତରୀଣ ଅଭିଯୋଗ କମିଟି(ଆଇସିସି), ଯୌନ ଅପରାଧରୁ ଶିଶୁ ସୁରକ୍ଷା(ପୋକ୍ସୋ) ଆଇନ, କର୍ମକ୍ଷେତ୍ରରେ ମହିଳାମାନଙ୍କ ଯୌନ ନିର୍ଯାତନା(ନିବାରଣ, ନିଷେଧ ଏବଂ ପ୍ରତିକାର) (ପିଓଏସଏଚ୍ ) ଆଇନ ଏବଂ ଗୁରୁତ୍ୱପୂର୍ଣ୍ଣ ସାଇବର ସାଇବର ସୁରକ୍ଷାକୁ ନେଇ ସାଇବର ଆଇଆଇସି ଗେଲି ସାହୁ ସାଇବର କ୍ରାଇମ କଣ କିପରି ସାଇବର ଠକାମୀର ଶିକାର ହେବାକୁ ପଡେ ସାଇବର ଶିକାର ହେବା ଦ୍ୱାରା କେଉଁ କେଉଁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼େ ସାଇବର ଦ୍ୱାରା କିପରି ହଇରାଣ ଜନସାଧାରଣ ହେଉଛନ୍ତି, ସାଇବର କ୍ରାଇମ ଉପରେ ସମସ୍ତ ବିବରଣୀ ଦେବା ସହ ସାଇବର ଶିକାର ର ସମ୍ମୁଖୀନ କରୁଥିଲେ ୧୯୩୦ ନମ୍ବର କୁ କଲ କରି ନିଜର ଅସୁବିଧା ଜଣାଇବା ସହ ଅନ୍ୟ କିଏ ଏହି ଅସୁବିଧାର ସମ୍ମୁଖୀନ ହୋଇଥିଲେ ତାଙ୍କୁ ଉଧାର କରିବା ପାଇଁ ପରାମର୍ଶ ମଧ ଦେଇଥିଲେ ।

# ପ୍ରହସନ ପାଲଟିଛି ସର୍ବଶିକ୍ଷା ଅଭିଯାନ: ପୁଅର ନାମ ଲେଖାଇବାକୁ ଚାରି ମାସ ଧରି ଅଭିଭାବକ ହନ୍ତସନ୍ତ

ସମ୍ବଲପୁର, ୨୩/୦୭ (ନି.ପ୍ର): ସରକାର ଶିକ୍ଷାକୁ ପ୍ରାଧାନ୍ୟ ଦେଇ ୬ରୁ ୧୪ ବର୍ଷ ବୟସର ସମସ୍ତ ଶିଶୁଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ପାଇଁ ସର୍ବଶିକ୍ଷା ଅଭିଯାନ କାର୍ଯ୍ୟକାରୀ କଲେ । ଏହି ଯୋଜନାରେ ନିଃଶୁଳରେ ଶିକ୍ଷା ଯୋଗାଇବାର ପ୍ରାବଧାନ ଥିବାବେଳେ ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକରେ ଏହି ଯୋଜନା ବାଟବଣା ହୋଇପଡିଛି । ସୂଚନା ଅନୁଯାଇ ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ସର୍ଡା ପଂଚାୟତ ପଥୁରିଆ ଗ୍ରାମର ବଳରାମ ଦେହୁରୀ ନିଜ ପୁଅ ରଞ୍ଜନ ଦେହୁରୀଙ୍କୁ ପଠା ପଢ଼ାଇବା ପାଇଁ ବିଦ୍ୟାଳୟରୁ ଆରମ୍ଭ କରି ଗୋଷ୍ଠି ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନିଅଂଟ ହୋଇଥିବାବେଳେ ଆଜିକୁ ପ୍ରାୟ ଚାରି ମାସ ହେବାକୁ ଯାଉଥିବାବେଳେ ଶିଶୁଟିର ନାମ ଲେଖିବାରେ ବିଫଳ ହୋଇଛି ଜମନକିରା ହାଇସ୍କୁଲ ଏବଂ ଜମନକିରା ଶିକ୍ଷା ବିଭାଗ କାର୍ଯ୍ୟାଳୟ । ବିଗତ ଚାରିମାସରୁ ବାରମ୍ବାର ପୁଅର ନାମ ଲେଖାଇବାକୁ ଜମନକିରା ହାଇସ୍କୁଲକୁ ଆସୁଥିବା ସତ୍ତ୍ୱେ ତାଙ୍କ ନାମ ଲେଖିପାରୁନାହାନ୍ତି ଏହି ବିଦ୍ୟାଳୟର ଶିକ୍ଷକମାନେ । ପୁଅକୁ ୧୪ ବର୍ଷ ନ ହେଲେ ଜମନକିରା ହାଇସ୍କୁଲରେ ନାମ ଲେଖିପାରିବେ ନାହିଁ ବୋଲି ଉତର ଦେଇ ଫେରାଇ ଦେଇଛନ୍ତି ବିଦ୍ୟାଳୟ ଶିକ୍ଷକ । ସର୍ଡାକ୍ଷ ହାଇସ୍କୁଲ ରେ ପଠା ପଢୁଥିବା ସମୟରେ ଅଷ୍ଟମ ଶ୍ରେଣୀ ପାସ କରିବା ପରେ ନବମ ଶ୍ରେଣୀରେ ପାଠ ନ ପଢି ଗୋଟିଏ ବର୍ଷ ଡ୍ରପ ଆଉଟ ହୋଇରହିଥିବା ବେଳେ ବର୍ତମାନ ପୁଣି ବିଦ୍ୟାଳୟ ଯିବାକୁ ଚାହୁଁଥିବା ସତ୍ତ୍ୱେ ବିଦ୍ୟାଳୟ ରେ ନାମ ଲେଖା ଯାଇପାରୁନାହିଁ ଏପରିକି ଜମନକିରା ଗୋଷ୍ଠି ଶିକ୍ଷା ଅଧିକାରୀଙ୍କୁ ଭେଟି ନିଜ ଅସୁବିଧା ସମ୍ପର୍କରେ ଜଣାଇଥିବା ସତ୍ତ୍ୱେ ତାଙ୍କ ନାମ ଲେଖାଯାଇପାରୁନାହିଁ । ଏପରିକି ଏ ସମ୍ପର୍କରେ ପୂର୍ବତନ ଶିକ୍ଷକ ତଥା ବରିଷ୍ଠ ସମାଜସେବି ରବୀନ୍ଦ୍ର ପାଣିଗ୍ରାହୀ ଜମନକିରା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଏ ସମ୍ପର୍କରେ ଆଲୋଚନା କରିଥିବା ସତ୍ତ୍ୱେ ଶିଶୁଟିର ନାମ ଲେଖାଯାଇପାରୁନାହିଁ ଏଣୁକରି ସମ୍ବଲପୁର ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି କରିଛନ୍ତି । ଏ ସମ୍ପର୍କରେ ଜମନକିରା ବ୍ଲକ ଶିକ୍ଷା ଅଧିକାରୀ ରୁକ୍ମଣ ପଟେଲଙ୍କୁ ପଚାରିବାରୁ ଉକ୍ତ ବାପ ପୁଅ ମୋ ପାଖକୁ ଆସିଥିଲେ ମୁଁ ଜମନକିରା ହାଇସ୍କୁଲ ପ୍ରଧାନ ଶିକ୍ଷକଙ୍କୁ ତାଙ୍କ ନାମ ଲେଖିବାକୁ କହିଥିଲି ହେଲେ ପରେ ଜାଣିବାକୁ ପାଇଲି ତାଙ୍କ ନାମ ଲେଖାଯାଇ ପାରିନାହିଁ ମୁଁ ଏହାର ସମାଧାନ କରି ଶିଶୁଟିର ନାମ ଲେଖାଇବାକୁ ଚେଷ୍ଟା କରିବି ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି ହେଲେ ବିଡମ୍ବନାର ବିଷୟ ଶିକ୍ଷା ଅଧିକାରୀଙ୍କ ଆଦେଶ ପରେ ମଧ ଜମନକିରା ହାଇସ୍କୁଲର ପ୍ରଧାନ ଶିକ୍ଷକ କାହିଁକି ତାଙ୍କ ନାମ ଲେଖିଲେ ନାହିଁ ତାହା ତଦନ୍ତ ସାପେକ୍ଷ ।

## ମାଟି ଗୁଳା ତାଲିମ ଶିବିର ଅନୁଷ୍ଠିତ

କେନ୍ଦୁଝର, ୨୨ ଜୁଲାଇ (ହି.ସ.) ନୂତନ ଜଙ୍ଗଲ ସୃଷ୍ଟି ଓ ସ୍ଥାନୀୟ ମଞ୍ଜିକୁ ନେଇ ମାଟି ଗୁଳା ତିଆରି ଅଭିଯାନ ପ୍ରଶିକ୍ଷଣ ସ୍ଥାନୀୟ ଧରଣୀଧର ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ମାଟିଗୁଳା ତିଆରି ପ୍ରଶିକ୍ଷଣକୁ ନୂତନ ଜଙ୍ଗଲ ସୃଷ୍ଟି ଓ ସ୍ଥାନୀୟ ମଞ୍ଜିକୁ ନେଇ ମାଟି ଗୁଳା ତିଆରି ଅଭିଯାନ ପ୍ରଶିକ୍ଷଣ, କେନ୍ଦୁଝର, ଧରଣୀଧର ବିଶ୍ୱ ବିଦ୍ୟାଳୟ ଓ କେନ୍ଦୁଝର ଡେଭଲପମେଣ୍ଟ ଟ୍ରଷ୍ଟ ମିଳିତଭାବେ ଆୟୋଜନ କରଥିଲେ ।

କେନ୍ଦୁଝର ଡେଭଲପମେଣ୍ଟ ଟ୍ରଷ୍ଟ ଦ୍ୱାରା ଚାଲିଥିବା ପ୍ଲାଷ୍ଟିକ ମୁକ୍ତ ସମାଜ ଅଭିଯାନରେ କଳ୍ପନା ନାୟକ, ଚକ, ଡିମ୍ବୋ ପଂଚାୟତ, କେନ୍ଦୁଝର ଜିଲ୍ଲା, ପୁରୁଣା କପଡା ଓ ନୂଆ କପଡାରେ ବ୍ୟାଗ ତିଆରି କରି ବିକ୍ରୟ କରୁଛନ୍ତି । ୫ ଜଣ ଆଦିବାସୀ ମହିଳା ସାଙ୍ଗରେ କାମ କରୁଛନ୍ତି । ନୂତନ ଜଙ୍ଗଲ ସୃଷ୍ଟି ଓ ସ୍ଥାନୀୟ ମଞ୍ଜିକୁ ନେଇ ମାଟି ଗୁଳା ତିଆରି ଅଭିଯାନ ପ୍ରଶିକ୍ଷଣ ଉତ୍ସବରେ ଧରଣୀଧର ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ଡକ୍ଟର ପ୍ରତାପ ଚନ୍ଦ୍ର ମହାନ୍ତି କଳ୍ପନା ନାୟକଙ୍କୁ କେନ୍ଦୁଝର ଜେଲ ତିଆରି ଗାମୁଛା ଓ ଫଳ ଚାରା ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଏହି ଶିବିରରେ ଏଫଇଏସ କେନ୍ଦୁଝରର ଦକ୍ଷ ତାଲିମ ଦାତା ତାଲିମ ପ୍ରଦାନ କରାଯାଇଛି ସାସ୍ୱତୀ ତ୍ରିପାଠୀ, ସୁର୍ଯ୍ୟ ସିଙ୍ଗ ସୋରେନ, ସୁମିତ ବାସା, ବର୍ଷା ରାଣୀ ବାରିକ, କୁନାମୀ ମାଝୀ, ବିଜୟିନୀ ମହାନ୍ତି, ଭବାନୀ ଦାସ ଓ ଡିଡିୟୁ ଅଧ୍ୟାପକ ମାନେ ପରିଚାଳନା କରୁଥିଲେ ।

# ନାବାଳିକାକୁ ବଳାତ୍କାର ଅଭିଯୋଗ

ମାଲକାନଗିରି, ୨୩/୦୭ (ନି.ପ୍ର): ମାଲକାନଗିରି ଜିଲାରେ ଜଣେ ନାବାଳିକା ସହ ବଳାତ୍କାର ଅଭିଯୋଗ ହୋଇଛି । ରାଜ୍ୟରେ ନାରୀ ସୁରକ୍ଷାକୁ ନେଇ ସ୍ଥିତି ଉତେଜନାପୂର୍ଣ୍ଣ ରହିଥିବାବେଳେ ଏହାରି ମଧ୍ୟରେ ମାଲକାନଗିରି ଜିଲାରେ ଜଣେ ନାବାଳିକା ବଳାତ୍କାରର ଶିକାର ହୋଇଥିବା ନେଇ ଅଭିଯୋଗ ହୋଇଛି । ଏନେଇ ପୀଡ଼ିତାଙ୍କ ପରିବାର ପକ୍ଷରୁ ମାଲକାନଗିରି ସଦର ଥାନାରେ ଲିଖିତ ଅଭିଯୋଗ ହୋଇଛି । ମାଲକାନଗିରି ସଦର ଥାନା ଅଂଚଳର ନାବାଳିକା ଜଣକ ଗତକାଲି ସନ୍ଧ୍ୟାରେ ନିଜ ସାଙ୍ଗର ଜନ୍ମ ଦିନ ପାଳନ ପାଇଁ ସାଙ୍ଗ ଘରକୁ ଯାଇଥିବା ବେଳେ ବିଳମ୍ବିତ ରାତି ଯାଏ ଘରକୁ ଫେରି ନ ଥିଲେ । ପରିବାର ଲୋକେ ଝିଅକୁ ବହୁ ଖୋଜାଖୋଜି ପରେ ଝିଅର କୌଣସି ପତା ମିଳି ନ ଥିଲା । ତେବେ ଏହାରି ମଧ୍ୟରେ ଜୟପୁରକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ବିଜା ଘାଟି ଠାରେ ବିଳମ୍ବିତ ରାତିରେ ଉକ୍ତ ନାବାଳିକା ଓ ଜଣେ ଟ୍ରକ ଚାଳକଙ୍କୁ ସନ୍ଦେହଜନକ ସ୍ଥିତିରେ ଦେଖି କିଛି ପଥଚାରି ମାଲକାନଗିରି ପୋଲିସକୁ ଖବର ଦେଇଥିବା ବେଳେ ପୋଲିସ ସେଠାରେ ପହଂଚି ଉକ୍ତ ନାବାଳିକାକୁ ଉଦ୍ଧାର କରିବା ସହ ଶକ୍ତି ସଦନ ଗୃହରେ ରଖିଥିଲେ । ଏହା ସହ ଟ୍ରକ ଚାଳକଙ୍କୁ ଅଟକ ରଖିଥିଲେ । ଏନେଇ ଖବର ପାଇବା ପରେ ଆଜି ଉକ୍ତ ନାବାଳିକାର ମା' ମାଲକାନଗିରି ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୋଲିସ ପକ୍ଷରୁ ୩୬୩/୨୫ରେ ଏକ ମାମଲା କରି ଘଟଣାର ତଦନ୍ତ ଜାରି ରଖିବା ସହ ନାବାଳିକାର ଡାକ୍ତରୀ ପରୀକ୍ଷା ପରେ ତାଙ୍କୁ ଶକ୍ତି ସଦନରେ ରଖାଯାଇଥିବା ଜଣାପଡିଛି ।

# ପ୍ରଶିକ୍ଷଣ ପରେ ବି ମିଳୁନି ସୁଯୋଗ : ବିଡିଏସପି ମହିଳା ହତାଶ

ସମ୍ବଲପୁର, ୨୩/୦୭ (ନି.ପ୍ର): ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକରେ ଗତ ୨୦୨୧ ମସିହାରୁ ବିଡିଏସପି (ବିଜିନେସ ଡେଭଲପ ସର୍ଭିସ ପ୍ରୋଭାଇଡାର) ଭାବରେ କିଛି ମହିଳା କାର୍ଯ୍ୟକରି ଆସୁଥିଲେ । ପ୍ରାୟ ୩ ବର୍ଷ ସୁଚାରୁ ରୂପେ ଛୋଟ ଛୋଟ ବ୍ୟବସାୟୀ ମାନଙ୍କୁ ଋଣ ପ୍ରଦାନରେ ସହଯୋଗ କରି ସ୍ୱାବଲମ୍ବୀ କରେଇ ପାରିଥିଲେ । ବେକାରୀ ସମସ୍ୟା ଦୂର କରିବା ପାଇଁ କିଛି ବେକାର ଯୁବକ ଯୁବତୀ ମାନଙ୍କୁ ବ୍ୟବସାୟ କରିବା ପାଇଁ ଋଣ ପ୍ରଦାନରେ ସହଯୋଗ କରି ଆସୁଥିଲେ । ଉକ୍ତ ବିଡିଏସପି ମହିଳା ମାନଙ୍କୁ ସ୍କିଲ ଡେଭଲପମେଣ୍ଟ ପାଇଁ ବିଭାଗ ପକ୍ଷରୁ ଅନେକ ସମୟରେ ଟ୍ରେନିଙ୍ଗ ମଧ ଦିଆ ଯାଇଥିଲା । ମାତ୍ର କ୍ଷୋଭର ବିଷୟ ଏହା ଯେ, ଗତ ୨୦୨୫ ମସିହା ଏପ୍ରିଲ୍ ଓ ମେ ରେ ମାସାଧିକାଳ ସମ୍ବଲପୁର ଜିଲ୍ଲା ସ୍ଥିତ ନୀଳ ଡୁଙ୍ଗୁରିରେ ଆବାସିକ କରେଇ ଜିଲ୍ଲାର ଯୁଯୁମୁରା, କୁଚିଣ୍ଡା, ବାମରା ସମେତ ଜମନକିରା ବ୍ଲକ ଅଧୀନରେ କାର୍ଯ୍ୟରତ ବିଡିଏସପିମାନଙ୍କୁ ଟ୍ରେନିଙ୍ଗ ଦିଆଯାଇଥିଲା । ତେବେ ଗତ ୧୨ ମାସ ରୁ ଅଧିକ ଦିନ ବିତି ଯାଇଥିଲେ ସୁଦ୍ଧା ଅଦ୍ୟାବଧି ସେମାନଙ୍କ ଦରମା ଆଦୌ ପ୍ରଦାନ କରାଯାଇ ନାହିଁ । ଯଦି ଦରମା ପ୍ରଦାନରେ ଅସୁବିଧା ଥିଲା କାହିଁକି ଅଧିକାରୀ ମାନେ ବିଡିଏସପି ମାନଙ୍କୁ କାର୍ଯ୍ୟରେ ନିୟୋଜିତ କରୁଥିଲେ । ବିଡିଏସପି ମାନେ ନିଜର ପରିବାର ର ଅସୁବିଧା କୁ ଛାଡ଼ି ଏହି କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ । କେବଳ କିଛି ଟଙ୍କା ରୋଜଗାର କଲେ ପିଲା ଛୁଆମାନେ ଟିକିଏ ଆର୍ଥିକ ସ୍ଥିତିରୁ ସୁରକ୍ଷା ପାଇବେ । ହେଲେ ଅସୁବିଧା ଦୂର ହେବ କ'ଣ, ଆହୁରି ବୋଝ ଉପରେ ନଳିତା ବିଡା ସଦୃଶ୍ୟ ୧୨ ମାସରୁ ଅଧିକ ଦିନ ହେଲା ବିନା ଦରମାରେ କାର୍ଯ୍ୟ କରି ଚାଲିଛନ୍ତି । ଏସମସ୍ୟା ସମ୍ପର୍କରେ ବିଡିଏସପି ମାନେ ବାରମ୍ବାର ଜମନକିରା ଓଡ଼ିଶା ଜୀବିକା ମିଶନ ବିପିଏମ ଦାୟିତ୍ୱରେ ଥିବା ଅଧିକାରୀ ସରୋଜ ମିଶ୍ର ଏବଂ ସମ୍ବଲପୁର ଡିପିଏମ ସଞ୍ଜୟ ମହାପାତ୍ରଙ୍କୁ ବାରମ୍ବାର ଦାବି ଜଣାଇ ଆସୁଥିଲେ ମଧ ସେମାନେ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ବିଡିଏସପି ମାନେ ଅଭିଯୋଗ କରିଛନ୍ତି । ଯଦି ଅଧିକାରୀ ମାନେ ଜାଣିଥିଲେ ପ୍ରୋଜେକ୍ଟ ସରିବାକୁ ଥିଲା, ତାହେଲେ କ'ଣ ପାଇଁ ଟ୍ରେନିଙ୍ଗ ଓ କାମ କରିବାକୁ ବିଭାଗ ଅଧିକାରୀ ମାନେ ତାଗିଦ୍ କରୁଥିଲେ ବୋଲି ବିଡିଏସପି ମାନେ ଅଧିକାରୀଙ୍କୁ ପ୍ରଶ୍ନ କରିଛନ୍ତି । ତେବେ ଆସନ୍ତା ୧ ମାସ ମଧ୍ୟରେ ବିଧିବଦ୍ଧ ଭାବେ ଦାୟିତ୍ୱ ପ୍ରଦାନ ସହ ଦରମା ପ୍ରଦାନ ଆଦି ଦାବି ପୁରଣ ନକଲେ ଆନ୍ଦୋଳନ କରାଯିବ ବୋଲି ବିଡିଏସପି ମାନେ ଖବରଦାତା ଆଗରେ ପ୍ରକାଶ କରିଛନ୍ତି । ଏମାନଙ୍କ ସହ ସ୍ୱାବିଲମ୍ବି ହୋଇ ସାରିଥିବା ଏବଂ ସ୍ୱାବିଲମ୍ବି ପାଇଁ ଆଶାୟୀ ଥିବା ଯୁବକ ଯୁବତୀ ମାନେ ମଧ କହିଛନ୍ତି କି, ଯୋଉ ଯୋଜନାରେ ଏତେ ଉତମ ବ୍ୟବସ୍ଥା ରହିଛି, ସେହି ଯୋଜନା କୁ କାହିଁକି ବନ୍ଦ କରାଯାଉଛି । ପୂର୍ବ ସରକାର ଏହି ଯୋଜନା କୁ ଗୁରୁତର ସହିତ ବିଚାରକୁ ନେଇ ଛୋଟ ଛୋଟ ବ୍ୟବସାୟୀ ମାନଙ୍କୁ ବ୍ୟବସାୟ କରିବା ପାଇଁ ଉତ୍ସାହିତ କରୁଥିବା ବେଳେ ଏହି ସରକାର କଣ ପାଇଁ ଅଣଦେଖା କରୁଛନ୍ତି । ପୁନର୍ବାର ଉକ୍ତ ଯୋଜନା କୁ ଆରମ୍ଭ କରାଯାଉ ଏବଂ କାର୍ଯ୍ୟରେ ନିୟୋଜିତ ଥିବା ବିଡିଏସପି ମାନଙ୍କୁ ଦାୟିତ୍ୱ ପ୍ରଦାନ କରାଯାଉ ବୋଲି ଦାବି କରୁଥିବା ସହ ସରକାର ଏହି ଯୋଜନା କୁ ଶୀଘ୍ର କାର୍ଯ୍ୟକାରୀ କରନ୍ତୁ ବୋଲି ଦାବି କରୁଛନ୍ତି । ଏସଂକ୍ରାନ୍ତରେ ସମ୍ବଲପୁର ଜିଲ୍ଲା ଡିପିଏମ ସଞ୍ଜୟ ମହାପାତ୍ରଙ୍କୁ ଫୋନ କରାଯାଇଥିଲା, ସେ ଫୋନ ନଉଠେଇବାରୁ ତାଙ୍କ ମତାମତ ନିଆଯାଇ ପାରିନଥିଲା । ପରେ ବିଭାଗର ଭୁବନେଶ୍ୱର ସିଇଓ ବବିତା ମହାପାତ୍ରଙ୍କୁ ଯୋଗାଯୋଗ କରାଯାଇଥିବା ବେଳେ ସେ ଏବାବଦରେ କ୍ଲାରିଫିକେଶନ ମଗାଯାଇଛି, ଆସନ୍ତା କାଲି ଜଣେ ବିଡିଏସପି ନେତ୍ରୀଙ୍କୁ କୁହନ୍ତୁ ମୋ ସହିତ କଥାହେବେ ବୋଲି କହିଥିଲେ ।

# ବାରବାଟୀ ଗାଆଁ ଝିଅ ରାଷ୍ଟ୍ରପତିଙ୍କ ଦ୍ୱାରା ପୁରସ୍କୃତ

ଧର୍ମଶାଳା, ୨୩/୦୭ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ବାରବାଟୀ ଗାଆଁ ଝିଅ ରାଷ୍ଟ୍ରପତିଙ୍କ ଦ୍ୱାରା ପୁରସ୍କୃତ ହୋଇଛନ୍ତି । ଯାହାକୁ ନେଇ ଗାଆଁରେ ଖୁସିର ମାହୋଲ । ସମସ୍ତଙ୍କ ମୁହଁରେ ହସ । ଗ୍ରାମର ଅକ୍ଷୟ ବେହେରାଙ୍କ ଝିଅ ମୋନାଲିସା ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଚଳିତ ମାସ ୧୫ ତାରିଖରେ ଅନୁଷ୍ଠିତ ସମାବର୍ତନ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ହାତରୁ ପୁରସ୍କାର ଗ୍ରହଣ କରିଥିଲେ । ମୋନାଲିସା ରେଭେନ୍ସା ବିଶ୍ୱବିଦ୍ୟାଳୟ ଅନୁମୋଦିତ ପାଠ୍ୟକ୍ରମ ସମାପନ ଉତ୍ସବ-୨୦୨୩ ଏପ୍ରିଲରେ ଅନୁଷ୍ଠିତ ସ୍ନାତକୋତର(ବିଜ୍ଞାନ) ସୂଚନା ପ୍ରଯୁକ୍ତିବିଦ୍ୟା ପରିଚାଳନା ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତୀର୍ଣ୍ଣ ହୋଇ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ । ଏହି ଉତ୍ସବରେ ରାଷ୍ଟ୍ରପତିଙ୍କ ସମେତ ରାଜ୍ୟପାଳ ହରିବାବୁ କମ୍ଭମପତି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଦାନ ଓ ରାଜ୍ୟ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରମୁଖ ଉପସ୍ଥିତ ଥିଲେ । ଏହି ସଫଳତା ବାପା-ମା', ଅଧ୍ୟାପକ, ଅଧ୍ୟାପିକା ଓ ଗୁରୁଜନଙ୍କ ଆର୍ଶୀବାଦରୁ ଏହା ସମ୍ଭବ ହୋଇ ପାରିଛି ବୋଲି ମୋନାଲିସା କହିଛନ୍ତି ।

# ସମଲେଶ୍ୱରୀ,ପାଟଣେଶ୍ୱରୀ, ଗୋପାଳଜୀ ମନ୍ଦିର ଓ ରାଣୀବନ୍ଧ, କରଙ୍ଗାକଟାବନ୍ଧକୁ ନେଇ ଟୁରିଜମ ସର୍କିଟ ପାଇଁ ଯୋଜନା

ବଲାଙ୍ଗିର, ୨୩/୦୭ (ନି.ପ୍ର): ନବୀନ ସରକାର ଅମଳରେ ଆସିଥିବା ବିଭିନ୍ନ ମନ୍ଦିର ଉନ୍ନୟନ ପ୍ରକଳ୍ପ କାମ ଆରମ୍ଭ ହୋଇ ପାରୁନାହିଁ । ତେଣୁ ଏହି ପ୍ରକଳ୍ପ କାମକୁ ଆରମ୍ଭ କରିବା ତଥା ତ୍ୱରାନ୍ୱିତ କରିବାକୁ ଆଜି ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂଦେଓ ବିଭିନ୍ନ ବିଭାଗକୁ ନେଇ ସମୀକ୍ଷା କରିଛନ୍ତି । ମୁଖ୍ୟତଃ ସମଲେଶ୍ୱରୀ ମନ୍ଦିର ଉନ୍ନୟନ କାମ ଆରମ୍ଭ ହେଉ ନଥିବାରୁ ତୁରନ୍ତ ସମସ୍ୟାର ସମାଧାନ କରି କାମ ଆରମ୍ଭ କରିବାକୁ ବିଧାୟକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି । ପାଟଣେଶ୍ୱରୀ ମନ୍ଦିର, ଗୋପାଳଜୀ ମନ୍ଦିରର ଉନ୍ନୟନ କାମକୁ ତ୍ୱରାନ୍ୱିତ କରାଯାଇ ସାରିବାକୁ ବିଭାଗୀୟ ଅଧିକାରୀ ଓ ଠିକାସଂସ୍ଥାକୁ ବିଧାୟକ ନିର୍ଦ୍ଦେଶ କରିଥିଲେ । ଏହା ସହିତ ବଲାଙ୍ଗୀର ସହରରେ ପର୍ଯ୍ୟଟନର ବିକାଶ କରିବାକୁ ପଦକ୍ଷେପ ନେବାକୁ ଜିଲ୍ଲା ପ୍ରଶାସନକୁ ପରାମର୍ଶ ତଥା ପ୍ରସ୍ତାବ ଦେଇଛନ୍ତି । ସେଥିରେ ବଲାଙ୍ଗୀର ସହରରେ ଥିବା ରାଜା ରାଜୁଡା ଅମଳର ସମଲେଶ୍ୱରୀ, ପାଟଣେଶ୍ୱରୀ, ଗୋପାଳଜୀ ମନ୍ଦିର ସହିତ କରଙ୍ଗାକଟା ବନ୍ଧ ଓ ରାଣୀବନ୍ଧକୁ ନେଇ ଏକ ଟୁରିଜମ ସର୍କିଟ ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ପଠାଇବାକୁ ପ୍ରଶାସନକୁ ନିର୍ଦ୍ଦେଶ କରିଛନ୍ତି । ଗତ ମାସରେ ବିଧାୟକ ତାଙ୍କର ନିର୍ବାଚନମଣ୍ଡଳୀ ଉନ୍ନୟନ ସମୀକ୍ଷା ବୈଠକରେ ସମସ୍ତ ମନ୍ଦିରର ଜମିଗୁଡିକର ମାପକରି ରିପୋର୍ଟ ଦେବାକୁ ରାଜସ୍ୱ ବିଭାଗକୁ ନିର୍ଦ୍ଦେଶ କରିଥିଲେ । ସେହିକ୍ରମରେ ସମଲେଶ୍ୱରୀ ମନ୍ଦିର ଓ ପାଟଣେଶ୍ୱରୀ ମନ୍ଦିରର ମାପଚୁପ ହୋଇଯାଇଥିବା ରାଜସ୍ୱ ବିଭାଗ ରିପୋର୍ଟ ଦେଇଥିଲା । ସମଲେଶ୍ୱରୀ ମନ୍ଦିରର ବିକାଶ ପାଇଁ ୩ କୋଟି ଟଙ୍କା ଆସିଥିବାରୁ ଏଠାରେ ଥିବା ଷ୍ଟଲ ଗୁଡିକୁ ହଟାଯାଇ ମନ୍ଦିର ବେଢାକୁ ପ୍ରଶସ୍ତ କରାଯିବାକୁ ସମଲେଶ୍ୱରୀ ପୂଜାକମିଟି ପ୍ରସ୍ତାବ ଦେଇଥିଲେ । ଏହି କମିଟିର କାହ୍ନା ଶତପଥି, ବିକାଶ ସା, ସାମ୍ବାଦିକ ନୂତନ ମିଶ୍ର ପ୍ରମୁଖ ସମଲେଶ୍ୱରୀ ମନ୍ଦିରର ଉନ୍ନୟନ ନେଇ ବିଧାୟକ ତଥା ପ୍ରଶାସନିକ ଅଧିକାରୀମାନଙ୍କ ଆଗରେ ପ୍ରସ୍ତାବ ରଖିଥିଲେ । ଏହି ପ୍ରସ୍ତାବରେ ସମଲେଶ୍ୱରୀମନ୍ଦିର ଦୁଇପଟେ ଥିବା ଷ୍ଟଲ ଗୁଡିକୁ ଭଙ୍ଗାଯାଇ ସେଠାରେ ଥିବା ଦୋକାନୀଙ୍କୁ ଗୋପାଳଜୀ ମନ୍ଦିର ଜମିରେ ଥିବା ଅସୁରକ୍ଷିତ ବିଲଡିଂ ସ୍ଥାନରେ ଷ୍ଟଲନିର୍ମାଣ କରାଯାଇ ଥଇଥାନ କରାଯାଉ । ଠିକ ସେହିପରି ସମଲେଶ୍ୱରୀ ମନ୍ଦିରର ପୂଜକଙ୍କ ପାଇଁ ନବନିର୍ମିତ ଗୃହକୁ ପୂଜକଙ୍କୁ ସ୍ଥାନାନ୍ତରିତ କରାଯାଇ ଏଠାରେ ଥିବା ଘରକୁ ଭଙ୍ଗାଯାଇ ମନ୍ଦିରବେଢାକୁ ବଡ କରାଯାଉ ବୋଲି ଯୁବକମାନେ ପ୍ରସ୍ତାବ ଦେଇଥିଲେ । ସେହିପରି ଲକ୍ଷ୍ମୀନାରାୟଣ ମନ୍ଦିର ଜମିର ତୁରନ୍ତ ମାପଚୁପ କରାଯାଇ ଉନ୍ନୟନ କାମ ଆରମ୍ଭ କରାଯିବାକୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ । ଆଜିର ଏହି ବୈଠକରେ ବିଧାୟକ କଳିକେଶ ନାରାୟଣ ସିଂଦେଓଙ୍କ ସହିତ ପୌରାଧକ୍ଷା ଲିକା ସାହୁ, ପିଡି ଡୁଡା ତରଣୀ ସୁନା, ଉପଜିଲ୍ଲାପାଳ ଆଲୋକ ପଟେଲ, ପୌରନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ବେହେରା, ପୂର୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଇଂ. ଆଶୁତୋଷ, ଏସଡିଓ ଇଂ. ବେହେରା, କନିଷ୍ଠ ଯନ୍ତ୍ରୀ ଇଂ.ଲିପନ ନାଏକ, ଜନସ୍ୱାସ୍ଥ୍ୟ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଇଂ.ଇନ୍ଦ୍ରଜିତ ସାହୁ, ରାଜସ୍ୱ ବିଭାଗର ସୁପରଭାଇଜର ସଂନ୍ଦୀପ ନନ୍ଦ ପ୍ରମୁଖଙ୍କ ସମେତ ଅଧିକାରୀଗଣ ଯୋଗଦେଇଥିଲେ ।

# ଡିଆରଡିଏରେ ବ୍ଲକ ଉନ୍ନୟନ ବୈଠକ

ପୁରୀ, ୨୩/୦୭ (ନି.ପ୍ର):ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ପୁରୀ ଜିଲ୍ଲାର ସମସ୍ତ ବ୍ଲକରେ କାର୍ଯ୍ୟକାରି ହେଉଥିବା ବିଭିନ୍ନ ଉନ୍ନୟନମୂଳକ ଯୋଜନାର ମାସିକ ସମୀକ୍ଷା ବୈଠକ, ଜିଲ୍ଲାପାଳ ପୁରୀ ଚଂଚଳ ରାଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ପ୍ରିୟରଞ୍ଜନ ପୃଷ୍ଟି, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜୀବ ବେହେରା, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ (ବୈଷୟିକ) ତଥା ଜିଲ୍ଲାରେ କାର୍ଯ୍ୟରତ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନେ ଯୋଗ ଦେଇଥିଲେ । ଏହି ବୈଠକରେ ପଂଚଦଶ କେନ୍ଦ୍ରୀୟ ଅର୍ଥ କମିଶନ, ପଂଚମ ରାଜ୍ୟ ଅର୍ଥ କମିଶନ, ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ, ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ, ମିଶନ ଶକ୍ତି ଗୃହ ନିର୍ମାଣ, ମିଶନ ଶକ୍ତି ଏଚଖର ଗୃହ ନିର୍ମାଣ, ମିଶନ ଶକ୍ତି ଖୁଚୁରା ଦୋକାନ ଗୃହ ନିର୍ମାଣ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସମବାୟ ବିଭାଗ ଦ୍ୱାରା ଚିହ୍ନିତ ଚଇଉ ଗୃହ ନିର୍ମାଣ, ଅନ୍ତୋଦୟ ଗୃହ ଯୋଜନା, ବିକଶିତ ଗାଁ ବିକଶିତ ଓଡିଶା ଯୋଜନା, ମନରେଗା ଯୋଜନା, ସ୍ୱଚ୍ଛ ଭାରତ ମିଶନ ଯୋଜନା, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଗୁଡିକର ମାସିକ ସମୀକ୍ଷା ହୋଇଥିଲା । ଜିଲ୍ଲାପାଳ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଗୁଡିକର ସମୟପୋଯୋଗୀ ସମାପ୍ତ କରିବା ନିମନ୍ତେ ଉପସ୍ଥିତ ଥିବା ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଅସମ୍ପୂର୍ଣ୍ଣ ଅଙ୍ଗନବାଡି କେନ୍ଦ୍ର ଗୁଡିକୁ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବାକୁ, ଆବଶ୍ୟକ ସ୍ଥଳେ ଅତିରିକ୍ତ ଅର୍ଥ ମଞ୍ଜୁର କରିବାକୁ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଯେଉଁ ପ୍ରକଳ୍ପ ଗୁଡିକର କାର୍ଯ୍ୟ ଆବଶ୍ୟକ ଜମି ଚିହ୍ନଟ ହୋଇପାରୁ ନଥିବା କାରଣରୁ ଆରମ୍ଭ ହୋଇପାରୁନାହିଁ ତାହାର ଏକ ସମ୍ପୂର୍ଣ୍ଣ ତାଲିକା ପ୍ରସ୍ତୁତ କରିବାକୁ ତଥା ସମ୍ପୃକ୍ତ ତହସିଲଦାର ମାନଙ୍କ ସହ ବୈଠକ କରି ସେସବୁର ଜାଗା ସମ୍ବନ୍ଧୀୟ ସମସ୍ୟା ଗୁଡ଼ିକର ତତ୍କ୍ଷଣାତ୍ ସମାଧାନ କରିବାକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅନ୍ତୋଦୟ ଗୃହ ଯୋଜନାରେ ଚିହ୍ନଟ ସମସ୍ତ ହିତାଧିକାରୀମାନଙ୍କୁ ଆବଶ୍ୟକୀୟ କିସ୍ତି ତଥା ପାଇଖାନା ଗୃହ, ଜଳଯୋଗାଣ, ବିଦ୍ୟୁତ୍ ଯୋଗାଣ, ୯୦ ଶ୍ରମ ଦିବସ ତୁରନ୍ତ ପ୍ରଦାନ କରିବାକୁ ଗୃହରେ ଉପସ୍ଥିତ ଥିବା ସମସ୍ତ ଅଧିକାରୀ ମାନଙ୍କୁ ତାଗିଦ କରିଥିଲେ ।

## ମେଡିକାଲରେ ପଶିଲା ବର୍ଷାପାଣି

ମାଲକାନଗିରି, ୨୩/୦୭ (ନି.ପ୍ର): ମେଡିକାଲରେ ପଶିଲା ବର୍ଷାପାଣି । ଆଣ୍ଠୁଏ ଉଚ୍ଚରେ ପାଣି ଜମି ଯାଇଛି । ଫଳରେ ରୋଗୀ ତଥା ମେଡିକାଲ କର୍ମଚାରୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ସ୍ୱାଭିମାନ ଅଂଚଳରେ ଥିବା ଯୋଡ଼ାମ୍ବ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଏଭଳି ଚିତ୍ର ସାମ୍ନାକୁ ଆସିଛି ।

ଏଠାରେ ଉଲ୍ଲେଖଯୋଗ୍ୟ, ରାସ୍ତା ଠାରୁ ବହୁ ତଳେ ମେଡିକାଲ ଥିବାରୁ ପ୍ରତି ବର୍ଷ ବର୍ଷା ଦିନେ ମେଡିକାଲରେ ପାଣି ପଶୁଥିବାର ନଜିର ରହିଛି । ତେବେ ଗତକାଲି ଅପରାହ୍ନରେ ହଠାତ୍ ବର୍ଷାପାଣି ମାଡି ଆସିବାରୁ ଏଭଳି ସ୍ଥିତି ଉପୁଜିଛି । ବର୍ତମାନ ସୁଦ୍ଧା ସ୍ଥିତିରେ କୌଣସି ସୁଧାର ଆସିନାହିଁ ।

## ଧାରାବାହିକ:

ଭାଗ-୯

# ସଂକ୍ଷିପ୍ତ ଭାଗବତ କଥାମୃତ

### ୧୦ମ ସ୍କନ୍ଧ, ଗୋପଲୀଳା



ଡ. ଶ୍ରୀହରି ପଣ୍ଡା



### ୨୧ଶ ଅଧ୍ୟାୟ, ଶ୍ରୀକୃଷ୍ଣଙ୍କର ବେଣୁ ନାଦ ଶ୍ରବଣରେ ଗୋପୀମାନଙ୍କ ଅସ୍ଥିରତା

ଶାରଦୀୟ ବନଲକ୍ଷ୍ମୀର କୋଳରେ କ୍ରୀଡାରତ ଶ୍ରୀକୃଷ୍ଣଙ୍କର ମୁରଲୀ ଧ୍ୱନି ଶୁଣି ଗୋପୀମାନଙ୍କ ମନରେ ସାତ୍ତ୍ୱିକ ବିକାର ସୃଷ୍ଟି ହେବାରୁ ସେମାନେ କୃଷ୍ଣ ଭାବରେ ମଜ୍ଜିଯାଇ ଅନଙ୍ଗ ପୀଡା ଅନୁଭବ କଲେ । ଭଗବାନ ନଟପୁରୁଷ ପରି ଚନ୍ଦନ ଚର୍ଚ୍ଚିତ, ଶିରରେ ମୟୂର ପୁଛର ମୁକୁଟ, କର୍ଣ୍ଣରେ କର୍ଣ୍ଣିକାର ପୁଷ୍ପ, କଟୀରେ ପୀତବସନ, ହୃଦୟରେ ବନମାଳ, ଅଧରରେ ମୋହନ ମୁରଲୀ ଏବଂ ଚତୁଃପାର୍ଶ୍ୱରେ ପରିବେଷ୍ଟିତ ଗୋ, ବତ୍ସା ଓ ବାଳକବୃନ୍ଦ । ପ୍ରଭୁ ଶ୍ରୀକୃଷ୍ଣଙ୍କ ଅଧରାମୃତ ପାନ କରି ଯେଉଁ ଦିବ୍ୟ ବଂଶୀ ନିନାଦିତ ହେଉଛନ୍ତି ଓହଃ ତାଙ୍କର କି ଭାଗ୍ୟ ! ସତେ ଯେମିତି ସେହି ମୋହନ ମୁରଲୀ, ସ୍ୱାମୀର ପ୍ରିୟତମା ସପତଣୀ ସଦୃଶ ଗୋପୀମାନଙ୍କ ସମ୍ମୁଖରେ ନିଜର ଗର୍ବ ପ୍ରଦର୍ଶନ କରୁଛି ଏବଂ ସ୍ୱର ଲହରୀ ଛୁଟାଇ ସେମାନଙ୍କୁ ହନ୍ତସନ୍ତ କରୁଛି । ସେହି ମୁରଲୀର ସ୍ୱର ସତେ ଯେମିତି ଚଳଚଞ୍ଚଳ ଗତିମାନଙ୍କୁ ସ୍ଥାବର କରିଦେଲା ; ନଦୀର ଗତି ମନ୍ଥର ହୋଇଗଲା । ବୃକ୍ଷ ସମୂହ ଶିଶିର ବିନ୍ଦୁ ଛଳରେ ଆନନ୍ଦାଶ୍ରୁ ବିସର୍ଜନ କଲେ । ପଶୁପକ୍ଷୀଗଣ ସେହି ସ୍ୱରରେ ଅଚଞ୍ଚଳ ହୋଇପଡିବା ସହ ଗ୍ରାସାଚ୍ଛେଦନ କରୁ କରୁ ହରିଣୀଗଣ ଶ୍ରୀକୃଷ୍ଣଙ୍କ ମୁଖାରବିନ୍ଦକୁ ଚାହିଁ ରହିଲେ । ସେହି ସ୍ୱନ ଶୁଣି ଶୂନ୍ୟ ବିମାନସ୍ଥିତ କାମିନୀମାନେ ମ୍ୟୁହମାନ ହେବା ସହ ସେମାନଙ୍କର କବରୀ ଓ ବସନ ଗ୍ରନ୍ଥୀ ଶିଥିଳ ହୋଇ ଫିଟିଗଲା । ଧେନୁମାନେ ଚକିତ ନେତ୍ରରେ ଚାହିଁ ରହିଲେ ତ ବତ୍ସାମାନେ କ୍ଷୀରପାନରୁ ବିରତ ରହି ସେହି ସ୍ୱନାମୃତ ପାନ କରିବାକୁ ଲାଗିଲେ । ଗୋପୀମାନେ ଅନଙ୍ଗ ପୀଡାରେ ଜର୍ଜରିତ ହୋଇ ମୂର୍ଚ୍ଛାଗଲେ ଏବଂ ଚେତା ପାଇ ଶ୍ରୀକୃଷ୍ଣ ବୋଲି କହି ଶୂନ୍ୟକୁ ଆଲିଙ୍ଗନ କଲେ । ଆକାଶରେ ମେଘମାନେ ସ୍ଥିର ଭାବରେ ରହି ସତେ ଯେପରି ରାମକୃଷ୍ଣଙ୍କର ଆତପକ୍ଳେଶ ନିବାରଣ ନିମିତ୍ତ ଛତ୍ର ପାଲଟିଗଲେ । ବନ ମଧ୍ୟରେ ଥିବା ଶବରୀମାନେ ଏହି ସ୍ୱନରେ ଅନଙ୍ଗ ପୀଡାରେ ଜର୍ଜରିତା ହୋଇ ଶ୍ରୀକୃଷ୍ଣ ବନରେ ବୁଲୁଥିବା ସମୟରେ ପଡି ଯାଇଥିବା କୁଙ୍କୁମ, ଚନ୍ଦନମାନ ସଂଗ୍ରହ ପୂର୍ବକ ନିଜ ସ୍ତନ ଓ ବଦନରେ ବିଲେପନ କଲେ ଏବଂ ରାମକୃଷ୍ଣ ରୂପ ସଂଦର୍ଶନ ପୂର୍ବକ ବିହ୍ୱଳିତ ହେଲେ । ଗୋବର୍ଦ୍ଧନ ଗିରି ନିଜ ଇଷ୍ଟର ସେବାରେ କୋମଳ ତୃଣ ଏବଂ ଶୀତଳ ଝରଣା ପାଣି ଅର୍ପଣ କରି ଧନ୍ୟ ହେଲେ । ଏହିପରି ଭାବରେ ଭଗବାନଙ୍କ ମୁରଲୀର ସ୍ୱନ ସ୍ଥାବର, ଜଙ୍ଗମ ସମସ୍ତଙ୍କୁ ଏକ ଅନିର୍ବଚନୀୟ ପୁଲକ, ଆନନ୍ଦ ଓ ଉନ୍ମାଦନାରେ ବିଭୋର କଲା ।

### ୨୨ଶ ଅଧ୍ୟାୟ, ଗୋପୀମାନଙ୍କର ବସ୍ତ୍ର ହରଣ

ଶରତଋତୁ ପରେ ହେମନ୍ତ ଋତୁ ପ୍ରବେଶ କରିବାରୁ ଗୋପବାଳାମାନେ ଶ୍ରୀକୃଷ୍ଣଙ୍କୁ ପତି ରୂପରେ ପାଇବା ନିମିତ୍ତ ମାନସିକ କରି ଏକମାସ ପର୍ଯ୍ୟନ୍ତ ପ୍ରାତଃ ସ୍ନାନ, ବାଲୁଙ୍କା ପୂଜା ଓ ହବିଷ୍ୟ ବ୍ରତ ପାଳନ କଲେ । ବ୍ରତ ଉଦଯାପନ ଦିବସରେ ସମସ୍ତେ ଏକ ସଙ୍ଗେ ପରସ୍ପର ମଧ୍ୟରେ ହାସ ପରିହାସ କରି ଯମୁନା ନଦୀରେ ସ୍ନାନ କରିବାକୁ ଯାଇ କୂଳରେ ବସ୍ତ୍ର ରଖି ସ୍ନାନ କରିବାକୁ ଜଳକୁ ଗଲେ ଏବଂ ଆନନ୍ଦମନରେ ଜଳ ଫିଙ୍ଗା ଫିଙ୍ଗି ହୋଇ ସ୍ନାନ କଲେ । ଶ୍ରୀକୃଷ୍ଣ ନିଜର ପ୍ରିୟ ଜନ୍ମଜନ୍ମାନ୍ତରର ଭକ୍ତ ଗୋପୀମାନଙ୍କୁ ଶିକ୍ଷା ଦେବାକୁ ଇଚ୍ଛାକରି ବାୟୁଦେବଙ୍କୁ ସେମାନଙ୍କ ବସ୍ତ୍ରମାନ ଉଡାଇ ନେଇ କଦମ୍ବ ଡାଳରେ ରଖିବାକୁ ନିର୍ଦ୍ଦେଶ ଦେଲେ ଯାହା ବାୟୁଦେବ ତତ୍‌କ୍ଷଣାତ୍ ପୂର୍ଣ୍ଣ କରିଦେଲେ । ସ୍ୱୟଂ ଲୀଳାଧର ଯମୁନା ନଦୀ ତଟସ୍ଥ କଦମ୍ବ ବୃକ୍ଷ ଆରୋହଣ ପୂର୍ବକ ମଧୁର ମୁରଲୀ ବଜାଇବାକୁ ଲାଗିଲେ । ଗୋପୀମାନେ ମୁରଲୀର ସ୍ୱନ ଶୁଣି ଉଚ୍ଚାଟିତ ହୋଇ ଚତୁର୍ଦ୍ଦିଗ ଅନ୍ୱେଷଣ କରୁ କରୁ ନିଜର ଅଭୀଷ୍ଟ କୃଷ୍ଣଙ୍କୁ କଦମ୍ବ ଡାଳରେ ଦେଖି ପ୍ରଫୁଲ୍ଲିତ ହେଲେ ଏବଂ ତାଙ୍କର ବ୍ରତ ଉଦଯାପନୀ ଦିବସରେ ସ୍ୱୟଂ ସେମାନଙ୍କର ଅଭୀଷ୍ଟ ମିଳି ଯାଇଛି ବୋଲି ମନେକଲେ । ହଠାତ୍ ସେମାନଙ୍କର ଜ୍ଞାନହେଲା ଯେ ସମସ୍ତ ବିବସ୍ତ୍ର ଏଣୁ କୂଳକୁ ଚାହିଁବାରୁ ବସ୍ତ୍ର ନଦେଖି ବ୍ୟସ୍ତ ହୋଇପଡିଲେ । ବସ୍ତ୍ର କୁଆଡେ ଗଲା, ପବନ ତ ହୋଇନାହିଁ ଭାବି ଦୃଷ୍ଟି ଫେରାନ୍ତେ ବୃକ୍ଷ ଡାଳରେ ବସ୍ତ୍ରମାନ ଥିବାର ଦେଖି ଲଜ୍ଜିତ ହେଲେ । ଶ୍ରୀକୃଷ୍ଣ ହସି ହସି କହିଲେ ହେ ଗୋପୀମାନେ ତୁମମାନଙ୍କର ବସ୍ତ୍ର ପବନ ଦ୍ୱାରା ଇତସ୍ତତଃ ହେଉଥିବାରୁ ମୁଁ ଗୋଟାଇ ଆଣି ଏହିଠାରେ ରଖିଛି । ତୁମେମାନେ ଶୀତଳ ଜଳରୁ ବାହାରି ଆସି ନିଜ ନିଜ ବସ୍ତ୍ରମାନ ଚିହ୍ନି ଘେନିଯାଅ । ଦେଖିଲ ତ ମୁଁ ତୁମମାନଙ୍କର କେତେ ଉପକାର କଲି । ଗୋପୀମାନେ ଗାଲରେ ହାତ ଦେଇ ଚିନ୍ତା କଲେ ଏବେ ଆଉ କ'ଣ କରିବା ?କିଛି ତ ବାଟ ଦିଶୁ ନାହିଁ । ଲଜ୍ଜା ତ ମରଣୁ ବଳିଲା । ହଟିଆ ନାଗର ତ ହଟ ଲଗାଇଦେଲେ । ଇଏ ଦୁଷ୍ଟ ତ କେବେ ଇଆଡେ ଆସେ ନାହିଁ । ସେମାନେ କହିଲେ "ଆମେ ତ ଜାଣିଥିଲୁ ତୁମେ ଦୁଷ୍ଟ ବୋଲି । ଏ ନିର୍ଲଜ୍ଜ ପଣ କେଉଁଠାରୁ ଶିଖିଲ ? ନନ୍ଦରାଜଙ୍କ ପୁଅ ବୋଲି ବଡପଣିଆ ବାହାର କରୁଛ ପରା ?" ଶ୍ରୀକୃଷ୍ଣ ହସି ହସି କହିଲେ, କି ଅନ୍ୟାୟ କଥା । ପବନ ଉଡାଇ ନେଉଥିଲା ମୁଁ ଚିହ୍ନି ବସ୍ତ୍ର ଆଣି ରଖିଲି ଯେହେତୁ ତୁମେମାନେ ମୋର ଅତି ଆପଣାର । ତୁମର ପାଲଟା ବସ୍ତ୍ର ମୋର ବଡ ପ୍ରିୟ ମାତ୍ର କି ଦୁର୍ଭାଗ୍ୟ, ମୋତେ ପ୍ରଶଂସା କରିବା ସ୍ଥାନରେ ଗାଳି ଦେଉଛ । ଛାଡ ମୋର ଭୁଲ ତୁମେ ଏଥର ଆସି ତୁମମାନଙ୍କର ବସ୍ତ୍ର ନେଇଯାଅ । ଶୀତ ଦିନଟାରେ ଥଣ୍ଡା ଜଳରେ ରହିଲେ ଥଣ୍ଡା ଧରିବ, ତୁମରି ଭଲ ପାଇଁ କହୁଛି । ଗୋପୀମାନେ ଏ ବ୍ୟାଜବାଣୀ ଶୁଣି ହସିବେ ନା କାନ୍ଦିବେ ଭାବି ଖିଲିଖିଲି ହସିଉଠି କହିଲେ ହେ ଶ୍ୟାମ ସୁନ୍ଦର, ଆମେମାନେ ତ ତୁମ ଚରଣ ଦାସୀ, ଯେତେବେଳେ ଯାହା ମାଗିବ ଦେବୁ, ଆମକୁ ଆଉ ଲଜ୍ଜା ଦିଅନାହିଁ । ଆମର ବସ୍ତ୍ରସବୁ ଆମ ପାଖକୁ ଦିଅ ନହେଲେ କଂସ ଆଗରେ ସବୁ କହିଦେବୁ । ଶ୍ରୀକୃଷ୍ଣ ହସିହସି ଉତ୍ତର ଦେଲେ କାହାକୁ କହିବ ? କଂସକୁ ! ସେ ପରା ମୋ ମାମୁଁ, ମାମୁଁ କୁ କିଏ କ'ଣ ଡରେ ? ତମ ବସ୍ତ୍ରଗୁଡିକ ପକାଇ ଦିଅନ୍ତି ଯେ କାଳେ ପାଣିରେ ପଡିଯାଇ ଉଦା ହୋଇଯିବ ପୁଣି ଜଣକ ବସ୍ତ୍ର ଅନ୍ୟ ଜଣେ ସହ ପରିବର୍ତ୍ତନ ହୋଇଯାଇପାରେ । ଗୋପୀମାନେ ଦେଖିଲେ ଏ ହଟିଆ ଛାଡିବ ନାହିଁ । ବାଧ ହୋଇ ସେମାନେ ନିଜ ହସ୍ତରେ ନିଜ ବକ୍ଷୋଜ ଓ ଗୁପ୍ତାଙ୍ଗକୁ ଢାଙ୍କି ଜଳରୁ ଉଠିଆସିବାରୁ କୃଷ୍ଣ ସେମାନଙ୍କ ବସ୍ତ ଦେଲେ ଏବଂ ଆକଟ କରି କହିଲେ, "ତୁମେମାନେ ପରା ବ୍ରତ କରିଛ ? ବିବସ୍ତ୍ର ହେବା ଉଚିତ କି ? ଏହା ମହାପାପ, ନର୍କରେ ପଡିବ । ଦେବତାଙ୍କୁ ନିଜର ଅପରାଧ ନିମନ୍ତେ ନମସ୍କାର କର । ଗୋପୀମାନେ ନିଜର ଗୁପ୍ତାଙ୍ଗକୁ ଢାଙ୍କି ଗୋଟାଏ ହାତରେ ନମସ୍କାର କରିବାରୁ କୃଷ୍ଣ କହିଲେ,ମୁଁ ଦେଖୁଛି, ତୁମମାନଙ୍କର ଟିକିଏ ବୋଲି ଶାସ୍ତ୍ର ଜ୍ଞାନ ନାହିଁ । ଦେବତା, ବ୍ରାହ୍ମଣ, ଗୁରୁଦେବ ଏମାନଙ୍କୁ କେହି ଗୋଟାଏ ହାତରେ ନମସ୍କାର କଲେ ହସ୍ତଛେଦନ ଦୋଷଲାଗେ । ପର ଜନ୍ମରେ ସେହି ପ୍ରାଣୀ ହସ୍ତହୀନ ହୋଇ ଜନ୍ମ ଗ୍ରହଣ କରେ ।" ବାହ୍ୟତଃ ଭୀତ ସଂକୁଚିତ ଗୋପୀମାନଙ୍କ ମନ ତ ସର୍ବଦା କୃଷ୍ଣ ଚରଣରେ । ସେମାନଙ୍କ ମଧ୍ୟରେ ଭେଦ କାହିଁ ? ଜଣେ ଗୋପୀ କହିଲା, "ହେ ଗୋପୀବଲ୍ଲଭ ! ଏ ଦେହ ମନ ପ୍ରାଣ, ଜୀବନ, ଯୌବନ ସବୁ ତ ତୁମର । ତୁମକୁ କଣ ବା ଅଦେୟ ଅଛି ? ଏତେ ଭଙ୍ଗୀରେ କଥା କହିବା ଦରକାର ନାହିଁ, ତୁମ କଥାମାନି ଦୁଇ ହସ୍ତରେ ନମସ୍କାର କରୁଛୁ କହି ସମସ୍ତେ ଦୁଇ ହାତ ଟେକି ନମସ୍କାର କଲେ ।" ଭଗବାନ ସନ୍ତୁଷ୍ଟ ହୋଇ କହିଲେ, ତୁମେମାନେ ମୋର ନିତ୍ୟ ସଙ୍ଗିନୀ, ତୁମର ମୃତ୍ୟୁ ବା କାହିଁ ? ଏହି ବୃନ୍ଦାବନରେ ମୁଁ ତୁମମାନଙ୍କ ସହ କ୍ରୀଡା କରି ତୁମ ବ୍ରତର ଫଳ ପ୍ରଦାନ କରିବି । ଗୋପୀମାନେ ଶ୍ରୀକୃଷ୍ଣଙ୍କ ଚରଣ ବନ୍ଦନା କରି ସ୍ୱ ଗୃହକୁ ପ୍ରତ୍ୟାବର୍ତ୍ତନ କଲେ । ଏହାପରେ ଶ୍ରୀକୃଷ୍ଣ ଗୋଚାରଣ ନିମନ୍ତେ ନିଜ ମିତ୍ରମାନଙ୍କ ନିକଟକୁ ଫେରି ଆସି କହିଲେ ମିତ୍ର ଏଇ ଯେଉଁ ବୃକ୍ଷ ଦେଖୁଛ କେବଳ ପରୋପକାର ପାଇଁ ଏମାନଙ୍କର ସୃଷ୍ଟି । ଝଡ,ବର୍ଷା, କାକର, ରୌଦ୍ର ଓ ହିମ ସହ୍ୟକରି ଆମ୍ଭମାନଙ୍କୁ ଏମାନେ ସକଳ କଷ୍ଟରୁ ରକ୍ଷାକରନ୍ତି । ଦୟାଳୁ ବ୍ୟକ୍ତି ପରି ଏମାନେ କାହାକୁ ନିରାଶ କରନ୍ତି ନାହିଁ । ଛାୟାଦାନରେ କାର୍ପଣ୍ୟ କରେ ନାହିଁ ପୁଣି ପତ୍ର, ପୁଷ୍ପ, ଫଳ, ମୂଳ, ବଳକଳ, କାଷ୍ଠ, ଗନ୍ଧ ନିର୍ଯ୍ୟାସ, ଭସ୍ମ, ଅଙ୍ଗାର ଓ ପଲ୍ଲବାଦି ଅଙ୍କୁର ଦ୍ୱାରା ସର୍ବଦା ପ୍ରାଣୀଙ୍କର କାମନା ପୂରଣ କରିଥାଏ ।

### ୨୩ ଶ ଅଧ୍ୟାୟ, ବ୍ରାହ୍ମଣ ପତ୍ନୀମାନଙ୍କ ପ୍ରତି ଶ୍ରୀକୃଷ୍ଣଙ୍କ ଅନୁଗ୍ରହ

ଦିନେ ଗୋଚାରଣ ନିମନ୍ତେ ଯାଇଥିବା ଗୋପବାଳକମାନେ କହିଲେ ହେ କୃଷ୍ଣ, ତୁମ ବଂଶୀ ସ୍ୱନ ଶୁଣି ଆମେ ଶୀଘ୍ର ବାହାରି ଆସିଥିବାରୁ କିଛି ଖାଦ୍ୟ ଆଣିନାହୁଁ, ଏବେ ବଡ ଭୋକ ଲାଗିଲାଣି କିଛି ଉପାୟ କର । କୃଷ୍ଣ କହିଲେ କିଛି ଦୂରରେ ବ୍ରାହ୍ମଣମାନେ ସ୍ୱର୍ଗ କାମନା କରି ଯଜ୍ଞ କରୁଛନ୍ତି, ସେମାନଙ୍କୁ ଆମ କଥା କହି କିଛି ଖାଦ୍ୟ ଆଣ ସମସ୍ତେ ମିଶି ଭୋଜନ କରିବା । ଗୋପବାଳକମାନେ ଯାଇ ବ୍ରହ୍ମଣମାନଙ୍କୁ ଖାଦ୍ୟ ମାଗିବାରୁ ସେମାନେ ମୂଢ ମନୁଷ୍ୟ ତୁଲ୍ୟ ବ୍ୟବହାର କରିବା ସହ ଶୁଣି ନଶୁଣିବା ପରି ନିଜ କାର୍ଯ୍ୟରେ ବ୍ୟସ୍ତ ରହିଲେ । ବାଳକମାନେ ଫେରିଯାଇ କୃଷ୍ଣଙ୍କୁ କହିବାରୁ ସେ ଏଥର ବ୍ରାହ୍ମଣୀମାନଙ୍କୁ ମାଗିବାକୁ ପଠାଇଲେ । ବାଳକମାନଙ୍କ ମୁଖରୁ ବ୍ରାହ୍ମଣୀମାନେ ରାମକୃଷ୍ଣ ପଠାଇଥିବା ଏବଂ ଅନ୍ୟାନ୍ୟ କଥା ଶୁଣି କୃଷ୍ଣ ପ୍ରେମରେ ବିଭୋର ହୋଇ ଆନନ୍ଦାଶ୍ରୁ ଗଡାଇଲେ । ସଙ୍ଗେ ସଙ୍ଗେ ନିଜ ନିଜ କର୍ମରୁ ବାହାରି ଶୁଚିମନ୍ତ ହୋଇ ଅନ୍ନ ବ୍ୟଞ୍ଜନାଦି ଷଡରସ ଭୋଜନ ପାତ୍ରରେ ସଜାଡି ବାଳକମାନଙ୍କ ସହ କୃଷ୍ଣ ଦର୍ଶନ ଆଶାରେ ହୁଳହୁଳି ପକାଇ ଚାଲିଲେ । ବ୍ରାହ୍ମଣମାନେ ଏହା ଶୁଣି ଯଜ୍ଞଶାଳରୁ ଉଠିଯାଇ ନିଜ ନିଜର ପତ୍ନୀମାନଙ୍କ ପଥ ଓଗାଳିବା ସହ ଭର୍ତ୍ସନା କରି କହିଲେ, ଗୋପାଳ ପିଲା ବଣରେ ଗାଇ ଚରାଉଛି । ତୁମେମାନେ ଏତେ ମୂର୍ଖ ଯେ ସେହି ଗୋପାଳ ନିମନ୍ତେ ବିଭିନ୍ନ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରି ନେଇ ଯାଉଛ ? ଜାତି ଗୋତ୍ର ବୁଡାଇବ ନା କଣ ? ମନେରଖ, ଆମର ବାରଣ ନମାନି ଯଦି ସେଠାକୁ ଯାଅ ତୁମକୁ ଆଉ ଘରେ ପୂରାଇବୁ ନାହିଁ । ମାତ୍ର ନିମ୍ନଗାମୀ ଜଳ ଓ ଦୃଢ ପ୍ରତିଜ୍ଞକୁ କୌଣସି ବାଧା ଅଟକାଇ ନପାରିବା ଭଳି କୃଷ୍ଣ ପ୍ରେମ ବାତୁଳି ନାରୀମାନଙ୍କୁ ସେମାନଙ୍କ ସ୍ୱାମୀର ବାରଣ ଅଟକାଇ ପାରିଲା ନାହିଁ । ଜଣେ କ୍ଷୀଣ ଦେହୀ ବ୍ରାହ୍ମଣୀ ଶୀଘ୍ର ଯାଇ ନପାରିବାରୁ ବ୍ରାହ୍ମଣ ହାତରେ ବନ୍ଦୀ ହୋଇ ସ୍ୱାମୀ କର୍ତ୍ତୃକ ନିର୍ଯ୍ୟାତିତା ହୋଇ ମୂର୍ଚ୍ଛିତା ହେଲେ । ଅନ୍ୟ ବ୍ରାହ୍ମଣୀମାନେ କ୍ଷିପ୍ର ଗତିରେ ଯାଇ ଅଶୋକ ବନରେ ପ୍ରବେଶ କରି ଦେଖିଲେ, ମୁନି ମନ ମୋହନ, ପୀତ ବସନ ବନମାଳି ନାନା ବନାଳଙ୍କାରରେ ଭୂଷିତ ହୋଇ ମୋହନ ମୁରଲୀକୁ ଓଷ୍ଠରେ ଲଗାଇ ବାଙ୍କ ଚାହାଣୀରେ ସ୍ୱାଗତ କରୁଛନ୍ତି । ସେହି ନଟବର ବେଶ ଦେଖି ବ୍ରାହ୍ମଣୀମାନେ ଆଖି ପିଛୁଳାଇ ପାରିଲେ ନାହିଁ । (କ୍ରମଶଃ)

+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

## ସମ୍ପର୍କର ରିଙ୍ଗ

# ରାମାୟଣର ନାରୀ



ଶ୍ୱେତା ରାଉତ୍

ପରିବାରରେ ନାରୀର ଭୂମିକା ବାସ୍ତବିକ କେତେ ଗୁରୁତ୍ୱପୂର୍ଣ୍ଣ ସତରେ । ରାମାୟଣର ମହିମା ଯଦି ଆଜିଯାଏ ସମସ୍ତଙ୍କ ପାଇଁ ଅଲୌକିକ ଉଦାହରଣ ହୋଇ ରହିଆସିଛି, ତାର ଶ୍ରେୟ କେବଳ ରାମାୟଣରେ ଥିବା ରାଜର୍ଷି ଜନକଙ୍କ ଚାରି ନନ୍ଦିନୀ ସୀତା, ଉର୍ମିଳା,ମାଣ୍ଡବୀ ଓ ଶ୍ରୁତକିର୍ତ୍ତୀଙ୍କ ପାଇଁ । ଯେତେବେଳେ ପିତୃ ସତ୍ୟ ପାଇଁ ଶ୍ରୀରାମ ବନବାସ ଗଲେ, ରାଜପ୍ରସାଦର ମୋହ ତ୍ୟାଗ କରି, ପତ୍ନୀ ଧର୍ମ ପାଳନ କରି ସୀତା ମଧ୍ୟ ସ୍ୱାମୀଙ୍କ ସହ ବନଗମନ କଲେ । ଭ୍ରାତୃ ଧର୍ମ ଓ ଭ୍ରାତୃ ପ୍ରେମରେ ଲକ୍ଷ୍ମଣ ଯେତେବେଳେ ଶ୍ରୀରାମଙ୍କ ସହ ବନବାସ ଗଲେ,ନିଦ୍ରା ଦେବୀଙ୍କୁ ବର ମାଗିଲେ ଚଉଦ ବର୍ଷ ଯାଏଁ କେବେ ବି ତାଙ୍କୁ ନିଦ ନଆସୁ ଓ ରାମଙ୍କ ସେବାରେ ବିଘ୍ନ ନଘଟୁ, ନିଦ୍ରା ଦେବୀ ସହମତ ହେଲେ ଓ କହିଲେ ଲକ୍ଷ୍ମଣଙ୍କ ଭାଗର ନିଦ ଅନ୍ୟ କାହାକୁ ନେବାକୁ ପଡ଼ିବ । ସେତେବେଳେ ଲକ୍ଷ୍ମଣ ସଙ୍କୋଚ କରୁଥିଲେ କାଳେ ଉର୍ମିଳା ତାଙ୍କର ନିଦ ନେବାକୁ ରାଜି ହେବେ କି ନାହିଁ ? ସେ କେମିତି କହିବେ !କିନ୍ତୁ ହସି ହସି ଉର୍ମିଳା ନିଜ ରାଜକୀୟ ଜୀବନ ତ୍ୟାଗ କରି ସ୍ୱାମୀ ଭାଗର ନିଦ ନେଇ ଚଉଦ ବର୍ଷ ଶୋଇ ରହିବାକୁ ସହମତି ଦେଲେ ଲକ୍ଷ୍ମଣଙ୍କୁ ଓ ତାଙ୍କ ଚିନ୍ତା ନକରି ଶ୍ରୀରାମଙ୍କ ସେବାରେ ଲୟ ରଖିବାକୁ ପରାମର୍ଶ ଦେଲେ ।

ମାଣ୍ଡବୀ,ନିଜ କଥା ଚିନ୍ତା ନକରି ପତ୍ନୀ ଧର୍ମ ପାଳନ କରି ଶାଶୂ ଶ୍ୱଶୁରଙ୍କ ସେବାର ଦାୟିତ୍ୱ ନେଇ ଭରତଙ୍କୁ ନନ୍ଦିଗ୍ରାମରେ ଏକ ଆଶ୍ରମରେ ରହି ରାଜକାର୍ଯ୍ୟ କରିବାକୁ ସହଯୋଗ କଲେ ଏବଂ ସାନ ଭଉଣୀ ଅର୍ଥାତ୍ ଶତ୍ରୁଘ୍ନଙ୍କ ପତ୍ନୀ ଶ୍ରୁତକିର୍ତ୍ତୀ, ଶତ୍ରୁଘ୍ନଙ୍କୁ ନନ୍ଦିଗ୍ରାମ (ଭରତଙ୍କ ସେବାରେ)ପଠାଇ ଦେଇ ଚଉଦ ବର୍ଷ ନିଜ ସ୍ୱାମୀଙ୍କ ବିନା ବା ଏକା ରହି ପରିବାରର ସେବାରେ ରହିଥିଲେ ।

ରାଜା ଜନକଙ୍କ କନ୍ୟାମାନେ ଏଠି ଭୋଗ କରିବା ପାଇଁ ନୁହେଁ ବରଂ ପରସ୍ପର ପ୍ରତି ପ୍ରେମ, ସମ୍ମାନ, ସେବା, ସମର୍ପଣ ଭାବ ରଖି ତ୍ୟାଗ କରିବାରେ ଆନନ୍ଦ ଅନୁଭବ କରୁଥିଲେ । ଏଭଳି ପତ୍ନୀମାନଙ୍କ ସହଯୋଗ, ଶ୍ରଦ୍ଧା, ସମର୍ପଣ ପାଇଁ ରାଜା ଦଶରଥଙ୍କ ଚାରି ପୁଅ ରାମ, ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନ ନିଜ ନିଜର କର୍ତ୍ତବ୍ୟ ଓ ଦାୟିତ୍ୱ ସହଜରେ ସମ୍ପାଦନ କରିପାରିଲେ ।ରାମାୟଣରେ ଜଣେ ନାରୀ ହିଁ ଥିଲେ କୈକେୟୀ, ମନ୍ଥରାର ପ୍ରରୋଚନାରେ ନିଜ ସ୍ୱାର୍ଥ ଚିନ୍ତା କରି ରଘୁକୂଳକୁ ଖଣ୍ଡ ବିଖଣ୍ଡିତ କରିଦେଲେ ।ସେହି ରାମାୟଣରେ ଥିଲେ ଏମାନେ ଚାରିଜଣ ନାରୀ (ସୀତା,ଉର୍ମିଳା,ମାଣ୍ଡବୀ,ଶ୍ରୁତକିର୍ତ୍ତୀ)ଯେଉଁମାନଙ୍କ ସେବା, ଶ୍ରଦ୍ଧା, ସମର୍ପଣ ପାଇଁ ତାଙ୍କ ସ୍ୱାମୀମାନେ ଯୁଗ ଯୁଗ ପାଇଁ ଅତୁଟ, ଅନାବିଳ, ଅଲୌକିକ ସମ୍ପର୍କର ଉଦାହରଣ ହୋଇ ରହିଲେ । ତେଣୁ ପରିବାରରେ ପୁରୁଷର ଗୁଣ, ଚରିତ୍ର, ସ୍ୱଭାବ, ସଂସ୍କାରକୁ ମାର୍ଜିତ ବା ସଂସ୍କାରିତ ରଖିବାରେ ନାରୀର ଭୂମିକା ସବୁବେଳେ ଗୁରୁତ୍ୱପୂର୍ଣ୍ଣ ।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# ଭଗବାନ ଶିବଙ୍କୁ ବୁଧବାର ଅର୍ପଣ କରନ୍ତୁ ଅପରାଜିତା ଫୁଲ : ମିଳିବ ଏସବୁ କୃପା

ଏବେ ଚାଲିଛି ଶ୍ରାବଣ ମାସ । ଯାହାକି ଭଗବାନ ଶିବଙ୍କ ଅତି ପ୍ରିୟ ମାସ । ବିଶ୍ୱାସ ଅଛି, ଏହି ମାସରେ ଭଗବାନ ଶିବ କୈଳାସ ପର୍ବତ ଛାଡ଼ି ମର୍ତ୍ତ୍ୟପୁରକୁ ଆସିଥାନ୍ତି । ଆଉ ଭକ୍ତମାନେ ଯାହା ମାନସିକ କରିଥାନ୍ତି ତାହା ସଙ୍ଗେ ସଙ୍ଗେ ପୂରଣ କରିଥାନ୍ତି । ବିଶେଷକରି ଏହି ମାସରେ କାଉଡ଼ି ଯାତ୍ରା ଆରମ୍ଭ ହୋଇଥାଏ । ଶ୍ରଦ୍ଧାଳୁମାନେ ପାଣିଭାର ନେଇ ଶିବଙ୍କୁ ଜଳାଭିଷେକ କରନ୍ତି । ବିଶ୍ୱାସ ରହିଛି ଶ୍ରାବଣ ମାସର ବୁଧବାର ଭଗବାନ ଶିବଙ୍କୁ ଅପରାଜିତା ଫୁଲ ଅର୍ପଣ କଲେ ଅନେକ ସମସ୍ୟା ଦୂର ହୋଇଥାଏ । କାରଣ ଏହି ଫୁଲ ଶିବଙ୍କର ପ୍ରିୟ ଫୁଲମାନଙ୍କ ମଧ୍ୟରୁ ଗୋଟିଏ । ଏହି ଫୁଲ ଗୋକର୍ଣ୍ଣ ଏବଂ ଶଙ୍ଖପୁଷ୍ପ ନାମରେ ମଧ୍ୟ ଜଣାଶୁଣା । ବୁଧବାର ଏହି ଫୁଲ ଶିବଙ୍କୁ ଅର୍ପଣ କଲେ ବୁଦ୍ଧି ଏବଂ ଏକାଗ୍ରତା ବଢ଼ିଥାଏ । ବେପାର ବଣିଜ ପାଇଁ ନୂଆ ମାର୍ଗ ଖୋଲିଯାଏ । ଭଗବାନ ଭୋଳାନାଥଙ୍କ କୃପା ପାଇବା ପାଇଁ ଅପରାଜିତା ଫୁଲ ଅର୍ପଣ କରିବାକୁ ଆଦୌ ଭୁଲନ୍ତୁ ନାହିଁ ।



# ଘରେ ଝିଟିପିଟି ହେଉଛନ୍ତି କି...ବିଦା କରିବାକୁ ଆପଣାନ୍ତୁ ଏହି ସହଜ ଉପାୟ



**ଘରୁ ଦୂରାନ୍ତୁ ଝିଟିପିଟି ଝିଟିପିଟି ପ୍ରାୟ ଅଧିକାଂଶଙ୍କ ଘରେ ଥିବା ଦେଖିବାକୁ ମିଳିଥାଏ । କେହି କେହି ଏହାକୁ ଦେଖିଲେ ଭୟ ମଧ୍ୟ କରିଥାନ୍ତି । ଯଦି ଆପଣଙ୍କ ଘରେ ବି ଅଧିକ ଝିଟିପିଟି ଅଛନ୍ତି ଏବଂ ତାଙ୍କୁ ନ ମାରି ଘରୁ ବାହାର କରିବାକୁ ଚାହାନ୍ତି ତେବେ ଜାଣିରଖନ୍ତୁ କେତୋଟି ସହଜ ଉପାୟ...**

କର୍ପୂରର ଗନ୍ଧ ଝିଟିପିଟିକୁ ପସନ୍ଦ ନୁହେଁ । ତେଣୁ ୪ଟି କର୍ପୂରକୁ ଗୁଣ୍ଡକରି ୧୫୦ମି.ଲି. ପାଣିରେ ମିଶାନ୍ତୁ । ସେଥିରେ ଅଳ୍ପ ଡେଟଲ ମିଶାଇ ସ୍ପ୍ରେ ବଟଲରେ ରଖି ଘରର ସବୁ କାନ୍ଥରେ ସ୍ପ୍ରେ କରନ୍ତୁ, ଝିଟିପିଟି କିମ୍ବା ଅନ୍ୟ ପୋକ ମଧ୍ୟ ଆସିବେ ନାହିଁ ।

ଯଦି କେମିକାଲ ବ୍ୟବହାର ପସନ୍ଦ ନୁହେଁ ତେବେ ପିଆଜ ଏବଂ ରସୁଣ ଆପଣଙ୍କ ପାଇଁ ସବୁଠୁ ସହଜ ପ୍ରାକୃତିକ ଉପାୟ । ଗୋଟିଏ ବଡ଼ ପିଆଜକୁ କାଟି ଦିଅନ୍ତୁ । ସେଥିରେ ଗୋଟିଏ ରସୁଣର ୧୦-୧୨ କୋଳା ମିଶାଇ ଗ୍ରାଇଣ୍ଡ କରିଦିଅନ୍ତୁ । ଏହାକୁ ଏକ କପଡ଼ାରେ ଚିପୁଡି ରସ ବାହାର କରନ୍ତୁ । ସେଥିରେ ସମ ପରିମାଣର ପାଣି ମିଶାଇ ସ୍ପ୍ରେ ବଟଲ୍‌ରେ ରଖି ଘରେ ସ୍ପ୍ରେ କରନ୍ତୁ । ଏହାର ତୀବ୍ର ଗନ୍ଧରେ ଘରୁ ଝିଟିପିଟି ଚାଲିଯିବେ ।

ସେହିପରି ପିପରମିଣ୍ଟ ଅଏଲ ୧୦-୧୫ ଟୋପା ନେଇ ପାଣିରେ ମିଶାଇ ସ୍ପ୍ରେ ବଟଲ୍‌ରେ ରଖି ଝିଟିପିଟି ହେଉଥିବା ସ୍ଥାନରେ ସ୍ପ୍ରେ କରନ୍ତୁ ଦେଖିବେ ଝିଟିପିଟି ଆଉ ଆସିବେ ନାହିଁ ।

ଘରର ବିଭିନ୍ନ ସ୍ଥାନରେ ଅଣ୍ଡା ଖୋଳ ରଖିଲେ ବି ଝିଟିପିଟି ଘରକୁ ଆସି ନ ଥାନ୍ତି । ଝିଟିପିଟି ନ ଆସିବା ଲାଗି ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଘରକୁ ସଫା ରଖିବା । ତେଣୁ ନିୟମିତ ସମୟ ଅନ୍ତରାଳରେ ଘରର ଛାତ, ଆଲମିରା ଓ କପ୍‌ବୋର୍ଡ ପଛପଟ, ବିଭିନ୍ନ ଫର୍ନିଚରର ପଛପଟ ଆଦିକୁ ସଫା କରନ୍ତୁ ।



# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨୪ ଜୁଲାଇ ୨୦୨୫, ଗୁରୁବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଗାଜା: ଏକ ମାନବସୃଷ୍ଟ ମହାଦୁର୍ଭିକ୍ଷର କଳା କାହାଣୀ

ଆଜିର ଏକବିଂଶ ଶତାବ୍ଦୀରେ ଯେତେବେଳେ ମାନବ ସଭ୍ୟତା ଜ୍ଞାନ, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାର ଚରମ ସୀମାରେ ପହଞ୍ଚିଛି ବୋଲି ଆମେ ଗର୍ବ କରୁ, ସେତେବେଳେ ପୃଥିବୀର ଏକ କୋଣରେ ଲକ୍ଷ ଲକ୍ଷ ଲୋକ ଭୋକରେ ଆଉଟୁପାଉଟୁ ହୋଇ ମୃତ୍ୟୁକୁ ଅପେକ୍ଷା କରିଛନ୍ତି । ଏହା କୌଣସି ପ୍ରାକୃତିକ ବିପର୍ଯ୍ୟୟର ଫଳ ନୁହେଁ, ବରଂ ଏକ ସୁଚିନ୍ତିତ ଏବଂ ମାନବସୃଷ୍ଟ ସଙ୍କଟର ପରିଣାମ । ଆମେ କଥା ହେଉଛେ ଗାଜାର, ଯେଉଁଠି ମାନବିକତା ପ୍ରତିଦିନ ତିଳ ତିଳ ହୋଇ ଦଗ୍ଧ ହେଉଛି। ଏହା କେବଳ ଏକ ଭୌଗୋଳିକ ଅଞ୍ଚଳର ସମସ୍ୟା ନୁହେଁ, ବରଂ ସମଗ୍ର ବିଶ୍ୱର ବିବେକ ଉପରେ ଏକ ଗଭୀର କଳା ଦାଗ। ଗାଜା ଆଜି ଏକ ଏପରି ମହାଦୁର୍ଭିକ୍ଷର ଦ୍ୱାରଦେଶରେ ଠିଆ ହୋଇଛି, ଯାହା କେବଳ ଇତିହାସର ପୃଷ୍ଠାରେ ଲିପିବଦ୍ଧ ହେବ ନାହିଁ, ବରଂ ଆମ ସମୟର ନୈତିକ ପତନର ଏକ ଜ୍ୱଳନ୍ତ ଉଦାହରଣ ହୋଇ ରହିବ । ଯେଉଁ ଅସ୍ତ୍ରରେ ଏହି ଯୁଦ୍ଧ ଲଢାଯାଉଛି, ତାହା ବୋମା କିମ୍ବା ବନ୍ଧୁକ ନୁହେଁ, ତାହା ହେଉଛି 'ଭୋକ' - ଏକ ନିରବ ଏବଂ ନିର୍ମମ ହତ୍ୟାକାରୀ।

ଗାଜାର ବାସ୍ତବ ସ୍ଥିତି କଳ୍ପନା ବାହାରେ। ସମଗ୍ର ୨୧ ଲକ୍ଷ ଜନସଂଖ୍ୟା ଭୀଷଣ ଖାଦ୍ୟାଭାବର ସମ୍ମୁଖୀନ ହେଉଥିବାବେଳେ, ସେମାନଙ୍କ ମଧ୍ୟରୁ ପ୍ରାୟ ୫ ଲକ୍ଷରୁ ଅଧିକ ଲୋକ ଦୁର୍ଭିକ୍ଷ, କୁପୋଷଣ ଏବଂ ମୃତ୍ୟୁର ଏକ ଭୟଙ୍କର ପରିସ୍ଥିତିରେ ଜୀବନ ବିତାଉଛନ୍ତି । ଏହା କୌଣସି ଅତିରଞ୍ଜିତ ତଥ୍ୟ ନୁହେଁ, ବରଂ ଅନ୍ତର୍ଜାତୀୟ ସଂସ୍ଥାମାନଙ୍କ ଦ୍ୱାରା ପ୍ରଦତ୍ତ ସଦ୍ୟତମ ରିପୋର୍ଟର କଠୋର ବାସ୍ତବତା । ଏକ ସର୍ଭେ ଅନୁଯାୟୀ, ଗାଜାର ପ୍ରାୟ ୯୮ ପ୍ରତିଶତ ପରିବାର ଗୁରୁତର ଖାଦ୍ୟ ଅସୁରକ୍ଷାର ଶିକାର ହୋଇଛନ୍ତି । ଏହି ମାନବସୃଷ୍ଟ ସଙ୍କଟର ମୂଳ କାରଣ ହେଉଛି ମାନବୀୟ ସହାୟତା ଉପରେ ଜାଣିଶୁଣି ଲଗାଯାଇଥିବା କଠୋର କଟକଣା । ଯେଉଁଠି ଖାଦ୍ୟ, ପାନୀୟ ଜଳ ଏବଂ ଜୀବନ ରକ୍ଷାକାରୀ ଔଷଧ ପହଞ୍ଚିବା କଥା, ସେଠାରେ ଅବରୋଧର ଅଦୃଶ୍ୟ ପ୍ରାଚୀର ଠିଆ କରାଯାଇଛି । ଫଳରେ, ଯେଉଁ ସାମାନ୍ୟ ଖାଦ୍ୟ ସାମଗ୍ରୀ ବଜାରରେ ଉପଲବ୍ଧ, ତାହାର ମୂଲ୍ୟ ଆକାଶଛୁଆଁ ହୋଇଛି, ଯାହା ସାଧାରଣ ପରିବାର ପାଇଁ କିଣିବା ସମ୍ପୂର୍ଣ୍ଣ ଅସମ୍ଭବ । ଏହା ସହିତ ୫୪ ପ୍ରତିଶତରୁ ଅଧିକ ଘର ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି, ଯାହା ଲୋକଙ୍କୁ ଖାଦ୍ୟ ସହ ବାସସ୍ଥାନରୁ ମଧ୍ୟ ବଞ୍ଚିତ କରିଛି । କୃଷିକ୍ଷେତ୍ରଗୁଡିକ ଧ୍ୱଂସ ପାଇଛି, ମାଛ ଧରିବା ଉପରେ କଟକଣା ଲାଗିଛି, ଯାହା ସ୍ଥାନୀୟ ଖାଦ୍ୟ ଉତ୍ପାଦନ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ଦେଇଛି। ଲୋକମାନେ ବଞ୍ଚିବା ପାଇଁ ପଶୁଖାଦ୍ୟ ଏବଂ ଘାସ ଖାଇବାକୁ ବାଧ ହେଉଛନ୍ତି, ଯାହା ସଭ୍ୟ ସମାଜ ପାଇଁ ଏକ ଲଜ୍ଜାଜନକ ଚିତ୍ର।

ଏହି ନିର୍ମମ ନୀତିର ସବୁଠାରୁ କରୁଣ ଏବଂ ହୃଦୟବିଦାରକ ଶିକାର ହେଉଛନ୍ତି ନିରୀହ ଶିଶୁମାନେ। କୋମଳମତି ଶିଶୁମାନେ ଖାଦ୍ୟ ବିନା ଟଳି ପଡୁଛନ୍ତି, ଯାହା ମାନବିକତାର ମୃତ୍ୟୁ ଘୋଷଣା କରୁଛି । ରିପୋର୍ଟ ଅନୁଯାୟୀ, ଗତ କିଛି ମାସ ମଧ୍ୟରେ ଶତାଧିକ ଶିଶୁ କେବଳ କୁପୋଷଣ ଏବଂ ନିର୍ଜଳୀକରଣ ଯୋଗୁଁ ମୃତ୍ୟୁବରଣ କରିସାରିଲେଣି, ଏବଂ ଏହି ସଂଖ୍ୟା ପ୍ରକୃତ ସଂଖ୍ୟାଠାରୁ ବହୁତ କମ୍ ବୋଲି ଆଶଙ୍କା କରାଯାଉଛି କାରଣ ଅନେକ ମୃତ୍ୟୁ ରେକର୍ଡ ହୋଇପାରୁନାହିଁ । ଆଗାମୀ ଦିନମାନଙ୍କରେ ପ୍ରାୟ ୭୧ ହଜାର ଶିଶୁ ଗୁରୁତର କୁପୋଷଣର ଶିକାର ହେବେ ବୋଲି ଆକଳନ କରାଯାଇଛି । କୁପୋଷଣ କେବଳ ଶରୀରକୁ ଦୁର୍ବଳ କରେ ନାହିଁ, ବରଂ ଏହା ଶିଶୁମାନଙ୍କର ମାନସିକ ଏବଂ ଶାରୀରିକ ବିକାଶକୁ ସବୁଦିନ ପାଇଁ ପଙ୍ଗୁ କରିଦିଏ। ଯେଉଁ ଶିଶୁମାନେ ଏହି ଦୁର୍ଭିକ୍ଷରୁ ବଞ୍ଚିଯିବେ, ସେମାନେ ସାରା ଜୀବନ ପାଇଁ ଏହାର ଭୟାବହ ଶାରୀରିକ ଏବଂ ମାନସିକ ପରିଣାମ ଭୋଗିବେ। ଏହା ଏକ ସମ୍ପୂର୍ଣ୍ଣ ପିଢ଼ିକୁ ଜ୍ଞାନପୂର୍ବକ ନଷ୍ଟ କରିଦେବାର ଷଡ଼ଯନ୍ତ୍ର ନୁହେଁ ତ ଆଉ କ'ଣ ? ଗର୍ଭବତୀ ମହିଳାମାନେ ଉପଯୁକ୍ତ ପୋଷଣ ପାଉନଥିବାରୁ କୁପୋଷିତ ଶିଶୁ ଜନ୍ମ ଦେଉଛନ୍ତି, ଯାହା ଏକ ଦୁଃଖଦ ଚକ୍ରକୁ ଆରମ୍ଭ କରୁଛି।

ସ୍ଥିତି ଏତେ ଜଟିଳ ଯେ ଖାଦ୍ୟାଭାବ ସହିତ ସ୍ୱାସ୍ଥ୍ୟ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି । କୁପୋଷଣ ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ କ୍ଷୀଣ କରିଦିଏ, ଫଳରେ ଡାଇରିଆ ଏବଂ ନିମୋନିଆ ଭଳି ସାଧାରଣ ରୋଗ ମଧ୍ୟ ମହାମାରୀର ରୂପ ନେଉଛି । ବିଶୁଦ୍ଧ ପାନୀୟ ଜଳ ଏବଂ ସ୍ୱଚ୍ଛତାର ଘୋର ଅଭାବ ଏହି ସମସ୍ୟାକୁ ଆହୁରି ଗମ୍ଭୀର କରିଛି । ଏହା ଏକ ବିଷାକ୍ତ ଚକ୍ର ସୃଷ୍ଟି କରିଛି, ଯେଉଁଠି କୁପୋଷଣ ରୋଗକୁ ଡାକି ଆଣୁଛି ଏବଂ ରୋଗ ଶରୀରକୁ ଆହୁରି ଦୁର୍ବଳ କରି କୁପୋଷଣକୁ ବଢ଼ାଇ ଦେଉଛି। ଲୋକମାନେ କେବଳ ବୋମା ମାଡ଼ରେ ମରୁନାହାନ୍ତି, ବରଂ ଭୋକରେ ଶୁଖି ଶୁଖି, ଅକଥନୀୟ ଯନ୍ତ୍ରଣା ସହି ମରୁଛନ୍ତି । ଜଣେ ସ୍ଥାନୀୟ ବାସିନ୍ଦାଙ୍କ ଭାଷାରେ, 'ଇସ୍ରାଏଲ୍ ଆମକୁ ବୋମା ପକାଇ ମାରୁଛି କିମ୍ବା ଭୋକରେ ରଖି ମାରୁଛି । ମୃତ୍ୟୁ ଏଠାରେ ଏକମାତ୍ର ସତ୍ୟ, କେବଳ ତାର ପଦ୍ଧତି ଅଲଗା ।' ଏହାଠାରୁ ବଡ଼ ମାନବିକ ସଙ୍କଟ ଆଉ କ'ଣ ହୋଇପାରେ ?

ଅନ୍ତର୍ଜାତୀୟ ସମୁଦାୟର ନୀରବତା, ଉଦାସୀନତା ଏବଂ ନିଷ୍କ୍ରିୟତା ଏହି ସଙ୍କଟକୁ ଆହୁରି ବଢ଼ାଇ ଦେଇଛି । ଯଦିଓ ୧୦୯ଟି ସହାୟତା ସଂସ୍ଥା ଏବଂ ମିଳିତ ଜାତିସଂଘ ବାରମ୍ବାର 'ମହାଦୁର୍ଭିକ୍ଷ' ବିଷୟରେ ଚେତାବନୀ ଦେଉଛନ୍ତି, ତଥାପି କୌଣସି ଠୋସ୍ ଏବଂ ପ୍ରଭାବଶାଳୀ ପଦକ୍ଷେପ ନିଆଯାଉନାହିଁ। ଶକ୍ତିଶାଳୀ ଦେଶଗୁଡିକର ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଏବଂ ଭିଟୋ ପାୱାରର ଅପବ୍ୟବହାର ଯୋଗୁଁ ସୁରକ୍ଷା ପରିଷଦ ଏକ ପଙ୍ଗୁ ସଂସ୍ଥାରେ ପରିଣତ ହୋଇଛି । ଏହି ସଙ୍କଟ ଏକ ପ୍ରମାଣ ଯେ ଆନ୍ତର୍ଜାତୀୟ ଆଇନ ଏବଂ ମାନବିକ ଅଧିକାର କେବଳ କିଛି ଶକ୍ତିଶାଳୀ ରାଷ୍ଟ୍ରଙ୍କ ସ୍ୱାର୍ଥ ରକ୍ଷା ପାଇଁ ଉଦ୍ଦିଷ୍ଟ । ଏହା ଏକ ରାଜନୈତିକ କିମ୍ବା ସାମରିକ ବିଶ୍ଳେଷଣର ସମୟ ନୁହେଁ, ବରଂ ଏହା ମାନବିକତାର ପରୀକ୍ଷାର ସମୟ । ଗାଜାରେ ଯାହା ଘଟୁଛି, ତାହା ଏକ ସୁଚିନ୍ତିତ ଭାବେ କରାଯାଉଥିବା ନରସଂହାର, ଯାହାର ମୁଖ୍ୟ ଅସ୍ତ୍ର ହେଉଛି 'ଭୋକ' । ଯଦି ବିଶ୍ୱ ସମୁଦାୟ ତୁରନ୍ତ ହସ୍ତକ୍ଷେପ ନ କରେ, ଯଦି ଏକ ସ୍ଥାୟୀ ଏବଂ ସର୍ତ୍ତହୀନ ଯୁଦ୍ଧବିରତି ଘୋଷଣା କରା ନ ଯାଏ ଏବଂ ମାନବୀୟ ସହାୟତାର ନିରବଚ୍ଛିନ୍ନ ପ୍ରବାହକୁ ସୁନିଶ୍ଚିତ କରା ନ ଯାଏ, ତେବେ ଇତିହାସ ଆମକୁ କଦାପି କ୍ଷମା ଦେବ ନାହିଁ । ଆମ ଆଖି ସାମ୍ନାରେ ଲକ୍ଷ ଲକ୍ଷ ଲୋକଙ୍କୁ ମୃତ୍ୟୁ ମୁଖକୁ ଠେଲି ଦେବାର ଅପରାଧରେ ଆମେ ସମସ୍ତେ ଭାଗୀଦାର ହେବା । ଗାଜାରେ କେବଳ ଖାଦ୍ୟ ସରିଯାଉନାହିଁ, ବରଂ ତା ସହିତ ବିଶ୍ୱର ବିବେକ ଏବଂ ମାନବିକତା ମଧ୍ୟ ସମାଧି ନେବାକୁ ଯାଉଛି ।



## ଜାତଙ୍କବାଦର ସ୍ୱରୂପ

### ଅଧ୍ୟାପକ ଗୋପବନ୍ଧୁ



ଏବେ ଦେଶରେ ଜାତି ଆତଙ୍କ ବା ଜାତଙ୍କବାଦ କାୟା ବିସ୍ତାର କରୁଛି। ଜାତଙ୍କବାଦ ଆତଙ୍କବାଦର ଅନ୍ୟ ଏକ ରୂପ। ଆତଙ୍କବାଦ ଭାରତ ସମେତ ସାରା ବିଶ୍ୱରେ କାୟାବିସ୍ତାର କରିଥିବା ବେଳେ ଜାତଙ୍କବାଦର ପ୍ରକୋପ କେବଳ ଭାରତବର୍ଷରେ ଦେଖିବାକୁ ମିଳେ। ଜାତଙ୍କବାଦ ଆତଙ୍କବାଦର ଅନ୍ତର୍ଗତ ହୋଇଥିଲେ ହେଁ ଏହା ଆତଙ୍କବାଦର ସ୍ୱତନ୍ତ୍ର ରୂପକୁ ପରିପ୍ରକାଶ କରେ। ସାଧାରଣତଃ ଜନସାଧାରଣଙ୍କ ମଧ୍ୟରେ ଭୟ ସଂଚାର କରିବାକୁ କିମ୍ବା କରାଇବାକୁ ଆତଙ୍କବାଦ କୁହଯାଏ। କୌଣସି ସ୍ଥାନରେ ବୋମା ବିସ୍ଫୋରଣ କରାଇ, ଗୁଳିଚାଳନା କରି, ଟେକାପଥର ଫିଙ୍ଗି ଅଥବା ସାମୁହିକ ଆକ୍ରମଣ କରି ଆତଙ୍କର ବାତାବରଣ ତିଆରି କରାଯାଏ। ଏଥିରେ ଧନଜୀବନ ମଧ୍ୟ ହାନି ହୁଏ। ହିଂସା ସୃଷ୍ଟିର ଏହା ଏକ ମାଧମ। ଅନ୍ୟ ପକ୍ଷରେ ଜାତଙ୍କବାଦ ମଧ ଭୟର ବାତାବରଣ ତିଆରି କରେ, କିନ୍ତୁ ଏହା ଜାତି କ୍ଷେତ୍ରରେ ହୁଏ। ଏଥିରେ ମଧ୍ୟ ଧନଜୀବନ ଓ ସମ୍ମାନ ହାନି ହୁଏ। ତେଣୁ ଏପ୍ରକାର ଆତଙ୍କବାଦକୁ ନିର୍ଦ୍ଦିଷ୍ଟ କରିବା ପାଇଁ ଏବେ ଏହାକୁ କେତେକ ସାମାଜିକ କର୍ମୀ ଏହି ନାମରେ ନାମିତ କରିଛନ୍ତି। ଜାତିକୁ ନେଇ ଆତଙ୍କ ସୃଷ୍ଟିକଲେ ତାହା ଜାତଙ୍କବାଦ।

ଜାତିଗତ ଭାବନା ନେଇ ଯେତେବେଳେ ଗୋଟିଏ ଜାତି ଅନ୍ୟ ଜାତି ଉପରେ ଅତ୍ୟାଚାର କିମ୍ବା ଆକ୍ରମଣ କରେ ଅଥବା କେତେକ ଜାତି ମିଳିତ ଭାବେ ଅନ୍ୟ ଜାତିମାନଙ୍କ ଉପରେ ଅତ୍ୟାଚାର କିମ୍ବା ଆକ୍ରମଣ କରନ୍ତି ଅଥବା କେତେକ ବ୍ୟକ୍ତିବିଶେଷ ଜାତିଗତ ଭାବନା ନେଇ ଅନ୍ୟ ବ୍ୟକ୍ତିମାନଙ୍କ ଉପରେ ଅତ୍ୟାଚାର କିମ୍ବା ଆକ୍ରମଣ କରନ୍ତି, ସେତେବେଳେ ଏହାକୁ ଜାତଙ୍କବାଦ କୁହାଯାଇ ପାରିବ। ଜାତିଗତ ଅସମାନତା, ଘୃଣା-ଦ୍ୱେଷ, ପାତର-ଅନ୍ତର ଓ ଉଚ୍ଚ-ନୀଚ ଭେଦଭାବ ଜାତଙ୍କବାଦ ସୃଷ୍ଟିର ମୂଳ ଆଧାର। ଜାତଙ୍କବାଦ ସେବେଠାରୁ ରହିଛି, ଯେବେଠାରୁ ଜାତିବ୍ୟବସ୍ଥା ଦେଶରେ ସୃଷ୍ଟି ହୋଇଛି। ଜାତିଗତ ହିଂସା, ଅତ୍ୟାଚାର ଓ ଶୋଷଣ ଜାତିବ୍ୟବସ୍ଥାର ମୌଳିକତା। ଏହାକୁ ବଳବୋତ୍ତର ରଖିବା ପାଇଁ ଜାତିଗତ ଆତଙ୍କ ସୃଷ୍ଟି କାରିବାକୁ ପଡେ, ଅର୍ଥାତ ଜାତଙ୍କବାଦର ସାହାଯ୍ୟ ନେବାକୁ ପଡେ। କିଛି ଲୋକଙ୍କୁ ସଦାସର୍ବଦା ଭୟଭୀତ କରି ରଖିବାକୁ ପଡେ। ଫଳରେ ସେମାନେ ପ୍ରତିରୋଧ କରିବାକୁ ସାହସ କରନ୍ତି ନାହିଁ।

ଜାତଙ୍କବାଦ ବିଭିନ୍ନ ରୂପରେ ଆତ୍ମପ୍ରକାଶ କରେ। ଅସ୍ପୃଶ୍ୟତା ଏହାର ଏକ ବ୍ୟବସ୍ଥାଗତ ରୂପ। ଏବେ ଅବଶ୍ୟ ଅସ୍ପୃଶ୍ୟ ନିବାରଣ ଆଇନ ଜରିଆରେ ଏହାକୁ ନିଷିଦ୍ଧ କରାଯାଇଛି। ତଥାପି ଦେଶର ବିଭିନ୍ନ ସ୍ଥାନରେ ଏବେବି ଅସ୍ପୃଶ୍ୟତା ଜନିତ ଘଟଣା ସଂଗଠିତ ହେଉଛି ଓ ପ୍ରମାଣ କରିଦେଉଛି ଯେ ଏହା ଏବେବି କେତେକଙ୍କ ମନରେ ବସାବାନ୍ଧି ରହିଛି। ଏହି ବ୍ୟବସ୍ଥାରେ ଶୁଦ୍ରମାନଙ୍କୁ ଶଙ୍କିତ ଅବସ୍ଥାରେ ରଖିବାର ପ୍ରୟାସ ହୁଏ। ସେମାନଙ୍କୁ ଅଛୁଆଁ ଓ ନିମ୍ନ ସ୍ତରର ଲୋକଭାବେ ବିବେଚନା କରାଯାଏ। ଏହି ବିରାଟ ସମୁଦାୟକୁ ଶାରୀରିକ, ମାନସୀକ, ଆର୍ଥିକ ଓ ସାମାଜିକଭାବେ ଏତେ ନିର୍ଯ୍ୟାତନା ଦିଆଯାଏ ଯେ ସେମାନେ ସର୍ବସାଧାରଣ ରାସ୍ତାରେ ଯାତାୟତ କରିବା, ସର୍ବସାଧାରଣ କୂଅ ପୋଖରୀରୁ ପାଣି ନେବା, ସବର୍ଣ୍ଣଙ୍କ ସମ୍ମୁଖ ଦେଇ ଯିବାଆସିବା କରିବା ପାଇଁ ଭୟ କରନ୍ତି। କାରଣ ଜାତଙ୍କବାଦୀମାନେ ଭୟର ବାତାବରଣକୁ ବଜାୟୀ ରଖିବା ପାଇଁ ଏପରି ସାମାଜିକ ନିୟମ ତିଆରି କରିଥାନ୍ତି। ଯେଉଁମାନେ ଏହି ନିୟମକୁ ମାନନ୍ତି ନାହିଁ, ତାଙ୍କ ଉପରେ ଅତ୍ୟାଚାର ହୁଏ ଓ ଶାରିରୀକ ନିର୍ଯ୍ୟାତନା ଦିଆଯାଏ। ଅସ୍ପୃଶ୍ୟତାର ମୂଳ ଲକ୍ଷ୍ୟ ଭୟ ସୃଷ୍ଟି କରିବା। ଭୟରେ ରହୁଥିବା ଲୋକ କେବେବି ସଂଗଠିତ ହୋଇ ପାରିବେ ନାହିଁ ଓ ପ୍ରତିରୋଧ କରିବା ପାଇଁ ସାହସ ମଧ୍ୟ କରିପାରିବେ ନାହିଁ। ଆଧିପତ୍ୟ ବିସ୍ତାର ପାଇଁ ଏହା ଏକ ଭୟଙ୍କର ଅସ୍ତ୍ର। ଅସ୍ପୃଶ୍ୟତା ଜାତି ଅତ୍ୟାଚାର ଓ ଜାତଙ୍କବାଦର ମୂଳ ଉତ୍ସ।

ଜାତଙ୍କବାଦ ଦେଶର ଏକ ପ୍ରମୁଖ ସମସ୍ୟା। ବିଭିନ୍ନ ସ୍ଥାନରେ ବିଭିନ୍ନ ରୂପରେ ଏହାର ଆବିର୍ଭାବ ହେଉଛି। ବିଭିନ୍ନ ସମୟରେ ଏପରି ସମ୍ବାଦ ବିଭିନ୍ନ ଖବରକାଗଜର ପୃଷ୍ଠା ମଣ୍ଡନ କରୁଛି। ଦଳିତମାନେ ଘୋଡା ଚଢି ବାହା ହେବାକୁ ଗଲେ ତାଙ୍କୁ ଘୋଡାରୁ ଓହ୍ଲାଇ ଦିଆ ଯାଉଛି। ତାଙ୍କ ଉପରେ ଆକ୍ରମଣ ହେଉଛି। ଏବେବି କେତେକ ମନ୍ଦିରରେ ଦଳିତମାନଙ୍କୁ ପଶିବାକୁ ଦିଆଯାଉ ନାହିଁ। ଆମ ରାଜ୍ୟ ଓଡ଼ିଶାରେ ମଧ ଏପରି ଘଟଣା ଘଟୁଛି। ଦଳିତ ନିଶ ରଖିଲେ, ଯାତ୍ରା ଦେଖିଲେ, ଠାକୁରଙ୍କୁ ଛୁଇଁଦେଲେ ହତ୍ୟାର ଶୀକାର ହେବା ଭଳି ଘଟଣା ଘଟୁଛି। ତଥାକଥିତ ଉଚ୍ଚଜାତିଙ୍କ କେତେକ ଗାଁ ଭିତରେ ଶୁଦ୍ରଙ୍କ ସାଇକେଲ ଚଢି ଓ ଜୋତା ମାଡ଼ି ଯିବା ନିଷିଦ୍ଧ। ଅଳ୍ପଦିନ ତଳେ ଜଣେ ଦଳିତ ବୁଲେଟ୍ ମଟର ସାଇକେଲ ଚଳାଇବା ଯୋଗୁଁ ତାହାର ହାତ କାଟିଦେବା ପରି ସମ୍ବାଦ ଆସିଥିଲା। ଦଳିତମାନଙ୍କୁ ସାଧାରଣ ମଶାଣି ମନା। ସ୍କୁଲରେ ଦଳିତ ମହିଳା ରୋଷେଇ କଲେ ସବର୍ଣ୍ଣ ପିଲା ଖାଇବେ ନାହିଁ। ଏପରିକି ତଳ ଜାତିର ପଦାଧିକାରୀମାନେ ସରକାରୀ ବାସଭବନ ଓ ଅଫିସ ଛାଡିଲେ ସେଗୁଡିକୁ ଗଙ୍ଗାଜଳ ଛିଞ୍ଚି ପବିତ୍ର କରିବା ଘଟଣାର ନଜିର ଅଛି। ଏବେ ପଛୁଆବର୍ଗରୁ କେହି ପ୍ରବଚନ ଦେଲେ ତାକୁ ଲଣ୍ଡାକରି, ନାକ ଘୋଷାଇ, ତା ଉପରେ ମହିଳାର ପରିସ୍ରା ଛିଞ୍ଚି ଶୁଦ୍ଧି କରିବା ପରି ଘଟଣା ଚହଳ ସୃଷ୍ଟି କରିଛି। ଓଡ଼ିଶାରେ ଗୋରୁ ଚାଲାଣ ଅଭିଯୋଗରେ ଦୁଇଜଣ ଦଳିତଙ୍କୁ ଅଧା ଲଣ୍ଡାକରି, ଘାସ ଖୁଆଇ, ନର୍ଦ୍ଦମା ପାଣି ପିଆଇ ଦୁଇ କିଲୋମିଟର ବାଟ ଆଣ୍ଠେଇ ଆଣ୍ଠେଇ ଚଲେଇବା ପରି ଘଟଣା ବହୁ ଚର୍ଚ୍ଚିତ ହେଇଛି। ଏ ସମସ୍ତ ଘଟଣାବଳିର ଅସଲ ଉଦ୍ଦେଶ୍ୟ ହେଉଛି ଆତଙ୍କ ସୃଷ୍ଟି କରିବା। ଜାତିଗତ ଭାବନାକୁ ନେଇ ଏପରି କାର୍ଯ୍ୟ କରାଯାଉ ଥିବା ଯୋଗୁଁ ଏ ସମସ୍ତ ଘଟଣା ଜାତଙ୍କବାଦ। ଅସଲ ଉଦ୍ଦେଶ୍ୟ ହେଉଛି ଏକ ବିରାଟ ସମୁଦାୟକୁ ଭୟଭୀତ କରି କାବୁ କରି ରଖିବା। ତାଙ୍କୁ ପ୍ରତିଦ୍ୱନ୍ଦୀ ଭାବେ ଠିଆ ହେବାକୁ ନଦେବା।

ଦେଶରେ ଜାତଙ୍କବାଦର ଇତିହାସ ବହୁ ପୁରାତନ। ଯେତେବେଳେ ବିଶ୍ୱରେ ଆତଙ୍କବାଦ ବିଷୟରେ ଲେକମାନେ ଜାଣି ନଥିଲେ, ତାର ବହୁପୂର୍ବରୁ ଆମ ଦେଶରେ ଜାତଙ୍କବାଦ ଥିଲା। ବର୍ଣ୍ଣବ୍ୟବସ୍ଥା ଯେବେଠାରୁ ଭାରତୀୟ ସମାଜରେ କାୟା ବିସ୍ତାର କରିଛି, ସେବେଠାରୁ ଜାତଙ୍କବାଦ ସୃଷ୍ଟି ହୋଇଛି। ସଂଖ୍ୟାଧିକ ଶୁଦ୍ର ସମାଜକୁ ଦମନ ଓ ଶାସନ କରିବା ପାଇଁ ଏହାର ସୃଷ୍ଟି। ଜାତି ନିଜେ ଗୋଟିଏ ଜାତଙ୍କବାଦୀ ବ୍ୟବସ୍ଥା। ଜାତିବ୍ୟବସ୍ଥା ହେଉଛି ଉଚ୍ଚନୀଚ ଭେଦଭାବର ସମାହାର। ଜାତିବ୍ୟବସ୍ଥାରେ ପ୍ରତ୍ୟେକ ଜାତିର ଅପରିବର୍ତ୍ତିତ ସୋପାନ ରହିଛି। କେବଳ ବ୍ରାହ୍ମଣ ଜାତିକୁ ଛାଡ଼ି ଅନ୍ୟ ସମସ୍ତ ଜାତି ହୁଏତ କାହାଠାରୁ ଉଚ୍ଚ ଓ କାହାଠାରୁ ନୀଚ। ନୀଚ ଜାତିମାନଙ୍କ ପ୍ରତି ଘୃଣାଭାବ ଓ ଅତ୍ୟାଚାର କରିବାର ପ୍ରବଣତା ହିଁ ଜାତଙ୍କବାଦ। ଏହି ପ୍ରକାର ମାନସିକତା ରଖୁଥିବା ପ୍ରତ୍ୟେକଟି ଜାତିବାଦୀ ଲୋକ ହେଉଛି ଜାତଙ୍କବାଦୀ। ଜଣେ ଜାତଙ୍କବାଦୀକୁ ସହଜରେ ଚିହ୍ନି ହେବ କିପରି ? ସରକାରୀ ଆବଶ୍ୟକତା ବିନା ଯେଉଁ ଲୋକଟି ବାରମ୍ବାର ଜଣଙ୍କର ସାଙ୍ଗିଆ/ଟାଇଟେଲ୍ ପଚାରେ ଅଥବା ଜାତି ପଚାରେ, ତେବେ ସେ ଲୋକଟି ଜଣେ ପକ୍କା ଜାତଙ୍କବାଦୀ। କାରଣ ସେ ତୁମ ଜାତି ଜାଣିବାକୁ ଚାହୁଁଛି ଓ ସେହି ଅନୁସାରେ ବ୍ୟବହାର ପ୍ରଦର୍ଶନ କରିବାକୁ ଚାହୁଁଛି।

ଜାତଙ୍କବାଦୀ କେବଳ ତଥାକଥିତ ଉଚ୍ଚଜାତିଙ୍କ ମଧ୍ୟରେ ରହିଛନ୍ତି ତାହା ନୁହେଁ। ଏହା ଓବିସି, ଏସଟି ଓ ଏସସିଙ୍କ ଭିତରେ ମଧ ଅଛନ୍ତି। ପୂଜକ ମନ୍ଦିରରେ ପଶିବାକୁ ନଦେଇ ଦୂରଦୂର କଲେ ଏହା ଜାତଙ୍କବାଦ। ଓବିସିମାନେ ଏସସି ଓ ଏସଟିଙ୍କ ଉପରେ ଅତ୍ୟାଚାର କଲେ ଏହା ଜାତଙ୍କବାଦ। ଏପରିକି ଏସଟି ଓ ଏସସି ଭିତରେ ଥିବା ଜାତିଗୁଡିକ ଜାତି ଭାବନା ନେଇ ଅନ୍ୟ ଜାତି ଉପରେ ଅତ୍ୟାଚାର ଓ ହିଂସା ପ୍ରଦର୍ଶନ କଲେ, ଏହା ମଧ୍ୟ ଜାତଙ୍କବାଦ ଅଟେ। ତେଣୁ ପ୍ରତ୍ୟେକ ଜାତି ମଧରେ ଜାତଙ୍କବାଦୀ ରହିଛନ୍ତି। ଜାତଙ୍କବାଦୀମାନେ ଜାତି ଜାତି ମଧରେ ବୈବାହିକ ସମ୍ପର୍କକୁ ନିଷିଦ୍ଧ କରିଥାନ୍ତି। କୌଣସି କ୍ଷେତ୍ରରେ ଭିନ୍ନ ଭିନ୍ନ ଜାତିର ପୁଅ ଓ ଝିଅ ବାହା ହୋଇଗଲେ କିମ୍ବା ପ୍ରେମ କଲେ ଜାତଙ୍କବାଦୀମାନେ ଜାଗିଉଠନ୍ତି ଓ ଉଗ୍ର ସାମାଜିକ ହିଂସାର ସୂତ୍ରପାତ କରନ୍ତି। ଏପରିକି ଗୋଟିଏ ଜାତିର ପୁଅ କିମ୍ବା ଝିଅ ଭିନ୍ନ ଜାତିରେ ବାହା ହେଲେ ତାକୁ ଓ ତାଙ୍କ ପରିବାରକୁ ବାସନ୍ଦ କରାଯାଏ, ମରିଗଲା ପରେବି ତା ଶବକୁ ଛୁଆଁ ଯାଏ ନାହିଁ। ଏହି ପ୍ରକାର ଜାତଙ୍କବାଦୀମାନେ ହିଁ ଖାପ୍ ପଞ୍ଚାୟତ ଗଢନ୍ତି ଓ ଅନର କିଲିଙ୍ଗ ବି କରନ୍ତି। ଏବେ ଓଡ଼ିଶାରେ ଜଣେ ଅନୁସୂଚୀତ ଜନଜାତିର ଝିଅ ଅନୁସୂଚୀତ ଜାତିର ପୁଅକୁ ପ୍ରେମ ବିବାହ କରିବାରୁ ଝିଅ ଜାତିର ୪୦ ଜଣ ଲଣ୍ଡା ହୋଇ ଶୁଦ୍ଧି ହୋଇଛନ୍ତି। ଜାତଙ୍କବାଦୀଙ୍କ ପ୍ରଭାବ ଉଭୟ ଶାସନ ପ୍ରଶାସନରେ ମଧ ପରିଲକ୍ଷିତ ହୁଏ। ଏମାନେ ରାଜନୈତିକ କ୍ଷମତାକୁ ନିଜ ଜାତି ମଧରେ କେନ୍ଦ୍ରୀଭୂତ କରି ରଖିବାକୁ ଚେଷ୍ଟା କରନ୍ତି। ସେହିପରି ପ୍ରଶାସନିକ କଳକୁ ନିଜ ହାତମୁଠାରେ ରଖିବାକୁ ଚାହାଁନ୍ତି। ଏହା ସଂରକ୍ଷିତ ବର୍ଗ କ୍ଷେତ୍ରରେ ମଧ ଦେଖାଯାଏ। ଏହି ବର୍ଗ ଅନ୍ତର୍ଗତ ଅଳ୍ପ କେତୋଟି ଜାତି ସମସ୍ତ ସୁବିଧା ସୁଯୋଗ ନେଇଯିବାକୁ ଚେଷ୍ଟା କରନ୍ତି। ନିଜ ଜାତିର ପ୍ରତିପତ୍ତିକୁ ସ୍ଥାପନ କରିବାକୁ ଚାହାଁନ୍ତି। ଏ ସମସ୍ତ ପରୋକ୍ଷ ଜାତଙ୍କବାଦ ଅଟେ।

ଜାତଙ୍କବାଦ ଉଭୟ ରାଷ୍ଟ୍ରୀୟ ଓ ସାମାଜିକ ଏକତା ପାଇଁ ବିପଦ। ଏହା ଦେଶର ପ୍ରଗତିରେ ବାଧକ। ଏବେ ପୁଣି ଏହା କାୟା ବିସ୍ତାର କରୁଛି। ଏହାକୁ ଦମନ କରିବା ପାଇଁ ସରକାର ଯୋଜନା ପ୍ରସ୍ତୁତ କରିବା ଉଚିତ୍। ଏଦିଗରେ ସାମାଜିକ ସଚେତନତା ସୃଷ୍ଟିର ମଧ ଆବଶ୍ୟକତା ରହିଛି। ଜାତଙ୍କବାଦ ସ୍ଲୋ-ପଏଜନ ପରି ସମାଜକୁ ଓ ରାଷ୍ଟ୍ରକୁ କୋରି ଖାଇବାରେ ଲାଗିଛି। ଏହା ବଢ଼ି ଚାଲିଲେ ଦିନେ ଦେଶରେ ଗୃହଯୁଦ୍ଧ ସୃଷ୍ଟ ହେବା ନିଶ୍ଚିତ। ଏକ ପ୍ରଗତୀଶୀଳ ରାଷ୍ଟ୍ର ଗଠନ ପାଇଁ ଜାତଙ୍କବାଦର ସଫେଇ ଜରୁରୀ।


ବାରିପଦା, ମୟୂରଭଞ୍ଜ,
ମୋ: ୭୦୦୮୯୭୬୧୮୦


## ଟିଆରଏଫକୁ ଟ୍ରମ୍ପଙ୍କ ଶକ୍ତ ପ୍ରହାର

### ସୌଭାଗ୍ୟ ରଂଜନ ମହାନ୍ତି



ଗଲା ଏପ୍ରିଲ ମାସ ୨୨ତାରିଖ ଦିନ ପହଲଗାଁଓ ଆତଙ୍କବାଦୀ ଆକ୍ରମଣ ପାଇଁ ନିଜକୁ ଦାୟୀ କରିଥିବା 'ଦି ରେଜିଷ୍ଟାନ୍ସ ଫ୍ରଂଟ'(ଟିଆରଏଫ) ସଂଗଠନକୁ ଏକ ବିଦେଶୀ ଆତଙ୍କବାଦୀ ସଂଗଠନ (ଏଫଟିଓ) ଏବଂ ସ୍ପେଶାଲ ଡେଜିଗ୍ନେଟେଡ୍ ଗ୍ଲୋବାଲ ଟେରରିଷ୍ଟ (ଏସଡିଜିଟ୍) ଭାବେ ଆମେରିକାର ଘୋଷଣା କେବଳ ଆତଙ୍କବାଦ ବିରୁଦ୍ଧରେ ଆନ୍ତର୍ଜାତିକ ଲଢେଇକୁ ତ୍ୱରାନ୍ୱିତ କରିବ ନାହିଁ, ସୀମା ପାର ଆତଙ୍କବାଦ ବିରୁଦ୍ଧରେ ଶୂନ ସହନଶୀଳତା ନେଇ ଭାରତର ଅଭିଯାନ ପ୍ରତି ଆନ୍ତର୍ଜାତିକ ସମର୍ଥନ ହାସଲ କରିବାରେ ସହାୟତା କରିବ। ଆମେରିକାର ଏହି ନିଷ୍ପତିକୁ ସ୍ୱାଗତ କରିବା ସହ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏହାକୁ ଏକ ସମୟୋପଯୋଗୀ ଏବଂ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଅଭିହିତ କରିଛି। ପ୍ରଥମତଃ ଆମେରିକାର ବୈଦେଶିକ ବିଭାଗ ପହଲଗାଁଓ ଆକ୍ରମଣ କେତେ ଗୁରୁତର ଏହା ବୁଝିପାରିଛି। ସେହିପରି ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋଇବା(ଏଲଇଟି)ର ଏକ ସମ୍ମୁଖ ଓ ଛାୟର ସଂଗଠନ ଭାବେ ଟିଆରଏଫକୁ ନାମିତ କରିଛି। ଯାହାକୁ ପାକିସ୍ତାନ ଏକ ବିଲୁପ୍ତ ସଂଗଠନ ବୋଲି ଦାବି କରିଆସିଛି। ଏପରିକି ୨୦୦୧ ମସିହାରୁ ଆମେରିକା ଏଲଇଟି ଏବଂ ଜୈସ-ଇ ମହମ୍ମଦ(ଜେଇମଏ)କୁ ବିଦେଶୀ ଆତଙ୍କବାଦୀ ସଂଗଠନ (ଏଫଟିଓ) ଘୋଷଣା କରିଥିବା ସତ୍ତ୍ୱେ ଏହି ଦୁଇ ଗୋଷ୍ଠୀ ସେହି ବର୍ଷ ଠାରୁ ଭାରତରେ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ଭାବେ ରହିଛନ୍ତି। କିନ୍ତୁ ଚିନ୍ତାର ବିଷୟ ପାକିସ୍ଥାନର ଅନୁରୋଧରେ ଆମେରିକା ଏବଂ ପଂଚ ସ୍ଥାୟୀ ସଦସ୍ୟଙ୍କ ସହମତିରେ ଜାତିସଂଘ ନିରାପତା ପରିଷଦ (ୟୁଏନଏସସି) ପହଲଗାଁଓ ଆକ୍ରମଣ ଘଟଣାରେ ଟିଆରଏଫ ନାମକୁ ନିନ୍ଦା ପ୍ରସ୍ତାବରୁ ବାଦ ଦେଇଛି। କିନ୍ତୁ ଆମେରିକାର ଘୋଷଣା ଟିଆରଏଫକୁ ବିଦେଶୀ ଆତଙ୍କବାଦୀ ସଂଗଠନ ଭାବେ ଆଖ୍ୟା ଦେବାପାଇଁ ଜାତିସଂଘ ନିରାପତା ପରିଷଦ (ୟୁଏନଏସସି)କୁ ସହାୟତା କରିବ ବୋଲି ଭାରତ ଆଶାବାଦୀ ରହିଛି। ତେବେ ଆମେରିକାର ଘୋଷଣା ପାକିସ୍ଥାନ ପ୍ରତି ଏକ ଶକ୍ତ ଧକ୍କା ସଦୃଶ ହୋଇଛି। ଏହା ନିସନ୍ଦେହ ଯେ, ପହଉଗାଁଓ ଆକ୍ରମଣ ପରିପ୍ରେକ୍ଷୀରେ ଆତଙ୍କବାଦ ବିରୁଦ୍ଧରେ ଟ୍ରମ୍ପ ପ୍ରଶାସନର ଏହା ଏକ ସକରାତ୍ମକ ପଦକ୍ଷେପ। ଭାରତର 'ଅପରେସନ ସିନ୍ଦୂର'କୁ ଆମେରିକା ବହୁ କ୍ଷେତ୍ରରେ ବିରୋଧ ମଧ କରିଥିଲା। ଏପରିକି ଭାରତ - ପାକିସ୍ଥାନ ମଧ୍ୟରେ ଯୁଦ୍ଧ ବିରତି ହୋଇଥିବା ନେଇ ରାଷ୍ଟ୍ରପତି ଟ୍ରମ୍ପ ଓ ବୈଦେଶିକ ମନ୍ତ୍ରୀ ମାର୍କୋ। ରୁବିଓ ବାରମ୍ବାର ଦାବି କରି ଆସୁଛନ୍ତି। ଏପରିକି ଦୁଇ ଦେଶ ମଧ୍ୟରେ ଆଣବିକ ଯୁଦ୍ଧ ଏଡାଇବାରେ ଟ୍ରମ୍ପ ସମର୍ଥ ହୋଇଥିବା ଦାବି କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ୨୦୦୮ ମସିହା ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ଘଟଣାରେ ମୋଷ୍ଟ ୱାଂଟେଡ୍ ଆତଙ୍କବାଦୀ ତାହାଉର ହୁସେନ୍ ରଣାକୁ ଗଲା ଏପ୍ରିଲ ମାସରେ ଭାରତକୁ ପ୍ରତ୍ୟର୍ପଣ ଆମେରିକାର ଆତଙ୍କବାଦୀଙ୍କ ପ୍ରତି କଠୋର ଆଭିମୁଖ୍ୟର ସଂକେତ ପ୍ରଦାନ କରିଥିଲା। ଏବେ ଟିଆରଏଫକୁ ବିଦେଶୀ ବା ଆନ୍ତର୍ଜାତିକ ଆତଙ୍କବାଦୀ ସଂଗଠନ ତାଲିକା ଭୁକ୍ତ କରିବା ଆତଙ୍କବାଦ ବିରୋଧି ଆଭିମୁଖ୍ୟ ପ୍ରତି ଆମେରିକାର ପୁନଃ ସଂକଳ୍ପବଦ୍ଧତା ପ୍ରତିପାଦନ କରୁଛି। କିନ୍ତୁ ଆତଙ୍କବାଦୀକୁ ପାକିସ୍ଥାନର ଆର୍ଥୀକ ସହାୟତା, ପ୍ରୋତ୍ସାହନ ଓ ତାଲିମ ପ୍ରଦାନ ବନ୍ଦ ଲାଗି ଆମେରିକା ଚାପ ପ୍ରୟୋଗ କରିବା ବର୍ତମାନ ସମୟର ସବୁଠାରୁ ବଡ ଆବଶ୍ୟକତା। କିନ୍ତୁ ଅପରେସନ ସିନ୍ଦୂର ପରେ ପାକିସ୍ଥାନର ସେନାମୁଖ୍ୟ ଅସୀମ୍ ମୁନୀରଙ୍କୁ ଟ୍ରମ୍ପ ହ୍ୱାଇଟ୍ ହାଉସରେ ମଧ୍ୟାହ୍ନ ଭୋଜନରେ ଅପାୟିତ କରିବା ସହ ଯେଉଁଭଳି ପ୍ରଶଂସା କଲେ, ତାହା ତାଙ୍କର ପାକିସ୍ଥାନ ପ୍ରିତୀକୁ ପଦାରେ ପକାଇଛି। ତେଣୁ ତାଙ୍କୁ ବିଶ୍ୱାସ କରାଯାଇନପାରେ। ଭାରତ ଆତଙ୍କବାଦୀ କାର୍ଯ୍ୟକଳାପକୁ ଦୃଢ ହସ୍ତରେ ଦମନ କରିବା ସହ ଆତଙ୍କବାଦର ମୂଳୋତ୍ପାଟନ ପାଇଁ କୁଟନୈତିକ ସ୍ତରରେ ଉଦ୍ୟମକୁ ବଳବତର ରଖିବା ଜରୁରୀ।


+ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩,
ଶିଶୁପାଳଗଡ,-୭୫୧୦୦୨
ମୋ:୭୯୭୮୬୬୬୪୦୩


## କାହାରି ପାଖରେ ବସେନି

### ଧୀରେନ୍ଦ୍ର ମଲ୍ଲିକ



ଆମ ଗାଁ ଦିପୁଆ ଦେଖିବାକୁ ଗୋରା
ହେଲେ କାମ ତାର ଅଳିଆ,
ଖଣ୍ଡ ମଣ୍ଡଳରେ ଯେତେ ବି
ଖୋଜିଲେ
ପାଇବନି ତାହା ଭଳିଆ ।

ମାସକୁ ମାତର ଥରେ ସେ ଗାଧାଏ
ଦାନ୍ତ କେବେ ହେଲେ ଘସେନି,
ଗନ୍ଧାଉ ଥିବାରୁ ଦେହଟି ତାହାର
କାହାରି ପାଖରେ ବସେନି ।

ଝାଡ଼ା ଗଲାବେଳେ
ତାଟିଏ ପାଣି ସେ
ନେଇକି ଯାଆଏ ସାଙ୍ଗରେ,
ମୋଟା କାଠ ଝାଡ଼ା ଖସେ ନାହିଁ
ବୋଲି
କାଢେ ସେ କଳମ ଡାଙ୍ଗରେ ।

ଗଜିଆ ଦୋକାନୁ ଗୁଟୁଖା କିଣିକି
ଗାଈ ଗୋରୁ ଭଳି ଚୋବାଏ,
ଶୋଇଥିବା ବେଳେ ଅଧା ନିଦ୍ରୁ ଉଠି
ମଇଁଷି ପରିକା ବୋବାଏ।
ଦାନ୍ତ ଗୁଡ଼ା ତାର ନାଲି ହଳଦିଆ
କାଳିଆ ଯେ ପଡ଼ି ଯାଇଛି,
ଅନେକ ସମୟେ ବିନ୍ଧାଛିଟା ହୋଇ
ଯନ୍ତ୍ରଣା ବହୁତ ପାଇଛି।

ମଇଳା ପୋଷାକ ପିନ୍ଧିବୁଲେ ନିତି
ଅତର ପକେଇ ଦେଇକି,
ଯୁଆଡ଼କୁ ଗଲେ ପାନିଆ ଗୋଟିଏ
ପକେଟରେ ଯାଏ ନେଇକି।

ପଚାରିଲି ଦିନେ ହଇରେ ଦିପୁଆ
କାହିଁ ତୁ କରୁଛୁ ଏମିତି,
ଗଧିଆ ଘୁଷୁରୀ ଜନମ ନ ପାଇ
ମଣିଷ ହୋଇଲୁ କେମିତି।

ଏତିକି କଥା ମୋ ଶୁଣିକି ଦିପୁଆ
ରାଗିକି ପଞ୍ଚମ ହୋଇଲା,
ତା' ଗୋରା ଦେହକୁ ପ୍ରଶଂସା କରିକି
ମୋତେ କଳାମୁହାଁ କହିଲା।

ଏତିକିରେ ତା'ର କଥା ସରିଲାନି
ଗାଳିଦେଲା କୁଉ ଭାଷାରେ,
କହିଲା ତୁଉଟା ଏତେ ଜ୍ଞାନୀ ଯଦି
ଚାକିରି କଲୁନି ନାଶାରେ।

ଭଗବାନ ମୋତେ କରିଛନ୍ତି ଗୋରା
ନ ଗାଧାଏ ଯଦି ବରଷେ,
ସେମିତି ରହିବ ଦେହ ରଙ୍ଗମୋର
ବୁଲିବି ନିଇତି ହରଷେ।

ହେଲେ ତୁଉ ପରା କାଳିଆ ଟୋକାଟା
ଦେଖାଯାଉ ଭାରି ଅସନା,
ଯାଆନ୍ତିନି କେହି ପାଖକୁ ତୋହର
ହେଉପଛେ ଯେତେ ବାସନା ।
ଏହିକଥା ଶୁଣି ଦିପୁଆକୁ ମୁହିଁ
କହିଲି ଟିକିଏ ହସିକି,
ଘରେ ପହଞ୍ଚିକି ଭାବିବୁ ଟିକିଏ
ମୋହରି କଥାକୁ ବସିକି।

ଈର୍ଷା କରୁନି ମୁଁ ଉପରେ ତୋହର
ମୋ କଥା ତୋ କାମେ ଆସିବ,
ଅପରିଷ୍କାର ତୁ ହୋଇଲେ ରେ ବାବୁ
ରୋଗ ବ୍ୟାଧି ତୋତେ ଗ୍ରାସିବ।

ସେଥିପାଇଁ ତୋତେ ମଜାରେ ଏମିତି
ହସି ହସିକିରି କହିଲି,
ଖରାପ ଯଦି ତୁ ଭାବୁଛୁ ମୋ କଥା
ତେବେ ଦୁଇକାନ ଧଇଲି ।

ଏହା ଶୁଣିକିରି ତହିଁରେ ଦିପୁଆ
କହିଲା ନିଜକୁ ଧିଇକି,
ଅପରିଷ୍କାର ମୁଁ ହେବିନି ଆଜି ଠୁ
କହିଛୁ ଧିରୁଆ ଠିଇକି ॥


+ନୀଳକଣ୍ଠପୁର, ମଙ୍ଗଳପୁର,
ଯାଜପୁର
ସମ୍ପାଦକ- ଝୁମୁରୀ ପାରା ଶିଶୁ
ସାହିତ୍ୟ ସଂସଦ ଓ ଆଦର୍ଶ
ମୋ: ୭୯୦୪୩୯୨୬୮୬





## ଧାରାବାହିକ ଉପନ୍ୟାସ

# ଧୂରନ୍ତ ଶିଖା

ଭାଗ-୭୪



ଡ. ସିନ୍ଧୁ ସେନ୍

କରୁଥିଲା । ଶୟନେ, ସପନେ, ଜାଗରଣେ ମୋର କେବଳ ସେଇ ଚିନ୍ତା, ଶିବଶଙ୍କର ଆଶୀର୍ବାଦ ମୋ ଉପରେ ରହିଛି । ଆଉ ଏବେ ଯଦି ତ ।ଙ୍କ ର ି ଶୁଭକାର୍ଯ୍ୟକୁ ମୁଁ ବିରୋଧ କରେ ତେବେ ତାଙ୍କର କ'ଣ ମୋ ଉପରେ େକ ।ଧ ତ ହେବେନି । ତା ଠାରୁ ବରଂ ଭଲ ହେବ, ମୁଁ ତାଙ୍କର ପ୍ରତିଷ୍ଠା କାର୍ଯ୍ୟରେ ମୋ ଧର୍ମ ପାଳନ କରିବି ।

ରାଜପରିଷଦର ସଦସ୍ୟମାନେ ମୋର ପୌରୋହିତ୍ୟକୁ ବିରୋଧ କରୁଥିଲେ। କହୁଥିଲେ, ମହାରାଜ, ଆପଣ ଏ କ'ଣ କହୁଛନ୍ତି, ଜାଣିଶୁଣି ନିଜ ପାଇଁ ବିପଦ ବରିନେବେ। ଆପଣଙ୍କ ପ୍ରତି ବିପଦ ଆସିବାର ଅର୍ଥ ସମଗ୍ର ରାକ୍ଷସକୁଳ ପାଇଁ ବିପଦ । ଆପଣ ଏହାର କିଛି ପ୍ରତିକାର କରନ୍ତୁ ମହାରାଜ । ରାକ୍ଷସକୁଳକୁ ବଞ୍ଚାଇବା ପାଇଁ ଆଉ କିଛି ଉପାୟ ଚିନ୍ତା କରନ୍ତୁ । ଲକ୍ଷ୍ୟକଲି ମନ୍ତ୍ରୀ ପରିଷଦ ଓ ଅନ୍ୟାନ୍ୟ ରାଜକର୍ମଚାରୀ ମାନଙ୍କର ଲୁହ ଛଳଚଳ ଚକ୍ଷୁ ମୋତେ ପୁଣି ଭାବନା ରାଇଜକୁ ନେଇଗଲା । ଭିତରେ ଭିତରେ ମୁଁ ଯେମିତି ତରଳି ଯାଉଥିଲି । ବାସ୍ତବରେ ସେମାନେ ତ କିଛି ଭୁଲ୍ କହୁନାହାନ୍ତି । ମୁଁ ଲଙ୍କାଧିପତି । ରାକ୍ଷସ ମାନଙ୍କର ରାଜା । ରାକ୍ଷସ ମାନଙ୍କର ସୁରକ୍ଷା ମୋର ପ୍ରଥମ ଓ ପ୍ରଧାନ କର୍ତ୍ତବ୍ୟ । ମୁଁ ଯେଣୁ ରାକ୍ଷସ ସଂସ୍କୃତିର ସୁରକ୍ଷାର ଦାୟିତ୍ୱ ନେଇଛି । ଏବେ ସମସ୍ତଙ୍କୁ ବିପଦ ମଧ୍ୟକୁ ଠେଲିଦେବା ଜଣେ ରାଜା ଭାବେ ନିଶ୍ଚିତ ଅନ୍ୟାୟ । ମୋ ମନରେ ପ୍ରବଳ ଦ୍ୱନ୍ଦ୍ୱ । ମୋ ଭିତରେ ଥିବା ବ୍ରାହ୍ମଣ ଓ ରାକ୍ଷସ ପରସ୍ପର ସହିତ ସଂଘର୍ଷ କରୁଥିଲେ । ସେ ଯନ୍ତ୍ରଣା ଯେ କେତେ କଷ୍ଟଦାୟକ, ଯନ୍ତ୍ରଣାଦାୟକ, ତାହା ମୁଁ କେବଳ ବୁଝି ପାରୁଥିଲି । ଶିବଙ୍କ ଭକ୍ତ ମୁଁ । ଶିବଲିଙ୍ଗ ପ୍ରତିଷ୍ଠା କାର୍ଯ୍ୟରେ ସହଯୋଗ ନ କରିବା ଯେମିତି ମୋ ପାଇଁ ଅପରାଧ । ରାକ୍ଷସ କୁଳକୁ ସୁରକ୍ଷା ନଦେଇ ପାରିବା ସେମିତି ଏକ ଅଧର୍ମ । ତେଣୁ ବହୁତ ଭାବିଚିନ୍ତି କହିଲି, ଠିକ୍ ଅଛି, ମୋ ନିକଟକୁ ଯେମିତି ନିମନ୍ତ୍ରଣ ନ ପହଞ୍ଚିପାରେ, ସେଥିପାଇଁ କିଛି ଉପାୟ କରାଯାଉ ଅର୍ଥାତ୍ ଲଙ୍କାଗଡ଼ର ସମସ୍ତ ପ୍ରବେଶ ପଥକୁ ଅବରୁଦ୍ଧ କରି ରଖାଯାଉ । କୌରସି ବାହାର ଲୋକଙ୍କୁ ଲଙ୍କା ମଧ୍ୟରେ ପ୍ରବେଶ କରିବା ଦିଗରେ କଟକଣା କରାଯାଉ । ଏମିତି ହେଲେ, ମୋ ନିକଟକୁ ନିମନ୍ତ୍ରଣ ଆସିବାର ରାସ୍ତା ଆପେଆପେ ବନ୍ଦ ହୋଇଯିବ । ଆଉ ନିମନ୍ତ୍ରଣ ନ ପାଇଲେ ମୁଁ ସେଠିକୁ ଯିବାର ପ୍ରଶ୍ନ ଉଠୁନି । ମୋ କଥା ଶୁଣି ପରିଷଦବର୍ଗ କିଛିଟା ଆଶ୍ୱସ୍ତ ହେଲେ । ମୁଁ ନିଜେ ମଧ୍ୟ କିଛିଟା ଚିନ୍ତାରୁ ମୁକ୍ତି ପାଇଲି । ଦେଖାଯାଉ ଆଗକୁ କ'ଣ ହେଉଛି । ଏମିତିରେ ଯଦି ରାମଙ୍କ ଦୂତ ଲଙ୍କାକୁ ପ୍ରବେଶ କରି ନପାରି ଫେରିଯାଏ, ତେବେ ମୋତେ ଆଉ ଦୋଷ ଲାଗିବନି । ଲଙ୍କାର ପ୍ରଜାମାନେ ମୋର ଏପରି ଚିନ୍ତାଧାରାକୁ ସ୍ୱାଗତ କଲେ । ଲଙ୍କାର ସୀମାରେ ସଶସ୍ତ୍ର ପ୍ରହରୀର ତୁରନ୍ତ ବ୍ୟବସ୍ଥା କରାହେଲା, ଭାବୁଥିଲି, ସତରେ କ'ଣ ରାମଚନ୍ଦ୍ର ମୋରି ହାତରେ ପ୍ରତିଷ୍ଠା କାର୍ଯ୍ୟ ତୁଲାଇବାକୁ ଚାହାଁନ୍ତି ? ନା ଇଏ ବି ତାଙ୍କର ଏକ ଛଳନା । ଯେତେ ଯାହା ହେଲେ ମଧ୍ୟ ମୁଁ ତାଙ୍କର ଶତ୍ରୁ । କିଏ କ'ଣ ଚାହେଁ ଶତ୍ରୁ ହାତରେ ଏମିତି ଏକ ଶୁଭକାର୍ଯ୍ୟ କରିବାକୁ, ସେ ତ ଚାହିଁଲେ ଏହି ମହତ୍କାର୍ଯ୍ୟ ପାଇଁ ଆଉ କାହାକୁ ନିୟୋଜିତ କରିପାରିଥାନ୍ତେ । ସେତୁବନ୍ଧ ପ୍ରତିଷ୍ଠାର ଉଦ୍ଦେଶ୍ୟ ତ ମୋର ପରାଜୟ କାମନା । ନିଜ ମନକୁ ମନ ପ୍ରଶ୍ନ ପଚାରୁଥିଲି । ହେଲେ କିଛି ବି ସନ୍ତୋଷଜନକ ଉତ୍ତର ପାଉ ନଥିଲି । ବେଶ୍ କିଛିଦିନ ଏମିତି ସବୁ ଚିନ୍ତା ମୋତେ ଆବୋରି ବସିଥିଲା । ସେଦିନ ରାତିରେ ନା ମୁଁ ଭଲରେ ଶୋଇ ପାରିଥିଲି ନା ଚିନ୍ତାରୁ ମୁକ୍ତ ହୋଇ ପାରୁଥିଲି । ଆଗକୁ ଆଉ କ'ଣ ହେବ, ସେ ସବୁକୁ କେମିତି ମୁଁ ସାମ୍ନା କରିବି, ସେଇ ଅପେକ୍ଷାରେ ରାତିଟା ମୋର ଛଟପଟରେ କଟିଗଲା ।

ତେଣୁ ବ୍ରାହ୍ମଣ ସନ୍ତାନ ହିସାବରେ ପୂଜା କରିବା ତ ମୋର କୌଳିକ ବୃତ୍ତି । ତାଛଡ଼ା ମୁଁ ନିଜେ ତ ମହାନ୍ ଶିବଭକ୍ତ । ଦେବଦେବ ମହାଦେବଙ୍କ ଆଶୀର୍ବାଦରୁ ଚନ୍ଦ୍ରହାସ୍ୟ ଖଡ୍ଗ ମୋତେ ମିଳିଛି । ମୁଁ ତେଣୁ ଶିବଲିଙ୍ଗ ପ୍ରତିଷ୍ଠା କର୍ମକୁ ବିରୋଧ କରିବି କାହିଁକି ? ରାମଚନ୍ଦ୍ର କ୍ଷତ୍ରିୟ ସନ୍ତାନ । ସେ ଯଦି ମୋ ଠାରୁ ଆଶୀର୍ବାଦ ନେବାକୁ ଚାହାଁନ୍ତି ମୋର ସେଥିରେ କାର୍ପଣ୍ୟ କରିବାର କିଛିନାହିଁ । ବରଂ ରାମଚନ୍ଦ୍ରଙ୍କୁ ହାତତୋଳି ଆଶୀର୍ବାଦ ଦେବା ତ ମୋ ପାଇଁ ଗର୍ବ ଓ ଗୌରବ । ଲଙ୍କାର ରାଜା ଭାବେ ରାମଙ୍କ ବିପକ୍ଷରେ ଯୁଦ୍ଧ କରିପାରେ କିନ୍ତୁ ପୂଜକ ଭାବେ ପ୍ରତିଷ୍ଠା ଉତ୍ସବରେ ହାତଟେକି ଆଶୀର୍ବାଦ ଢାଳିଦେବା ମୋର ପରମ ଧର୍ମ । ମୁଁ ରାବଣ, ମୁଁ କେବଳ ଜୀବନର ଗୋଟିଏ ଦିଗକୁ ନେଇ ବଞ୍ଚିନି । ସବୁଆଡ଼କୁ ଦୃଷ୍ଟି ଦେବା ମୋର କର୍ତ୍ତବ୍ୟ । ତେଣୁ ରାମଙ୍କ ନିମନ୍ତ୍ରଣକୁ ସାଦରେ ଗ୍ରହଣ କରିବା ପାଇଁ ମୁଁ ପ୍ରସ୍ତୁତ ଅଛି ।

ମୁଁ ସିନା ଖୁବ୍ ସହଜରେ କଥାଗୁଡ଼ିକ କହିଦେଲି । କିନ୍ତୁ ମୋ ଭିତରେ ଚାଲିଥିଲା ରୀତିମତ ସଂଘର୍ଷ । ରାକ୍ଷସ ଆଉ ବ୍ରାହ୍ମଣ ମଧ୍ୟରେ ସଂଘର୍ଷ । ଖୁବ୍ ଭୟଙ୍କର ଭାବେ ମୋ ଚିତ୍ତ ତଳେ ସଂଘର୍ଷ ଚାଲିଥିଲା । ସେତୁବନ୍ଧର ପ୍ରତିଷ୍ଠା କାର୍ଯ୍ୟ ଯେ, ପରୋକ୍ଷରେ ମୋ ପାଇଁ ମୃତ୍ୟୁର ଆହ୍ୱାନ । ଏହା ଜାଣି ମଧ୍ୟ ମୁଁ ପୁରୋହିତ ହେବା ଲାଗି ନିଜ ମନକୁ ପ୍ରସ୍ତୁତ କରି ନେଉଥିଲି । ଭାବୁଥିଲି, ମୋର ପ୍ରକୃତରେ ପରିଚୟ କ'ଣ ? ମୁଁ କ'ଣ କେବଳ ବିଶ୍ରବାନନ୍ଦନ ରାବଣ ନା ମହାବୀର ସୁମାଳୀ ରାକ୍ଷସଙ୍କ ବଂଶଧର । କିଏ ମୁଁ ? ମୁଁ ମନର ଏହି ଦ୍ୱନ୍ଦ୍ୱ ମୋତେ ତିଳତିଳ କରି ଦଗ୍ଧୀଭୂତ

### ॥ ଚଉତିରିଶ ॥

ତହିଁ ପରଦିନ ସକାଳ । ସୂର୍ଯ୍ୟର ନରମ ରଶ୍ମି ମୋ କକ୍ଷର ବାତାୟନ ସେପଟେ ବିଞ୍ଛି ହୋଇ ପଡ଼ିଥିଲା । ପ୍ରଭାତ ବିହଙ୍ଗର କାକଳି ଲଙ୍କାର ଉଦ୍ୟାନକୁ ମୁଖରିତ କରୁଥିଲା । ଶେଯରେ ପଡ଼ିରହି ଗବାକ୍ଷ ମଧ୍ୟ ଦେଇ ଉପଭୋଗ କରୁଥିଲି ପ୍ରକୃତିର ଏ ଦୃଶ୍ୟକୁ । ଖୁବ୍ ଭଲ ଲାଗୁଥିଲା ସକାଳର କମନୀୟତାକୁ।

ଶଯ୍ୟା ଛାଡ଼ି ବାହାରକୁ ଆସିଲି । ନିତିଦିନ ପରି ସକାଳେ ଶଯ୍ୟାତ୍ୟାଗ ପରେ ଶିବଶଙ୍କରଙ୍କୁ ସ୍ମରଣ କରିବା ମୋର ଏକ ନିତିଦିନିଆ ଅଭ୍ୟାସ। ନିତ୍ୟକର୍ମ ସାରି ଶିବାଳୟକୁ ଯିବାର ମୋର ଆନନ୍ଦ । ସବୁଦିନ ଭଳି ସେଦିନ ମଧ୍ୟ ସକାଳେ ଶିବାଳୟ ଅଭିମୁଖେ ବାହାରିଲି । ଚତୁର୍ଦ୍ଦିଗରେ ସ୍ନିଗ୍ଧ ପରିବେଶ । ଶିବଙ୍କ ସ୍ତୁତିରେ ଶିବାଳୟର ପରିବେଶ ମୁଖରିତ । ବେଶ୍ ପୂତ ପବିତ୍ର । ମନ୍ଦିର ମଧ୍ୟରେ ପ୍ରବେଶ କରିବା ମାତ୍ରେ ମୋତେ ଯେମିତି ଲାଗୁଥିଲା, ମୋର ଚତୁର୍ଦ୍ଦିଗ କେବଳ ଶିବମୟ । ମୋ ଭିତରେ ଆଉ ରାକ୍ଷସତ୍ୱ ନାହିଁ। କେବଳ ଶିବତ୍ୱ । ମୋ ମନରୁ ଅପରସି ଯାଇଛି କ୍ରୋଧ, ଅସୂୟା ଭାବ । ବେଶ୍ ଶାନ୍ତି ଲାଗୁଥିଲା । ପୂଜା ସାରି ତାଙ୍କ ପାଦଛଡ଼ା ବିଲ୍ୱପତ୍ର ସେବନ କରି ବାହାରକୁ ଆସିଲି । ପାହାଚ ପରେ ପାହାଚ ଓହ୍ଲାଇ ଆସୁଥିବା ସମୟରେ କାନରେ ବାଜିଲା, ସୁନ୍ଦର ମନ୍ତ୍ରଧ୍ୱନି । ପରିଷ୍କାର ସଂସ୍କୃତ ଉଚ୍ଚାରଣ । ଭଲଭାବେ ଦେଖିବା ପାଇଁ ପାଖକୁ ଗଲି । ବିଶାଳବାହୁ ବିଶିଷ୍ଟ କେହି ଜଣେ ଶିବମନ୍ତ୍ର ଉଚ୍ଚାରଣ କରୁଛି । ଭାବିଲି ନିଶ୍ଚୟ ସେ ଜଣେ ଆର୍ଯ୍ୟ ହୋଇଥିବେ । ଲଙ୍କାରେ ରାକ୍ଷସ ମାନଙ୍କ ସଂଖ୍ୟା ମାତ୍ରାଧିକ ଥିଲେ ମଧ୍ୟ ଅଳ୍ପ କେତେକ ଆର୍ଯ୍ୟମାନେ ମଧ୍ୟ ବସବାସ କରନ୍ତି । ହୁଏତ ସେଇମାନଙ୍କ ମଧ୍ୟରୁ କେହିଜଣେ ଶିବାଳୟକୁ ଆସିଥାଇ ପାରନ୍ତି । କାରଣ ଏମିତି ଶୁଦ୍ଧ ଭାବେ ସଂସ୍କୃତ ଉଚ୍ଚାରଣ କରିବା ରାକ୍ଷସ ମାନଙ୍କ ପକ୍ଷେ ସମ୍ଭବ ନୁହେଁ । ଆର୍ଯ୍ୟସଂସ୍କୃତି ହିଁ ଏହାର ପକ୍ଷପାତୀ । ତଥାପି ମନରେ ସଂଶୟ ଜାଗୁଥିଲା । ଅପରିଚିତ ଜଣକ ତେବେ କିଏ ? କେଉଁଠି ରହନ୍ତି ? ଲକ୍ଷ୍ୟକରି ସେ ମୋରି ଆଡ଼କୁ ଆଗେଇ ଆସୁଥାନ୍ତି । ମୋତେ ହିଁ ଲକ୍ଷ୍ୟ କରି କହୁଥାନ୍ତି ଲଙ୍କେଶ୍ୱର ଏଠାରେ କିଏ, କହିପାରିବେ କି ତାଙ୍କୁ କେଉଁଠାରେ ପାଇବି ?

କିନ୍ତୁ ଲଙ୍କେଶ୍ୱରଙ୍କ ପାଖରେ ଆପଣଙ୍କର କାମ କ'ଣ ?

ସେମିତି କିଛି ଜରୁରି ଆବଶ୍ୟକତା ଅଛି ବୋଲି ତ ଦେଖାକରିବାକୁ ଚାହୁଁଛି ।

କିନ୍ତୁ ଏଠି ତ କେହି ଲଙ୍କେଶ୍ୱର ନାହାନ୍ତି। ଶିବ ଶଙ୍କରଙ୍କ କ୍ଷେତ୍ରରେ ବିଶ୍ରବାନନ୍ଦନ ରାବଣ କେବଳ ଅଛନ୍ତି ।

ମୁଁ ସେଇ ଶିବଭକ୍ତ ବିଶ୍ରବାନନ୍ଦନ ରାବଣ । ଲଙ୍କେଶ୍ୱର ନୁହେଁ ।

(କ୍ରମଶଃ)

+ବାରବାଟୀ, ବାଲେଶ୍ୱର
(ମୋ)୯୩୩୭୫୮୦୦୪୫



## ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)

# ତ୍ରିପାଦମେଦିନୀ

ଜ୍ୟୋତ୍ସ୍ନାମୟୀ ପଣ୍ଡା

॥ ଭାଗ-୧୦୦ ॥



ଶ୍ରୀମଦ୍ ଭାଗବତ, ଏହି ତ୍ରିପାଦ ମେଦିନୀ ଉପନ୍ୟାସ ମୁଁଯେତେବେଳେ ପ୍ରଥମ ଥର ଶେଷ କଲି, ସେତେବେଳେ ମୋର ବିଶ୍ୱାସ ହେଲା ଯେ, ଭାଗବତରେ ଯାହା ଲେଖା ଯାଇଛି, ତାହା ସତ୍ୟତା ଉପରେ ଆଧାରିତ । କିନ୍ତୁ ଏହି ସତ୍ୟ ପ୍ରସ୍ତ, ପ୍ରସ୍ତ ପ୍ରତୀକାତ୍ମକ ଆବରଣ ଭିତରେ ଏପରି ଜଟିଳ ହୋଇଅଛି ଯେ, ସ୍ଥାନେ, ସ୍ଥାନେ ନିର୍ଦ୍ଦିଷ୍ଟ ସତ୍ୟ କଣ ସ୍ଥିର କରିବା ବହୁତ ଅୟାସ ସାପେକ୍ଷ ।ଏଥିପାଇଁ ମୋତେ ଯେ କେତେ କଷ୍ଟ,କେତେ ପରିଶ୍ରମ କରିବାକୁ ହୋଇଛି, କେତେ ପ୍ରତି ବନ୍ଧକ ସହିଛି ଏବଂ କେତେ ଅମୂଲ୍ୟ ମୂଲ୍ୟ ଦେବାକୁ ହୋଇଛି, ପୁଣି ପ୍ରସ୍ତୁତ ହୋଇଛି, ସେକଥା ମୁଁ ଜାଣେ । ଯେପରି 'ଶୁକ ଧାଇଁଲେ ତାହା ଦେଖି, ପକ୍ଷୀଙ୍କ ସଂଗତ ଉପେକ୍ଷି । । 'ଏଥିରୁ ସ୍ୱଷ୍ଟ ଜଣାଯାଏ ଯେ, ଶୁକ ମୁନି ଏକ ପକ୍ଷୀ । କିନ୍ତୁ ପୁଣି ତର୍ଜମା କଲେ ଜଣାଯାଏ, କୌଣସି ପକ୍ଷୀ କେବେ ଦୌଡେ ନାହିଁ, ସେ ଉଡେ । ତେଣୁ ଶୁକ ଜଣେ ମାନବ, ଯେ ପକ୍ଷୀର ମୁଖା ପିନ୍ଧି ଥିଲେ, ଏବଂ ଏହି ପକ୍ଷୀ ମୁଖା ଯେଉଁମାନେ ପିନ୍ଧୁଥିଲେ, ସେମାନେ ପକ୍ଷୀ, ବିଶେଷତଃ ଏହି ପକ୍ଷୀ ମୁନି ମାନେ ଯମ, ନିୟମ, ଆସନ, ପ୍ରାଣୟାମ, ପ୍ରତ୍ୟା ହାର, ଧ୍ୟାନ, ଧାରଣା ଏହି ସପ୍ତମାତୃକାଙ୍କ ସୋପାନର ଉର୍ଦ୍ଧ୍ୱରେଅଣିମା, ଲଘିମା, ମହିମାଆଦି ସିଦ୍ଧିର ଅଧିକାରୀ ହୋଇଥିଲେ । ଫଳରେ ସେମାନଙ୍କ ଶରୀର ସୂକ୍ଷ୍ମୀକରଣ କରି ଇଚ୍ଛା ମତେ ହାଲୁକା, ଓଜନିଆ, ଦୃଶ୍ୟ ଓ ଅଦୃଶ୍ୟ ହୋଇ ଯାଉଥିଲେ । ଗୋଟିଏ ସ୍ଥାନରୁ ଯାଇ ଅନ୍ୟ ସ୍ଥାନରେ ପକ୍ଷୀ ପରି ଶୂନ୍ୟରେ ପହଞ୍ଚିଯାଉଥିଲେ । ଏପରିକି ସମାଧୀସ୍ଥ ଅବସ୍ଥାରେ ଉଭୟ ଭିନ୍ନ ଭିନ୍ନ ସ୍ଥାନରେ ଥାଇ ମଧ୍ୟ ଏକାଠି ମିଳିତ ହୋଇଯାଉଥିଲେ । ଏହିଭଳି ଅବସ୍ଥାରେ ସେମାନେ ଯୋଗ ମଗ୍ନ ଥାଇ ବିନା ଶରୀରରେ ଉଭୟଙ୍କର ଆତ୍ମା ପରସ୍ପରର ନିକଟବର୍ତ୍ତୀ ହୋଇପାରୁଥିଲା । ସେମାନେ ପରସ୍ପର ସହ ବାର୍ତ୍ତାଳାପ କରି ପାରୁଥିଲେ, ପରସ୍ପରକୁ ସ୍ପର୍ଶକରି ପାରୁଥିଲେ ଏବଂ ଅନୁଭବ କରି ପାରୁଥିଲେ । ଦେବତାମାନେ ଏହିପରି ଗତି କରୁଥିବାରୁ ତାଙ୍କ ପାଦ ତଳେ ଲାଗୁନଥିଲା ବା ଛାୟା ମଧ୍ୟ ପଡୁ ନଥିଲା କାରଣ ଏହା ଚେତନା ବା ଆତ୍ମାର ଗତି ଥିଲା । ଯେପରି ବାହ୍ୟ ବିଜ୍ଞାନରେ ସ୍ମାର୍ଟ ଫୋନ୍ । ଭାଗବତ ଅନୁସାରେ କେବଳ ରୋଗ ନୁହେଁ, ଅନ୍ତର୍ବିଜ୍ଞାନ ବଳରେ ରାଜା ଯଯାତି ଓ ପୁତ୍ର ଯଦୁ, ବାର୍ଦ୍ଧକ୍ୟ ଓ ଯୌବନକୁ ମଧ୍ୟ ପରସ୍ପର ସହ ବଦଳ କରିଥିଲେ । ବୋଧହୁଏ ସମୟ ଆସିବ, ଯେତେବେଳେ ଅନ୍ତର୍ବିଜ୍ଞାନ ପରି ବୈଜ୍ଞାନିକ ମାନେ ସ୍ୱାଦ, ସ୍ପର୍ଶ, ଗନ୍ଧ ଓ ଅନୁଭବକୁ ମଧ୍ୟ ଶୂନ୍ୟରେ ପଠାଇ ଦେଇପାରିବେ ବୋଲି ମୋର ବିଶ୍ୱାସ । ଶ୍ରୀମଦ ଭାଗବତରେ ଚଣ୍ଡାଳର ମାଂସ ଓ ଶିକାରୀ ରାଜାଙ୍କୁ ହିଂସ୍ର ଜୀବଙ୍କ ଆକ୍ରମଣ ଦର୍ଶନ ମଧ୍ୟ ଏହି ସାଧକ ମାନଂକ ବିଜ୍ଞାନ ହୋଇ ପାରେ ! ଯାହା ଯଥେଚ୍ଛା ଶିକାର କରୁଥିବା ଶିକାରୀ ଓ ମଣିଷ ମାଂସ ଭକ୍ଷୀକୁ ଭୟଭୀତ କରିଥାଏ । କେତେକ ଯୋଗ ସାଧନାରେ ଗୁରୁ ମଧ୍ୟ ଶିଷ୍ୟକୁ ନିୟନ୍ତ୍ରିତ କରିବା ପାଇଁ ଏହିପରି ବିଜ୍ଞାନ ପ୍ରୟୋଗ କରିଥାନ୍ତି ! ଏହାଦ୍ୱାରା ଉପଯୁକ୍ତ କାର୍ଯ୍ୟ ସିଦ୍ଧି ପାଇଁ ଶିଷ୍ୟ ପ୍ରତି ପ୍ରୟୋଗ କରି ସେମାନେ ତାକୁ ମାନସିକ ଭାବେ ଦୃଢ଼ କରିଥାନ୍ତି । ଜଣେ ସତ୍ ଗୁରୁ ସର୍ବଦା ତାଙ୍କ ଅନୁଗତ ମାନଂକ ହିତ କରିଥାନ୍ତି ।ଏହିପରି ବିଜ୍ଞାନ ସେମାନଙ୍କ ବିଶୃଙ୍ଖଳ କାର୍ଯ୍ୟର ପ୍ରାୟଶ୍ଚିତ ଥିଲା । କିନ୍ତୁ ଆଧୁନିକ ସମୟ ରେ ଏହା ଆଇନ ବିରୁଦ୍ଧ ଓ ଅମାନବିକ । କାରଣ କେତେକ ମୋବାଇଲ୍ ଖେଳ ହିତ ସାଧନ ପରିବର୍ତ୍ତେ ନିର୍ଦ୍ଦୋଷ ଯୁବକ ବା ମଣିଷଙ୍କ ଅହିତ ସାଧନ କରୁଅଛି ।

ବେଳେବେଳେ ଦକ୍ଷ ପ୍ରଜାପତି ତାଙ୍କ ବିଜ୍ଞାନ ଶାଳା ପରି ଦର୍ଶନ କରିବାକୁ ଆସୁଥିଲେ । ବେକରେ ଗଣ୍ଠି ପଡ଼ିଥିବା ଗେରୁ ବା ରଙ୍ଗ ମାଟି ଆଦି ପ୍ରାକୃତିକ ରଙ୍ଗ ହୋଇଥିବା ଆଣ୍ଠୁ ତଳ ପର୍ଯ୍ୟନ୍ତ ବସ୍ତ୍ର, ପଗଡ଼ି, କାନ୍ଧରେ ଲଟକି ଥିବା ମୃଗ ଛାଲ ସହ ବାହୁ, ମଥା , ଗଳା ଓ ପାଦରେ ଥିଲା ତାଙ୍କର ସ୍ୱର୍ଣ୍ଣ ରୌପ୍ୟ, ପ୍ରବାଳର ରାଜକୀୟ ସ୍ୱଳ୍ପ ଅଳଙ୍କାର । (ପୂର୍ବ ପୃଷ୍ଠାରେ ମେଣ୍ଢା ଛାଲର ଜାମା ଭୁଲ୍ ଥିଲ । ଠିକ୍ ହେଉଛି ମୁଣ୍ଡରେ ପଗଡି ।) ତାଙ୍କ ଯୋଗର ଜ୍ୟୋତିରେ ବିଜ୍ଞାନ ଶାଳ ଆଲୋକିତ ହୋଇ ଯାଉ ଥିଲା । ତାଙ୍କ ସହିତ ଯୋଗ ଦେଉଥିଲେ --- ପୂର୍ଣ୍ଣିମା ପ୍ରଜାପତି, ତାକ୍ଷ୍ୟ, ତ୍ୱଷ୍ଟା, କୃଶାଶ୍ୱଓ ଅର୍ଯ୍ୟମା ଆଦି ପ୍ରଜାପତି ଯଥା --ଦିଗ,ବାତାଳ, ଜଳପତି, ଅଶ୍ୱିନୀ, ଅଗ୍ନି, ସୁରପତି, ଉପେନ୍ଦ୍ର, ମିତ୍ର ଓ ପ୍ରଜାପ ତି, ଯେଉଁମାନେ କି ଗବେଷଣା କାର୍ଯ୍ୟରେ କଶ୍ୟପଙ୍କୁ ସାହାଯ୍ୟ କରୁଥିଲେ । ସେମାନଙ୍କର ଏକ ଅଧିବେଶନ ବସୁଥିଲା ଓ ଆର୍ଯ୍ୟାବର୍ତ୍ତ ତଥା ପୃଥିବୀର ବିଭିନ୍ନ ବିଷୟରେ ଆଲୋଚନା ହେଉଥିଲା । ବିଶେଷତଃ ବିଜ୍ଞାନ ବିଷୟରେ ଆଲୋଚନା ହେଉଥିଲା । ପୃଥିବୀକୁ ଆସିବରେ ତାଙ୍କର ଉଦ୍ଦେଶ୍ୟ ଥିଲା ଯେ କଶ୍ୟପଙ୍କ ଦେହରେ ଥିବା ଜୀବମାନଙ୍କୁ ପୃଥିବୀ ରେ ସେମାନେ ପୃଥକ ପୃଥକ କରି ସୃଷ୍ଟି କରିବେ ଏବଂ ମିଥୁନ ଦ୍ୱାରା ସେମାନଙ୍କର ବଂଶ ବୃଦ୍ଧି କରାଇ ପ୍ରଜାମାନଙ୍କୁ ସର୍ଜନା କରିବେ । ଏଥିରେ ସେମାନେ କେତେଦୂର ସଫଳ ହୋଇଛନ୍ତି ଓ ଅଗ୍ରଗତି କରିଛନ୍ତି ତାହା ହିଁ ଥିଲା ଆଲୋଚନାର ପ୍ରଧାନ ବିଷୟ । କଶ୍ୟପ କହୁଥିଲେ ଯେ, ଇତି ମଧ୍ୟରେ ମୁଁ ପ୍ରଳୟ ଜଳ ବା ପ୍ରଳୟ ଅଗ୍ନିରେ ବିଲୁପ୍ତ ହୋଇଥିବା ଅନେକ ବିରଳ ପ୍ରାଣୀ ମାନଂକ ପୁନଃଉଦ୍ଧାର କରି ପାରିଛି । ମୁଁ ଲକ୍ଷ, ଲକ୍ଷ ବର୍ଷ ତଳର କଙ୍କାଳ ଓ ଅସ୍ଥି ମାନ ସାଇତି ରଖିଥିଲି । (ପ୍ରଳୟ ଜଳେ ପ୍ରାଣୀ ଯେତେ, ବା ପୃଥୀରେ ଜୀବଜନ୍ତୁ ଯେତେ, ଗଲେ କଶ୍ୟପ ଗର୍ଭ ଗତେ । ବର୍ତ୍ତମାନ ଜେନେଟିକ ଇଞ୍ଜିନିୟରିଂ ଦ୍ୱାରା ଡିଏନଏରୁ ଏପରି ବିଲୁପ୍ତ ପ୍ରାଣୀ ମାନଂକ ପୁନଃ ସର୍ଜନା କରା ଯାଇଛି । ଏହା ମୋର ପଠିତ) । ସେଥିରୁ ମୁଁ ବିଲୁପ୍ତ ସରୀସୃପ(ଡାଇନୋସର) ବିଶାଳ କାୟ କାକ, ବକ ମାନ (ଯାହାକି ଭାଗବତରେ କୃକଳାସ ନାମରେ ଅଛି ।) ଏବଂ ଅନ୍ୟ କେତେକ ପ୍ରାଣୀଙ୍କ ନୂତନ ସର୍ଜନା କରିଅଛି । ଆଦିତ୍ୟମାନଙ୍କୁ ଜନ୍ମ ଦେବା ପୂର୍ବରୁ ମୁଁ ଯୋଗ ବଳରେ ଜାଣି ଥିଲି ଯେ, ପୃଥିବୀ ଜନ୍ମର ପ୍ରାକ୍ ସମୟରେ ଧୀର ଗତିରେ ଆବର୍ତ୍ତନ କରୁଥିଲା । ଚନ୍ଦ୍ର ପୃଥିବୀର ବହୁତ ନିକଟରେ ଥିବାରୁ ଓ ଗ୍ରହ ମାନଂକ ତୀବ୍ର ଘୂର୍ଣନ ହେତୁ ଦିନରାତିର ସମୟ କମ୍ ଥିଲା । ପୃଥିବୀର ଘୂର୍ଣ୍ଣନ ଗତି ମଧ୍ୟ ସର୍ବଦା ସମାନ ରହିବ ନାହିଁ । ସହସ୍ର ସହସ୍ର ବର୍ଷ ପରେ ପୃଥିବୀ ଅତି ତୀବ୍ର ଗତିରେ ଘୁରି ବାରେ ଲାଗିବ । ସେହି ଦୃଷ୍ଟିରୁ ଦେଖିଲେ, ବର୍ତ୍ତମାନ ଗୋଟିଏ ପୃଥିବୀ ଦିନ ଚବିଶ ଘଣ୍ଟା । ଗୋଟିଏ ଘଣ୍ଟା ହେଉଛି ମହାକାଶରେ ନବେ ମିନିଟ । ତେଣୁ ଚବିଶ ଘଣ୍ଟା ବା ଚଉଦ ଶହ ଚାଳିଶ ମିନିଟରେ ଶୋହଳଟି ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ହେଉଛି । କିନ୍ତୁ ପ୍ରାକ୍ ସମୟ ରେ ଏହି ଦିନ ଓ ରାତି ପୃଥିବୀରେ ଅଠର ଘଣ୍ଟା ବା ଦଶ ଶହ ଅଶି ମିନିଟ୍ ଥିଲା । (ଅନ୍ତତଃ ଶ୍ରୀମଦ୍ ଭାଗବତ ଅନୁସାରେ ପୃଥିବୀରେ କଶ୍ୟପ ବା ଜୀବକୋଷ (ଜୀବନ)ସୃଷ୍ଟି କିମ୍ବା ଆକାଶରେ କଶ୍ୟପ ତାରା ଓ ପୃଥିବୀରେ କଛପ ଦେଖାଦେବା ସମୟରେ) । ତେଣୁ ମହାକାଶରେ ବାରଟି ସୂର୍ଯ୍ୟ ଉଦୟ ଓ ସୂର୍ଯ୍ୟାସ୍ତ ହେଉଥିଲା । ତେଣୁ ମୁଁ ବାର ଜଣ ଆଦିତ୍ୟଙ୍କୁ ଜନ୍ମ ଦେଇ ସେମାନଙ୍କ ନାମରେ ଦ୍ୱାଦଶ ସୂର୍ଯ୍ୟଙ୍କୁ ନାମିତ କଲି ।

ଦିନେ ଦିନେ ସେମାନେ ଆର୍ଯ୍ୟାବର୍ତ୍ତ, ଆର୍ଯ୍ୟ ଓ ଦ୍ରାବିଡ଼ ମାନଙ୍କ ବିଷୟରେଆଲୋଚନା କରୁଥିଲେ । ପ୍ରଶ୍ନ ଉଠୁଥିଲା ଯେ ଆର୍ଯ୍ୟ ମାନଙ୍କ ମଧ୍ୟରେ ଏବେ ଜାତି ଭେଦର ସୃଷ୍ଟି ହୋଇଛି, ଯଦିଓ ବେଦ ଶ୍ରୁତି ଅବସ୍ଥାରେ ରହିଛି ଏହାର ବିଭାଗୀକରଣ ହୋଇନାହିଁ । (ଦ୍ୱାପର ଯୁଗରେ ବେଦବ୍ୟାସ ବେଦକୁ ସଂକଳନ କରି ବେଦକୁ ଚାରିଭାଗରେ ବିଭକ୍ତ କରିଥିଲେ) । କାସପୀୟାନ ସାଗର କୂଳରୁ ଆସିବା ପରେ ଆର୍ଯ୍ୟ ମାନେ ପଞ୍ଜାବ ର ସପ୍ତସିନ୍ଧୁ ଓ ସରସ୍ୱତୀ କୂଳରେ ବସବାସ କରୁଥିଲେ ଏବଂ ବେଦ ଶୁଣି ଶୁଣି ମନେ ରଖୁଥିଲେ । କିନ୍ତୁ ସେମାନଙ୍କ ପୂର୍ବରୁ ସତ୍ୟ ଯୁଗରୁ ଜାତି ଭେଦ ଥିଲା ।) ଏବେ ସେମାନେ ନିଜକୁ ଚାରିଗୋଟି ଜାତିରେ ଭାଗ କରିଛନ୍ତି ।

(କ୍ରମଶଃ)

+ ବାଲିଝରି, କାନପୁର, ବଡ଼ମ୍ବା, କଟକ



## ତୁମ ବିନା

ଡଃ ମାଙ୍ଗଳିକା ମହାପାତ୍ର

ମଳୟ ପବନ ବହୁଛି
କୋଇଲି ବି ଗାଉଛି
କିନ୍ତୁ ମୁଁ ନିଶବ୍ଦ ମୂର୍ତ୍ତିଟିଏ
କେବଳ ତୁମ ବିନା...

ତାରା ଟିମ୍ ଟିମ୍ କରୁଛି
ଜହ୍ନ ରୁ ମୋତି ବରଷୁଛି
କିନ୍ତୁ ମୁଁ ଅନ୍ଧାରରେ ହଜିଯାଉଛି
କେବକ ତୁମ ବିନା...

ଭଁଅର ଘୁରି ବୁଲୁଛି
ଫୁଲ ଲାଜରେ ଲୁଚୁଛି
କିନ୍ତୁ ମୁଁ ସାଥୀହୀନ
କେବଳ ତୁମ ବିନା...

ମିଳନ ଋତୁର ବୟସ ବଢୁଛି
ମୂହୁର୍ତ୍ତ ସବୁ ବିତି ଯାଉଛି
କେବଳ ମୋ ନିଜ ଆୟୁଷର
କେବଳ ତୁମ ବିନା...



## ଅବୁଝା ଚିତ୍ର ଚରିତ୍ର

ଅନସୂୟା ପଣ୍ଡା

କେତେ ଅବୁଝା ଇଚ୍ଛାର ସମାହାର
ଏ ଜୀବନ ଜଳନ୍ତା ମାନଚିତ୍ରରେ
ପାଇବା ହରେଇବାର ଦୋଛକିରେ
ପୁନଃଷ୍ଚ ବହିବାର ଉପକ୍ରମ ।

ଅନେକ ସମୟରେ ଢୋକିବାକୁ
ପଡ଼େ ଖୁସିକୁ ନିଜର ଭାବାନ୍ତରେ
ଅନିଚ୍ଛାର ଖୋଳପାରେ ଲୁଚେଇ
ବିବ୍ରତବୋଧର ଅବୁଝା ଲହର ।

ଉର୍ଦ୍ଧ୍ୱ ଉଡାଣକୁ ରୋକିବାକୁ ପଡ଼େ
ମନରେ ଲଗାଇ ଅଦୃଶ୍ୟ ତୁଣ୍ଡିଟିଏ
ଅପ୍ରକାଶିତ ଶବ୍ଦ ସବୁକୁ ଆୟତ୍ତ କରି
ଭାବନାକୁ ଢାଙ୍କି ଅଭିମାନର ଚାଦର ।

ସମସ୍ତେ ଏଠି ପୋଖତ କଳାକାର
ବୁଝାପଡେନି ବାସ୍ତବ ଚିତ୍ର ଓ ଚରିତ୍ର
ସ୍ୱାର୍ଥର ତୀର୍ଥରୁ ପ୍ରାପ୍ତିର
ତଥାସ୍ତୁ ହାତେଇବା ପରେ
କଦର୍ଥର କାଦୁଅରେ ହଜିଯାଏ
ଅନିବାର୍ଯ୍ୟ ସମ୍ପର୍କର ଥଳ କୂଳ ।

+ବୁର୍ଲା, ସମ୍ବଲପୁର
ମୋ: ୮୩୨୮୯୪୫୮୮୫

## ଭାବନାରେ ମୂର୍ଖତା

ସରସ୍ୱତୀ ମେହେର

ଶବ ପାଖରେ ମହମବତୀ ଜଳାଇ
ଆତ୍ମାର ସଦଗତି ପ୍ରାର୍ଥନା କରାଯାଏ
ଶୁଭ ଜନ୍ମଦିନରେ ମହମବତୀ ଲିଭାଇ
ବ୍ୟକ୍ତିର ଶୁଭକାମନା କରାଯାଏ ।

କ୍ଷୀର ବାଲା ଘର ଘର ବୁଲିକ୍ଷୀର ବିକେ
କହନ୍ତି ଲୋକେ କେତେ ମିଶିଛି ପାଣି
ମଦ ଦୋକାନରେ ଭାରୀ ଗହଳି
ପାଣି ମିଶେଇ ମଦକୁ ପିଅନ୍ତି କିଣି ।

ମଣିଷକୁ ଜଦି କିଏ କହିଦିଏ ଜାନବର
ରାଗରେ ଉଠେ ଗରଜି
ଜଦି କିଏ ତାକୁ ସେର୍ କହେ
ହୋଇଯାଏ ବେଶୀ ଖୁସି ।

ବୁଝି ପାରନ୍ତା ଜଦି ସେର୍ ବି
ଗୋଟିଏ ପଶୁର ନାମ
କରନ୍ତା ନାହିଁ ସେ କଳି ଝଗଡା
ରଖି ପାରନ୍ତି ନିଜର ସନମାନ ।

ବେଦ, କୋରାନ, ବାଇବେଲରେ
ଭଗବାନ ହେଉଛନ୍ତି ଗୋଟିଏ
ନାହିଁ ଜାତି, ଧାର୍ମ, ସଭିଏଁ ସମାନ
ଜାତି ଜାତି ବୋଲି କରନ୍ତି ତାଣ୍ଡବ
ନ ପଢ଼ିଛି ଯିଏ ।
ମିଠା ମିଠା କଥା ଯିଏ କହେ
ସମସ୍ତେ ତାକୁ କହନ୍ତି ଭଲ
ଭଲ ଉପଦେଶ ଦେଇଥାଏ ଯିଏ
ଦେଖନ୍ତି ତାକୁ ଆଖି କରି ଲାଲ ଲାଲ ।

ଚିନି, ଗୁଡରେ ଲାଗଇ ପୋକ
ସମସ୍ତଙ୍କୁ ଏହା ଜଣା
ଲୁଣରେ କେବେହେଁ ନ ଲାଗେ ପୋକ
କଡ଼୍ ବି ସତ କଥାଟା ସିନା ।

ଯୋଗିବାହାଲ, ସିନାପାଲି, ନୂଆପଡା,
ମୋ: ୯୧୭୮୪୬୬୦୯୪

## ପୁରୁଷର ଅନ୍ତଃସ୍ୱର

ମମତା ବରର୍ତ୍ତୀ

ଦୁଃଖ ଯେତେ ରଖିଥାଏ ଛାତିରେ ଲୁଚାଇ,
ପୁରୁଷଟିଏ ସେ ଯେଣୁ ପାରେ ନାହିଁ କହି ।

ଝରାଏ ନି ତା' ଆଖିରୁ କେବେ ଟୋପେ ଲୁହ,
ଆଗେଇ ଚାଲିଥାଏ ସେ ଚାପି ସବୁ କୋହ ।

ପୁଅ, ଭାଇ, ବାପାର ଭୂମିକାକୁ ସେ ନିଭାଏ,
ପରିବାରକୁ ସେ ବିଶ୍ୱାସ, ସାହସ ଦିଏ ।

କୁଟୁମ୍ବ ପୋଷଇ ମୁଣ୍ଡ ଝାଳ ତୁଣ୍ଡେ ମାରି,
ମେରୁଦଣ୍ଡ ସାଜି ସଭିଙ୍କୁ ନିଏ ସମ୍ଭାଳି ।

ପତ୍ନୀ ଓ ସନ୍ତାନଙ୍କ ସ୍ୱପ୍ନ ପୂରଣ ପାଇଁ,
ନିଜର ସ୍ୱପ୍ନ ସବୁକୁ ଭାଙ୍ଗିଦିଏ ସେହି ।

ତା' ନିଜ ଇଚ୍ଛା ପଛେ ଅଧୁରା ରହିଯାଉ,
ପରିବାର ତା'ର ଯେତେ ସବୁ ଇଚ୍ଛା ପାଉ ।

ଯେତେ ବେଦନା ଆସୁ ନ ହୁଏ ବିଚଳିତ,
ସ୍ୱାଭିମାନ, ଦାୟିତ୍ୱକୁ କରେ ନି କ୍ଷତାକ୍ତ ।

ସଦା ରହିଥାଏ ସେ ଦୃଢ, କଠୋର
ଏହା ହିଁ ପୁରୁଷର ଅନ୍ତଃସ୍ୱର ।

+ ରାଣୀକଟା,ବଲାଙ୍ଗୀର

# ଫୁଲବାଣୀ ବସଷ୍ଟାଣ୍ଡ ଓ ମେଡିକାଲ ଆହାର କେନ୍ଦ୍ରର ପେଜ ରାସ୍ତାରେ ଭାସୁଛି : ସୃଷ୍ଟି କରୁଛି ଅସ୍ୱାସ୍ଥ୍ୟକର ପରିବେଶ

କନ୍ଧମାଳ, ୨୩/୦୭ (ନି.ପ୍ର): କାମରେ ଆସୁନି ପରିଷ୍କାର ପରିଛନ୍ନତା । ଏପରି ଚିତ୍ର ଦେଖିବାକୁ ମିଳିଛି ଫୁଲବାଣୀ ପୌର ପରିଷଦର ବସଷ୍ଟାଣ୍ଡ ନିକଟସ୍ଥ ଓ ମେଡିକାଲ ପରିସରରେ ଥିବା ଆହାର କେନ୍ଦ୍ରରେ । ବସଷ୍ଟାଣ୍ଡ ଉପର ସାଜସଜ୍ଜା ବହୁତ ବଢିଆ ହେଲେ ଆହାର କେନ୍ଦ୍ରରୁ ବାହାରୁଥିବା ପ୍ରତିଦିନର ଗରମ ପେଜ ବସଷ୍ଟାଣ୍ଡ ସାରା ଭାସୁଛି । ସେହିପରି ମେଡିକାଲ ପରିସରରେ ଥିବା ଆହାର କେନ୍ଦ୍ରର ପେଜ ଓ ପରିବା ଚୋପା ସମେତ ବାସୀ ଖାଦ୍ୟ ସବୁ ଫୋପଡା ହେଉଛି ରାସ୍ତା କଡରେ ଥିବା ଖୋଲା ନର୍ଦ୍ଦମାରେ ଫଳରେ ସେଠାରେ ମଶା ମାଛିରେ ଭରପୁର ସହିତ ପୁତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି । ପୌର ପରିଷଦ ଏ ବିଷୟରେ ଜାଣି ମଧ୍ୟ ନିରବ କୌଣସି ପଦକ୍ଷେପରେ ପଛଘୁଂଚା ତେଣୁ ପ୍ରତିଦିନ ପେଜ ଭାସୁଛି କ୍ଷ ରାଜ୍ୟ ସରକାର ଓଡ଼ିଶାର ଆହାର କେନ୍ଦ୍ରଗୁଡ଼ିକ ସହରାଂଚଳ ଗରିବ ଲୋକଙ୍କୁ କମ୍ ମୂଲ୍ୟରେ ସବସିଡିଯୁକ୍ତ, ଗରମ ରନ୍ଧା ଖାଦ୍ୟ ଯୋଗାଇଥାଏ । ଏଥି ସହିତ ସୁଲଭ ମୂଲ୍ୟ, ସ୍ୱାସ୍ଥ୍ୟକର ପରିସ୍ଥିତି ଏବଂ ହସ୍ପିଟାଲ, ବସଷ୍ଟାଣ୍ଡ ଏବଂ ରେଳ ଷ୍ଟେସନ ନିକଟରେ ରଣନୈତିକ ସ୍ଥାନରେ ଜନସାଧାରଣଙ୍କୁ ସୁବିଧା ଯୋଗାଇ ଥାଏ । ଏହି କାର୍ଯ୍ୟକ୍ରମ ଜନସାଧାରଣଙ୍କ ଉତମ ସୁବିଧା ପାଇଁ ରାଜ୍ୟ ସରକାରଙ୍କ ପାଣ୍ଠିରୁ ଲକ୍ଷ ଲକ୍ଷ ଟଙ୍କା ଯୋଗାଇ ଦେଇ ଆସୁଅଛି । ଯେଉଁଥିରେ ସିଏସଆର ପଦକ୍ଷେପ ଏବଂ ଦାନର ଅବଦାନ ରହିଛି । ଏହି ଖାଦ୍ୟକୁ ୫ ଟଙ୍କାର ଏକ ଉଚ୍ଚ ସବସିଡିଯୁକ୍ତ ଦରରେ ବିକ୍ରି କରାଯାଏ, ଯାହା ଫଳରେ ନିମ୍ନ ଆୟକାରୀ ବ୍ୟକ୍ତିମାନେ ଏହା ପାଇପାରିବେ । ପୁଷ୍ଟିକର, ରନ୍ଧା ଖାଦ୍ୟ, ସାଧାରଣତଃ ଭାତ ଏବଂ ଡାଲମା ସହିତ ଆଚାର ପ୍ରଦାନ କରିବା ଉପରେ ଧ୍ୟାନ ଦିଆଯାଇଛି । ଖାଦ୍ୟ ପ୍ରସ୍ତୁତି ଏବଂ ପରିବେଷଣରେ ପରିଷ୍କାର ପରିଚ୍ଛନ୍ନତାର ଉଚ୍ଚମାନ ବଜାୟ ରଖିବା ଏକ ପ୍ରାଥମିକତା । ହେଲେ ଆହାର କେନ୍ଦ୍ର କେତେ ପରିଷ୍କାର ପରିଛନ୍ନ ଅଛି ତାହା ଏହି ଫଟୋଚିତ୍ରରୁ ସହଜରେ ବାରି ହୋଇପଡୁଛି ।

# ଭୂଦାନ ଓ ଗୋଚର ଜମି ଜବରଦଖଲ ଉଚ୍ଛେଦ ଦାବିରେ ଗ୍ରାମବାସୀଙ୍କ ପକ୍ଷରୁ ଧାରଣା

ଭଦ୍ରକ, ୨୩/୦୭ (ନି.ପ୍ର): ଭୂଦାନ ଜମି ଓ ଭୂଦାନ ଜମିକୁ ଲାଗିକରି ଥିବା ସର୍ବସାଧାରଣ ଗୋଚର ଅନାବାଦୀ ଜମିରୁ ଜବରଦଖଲ ଉଚ୍ଛେଦ କରିବା ଦାବିରେ ଆଜି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମବାସୀଙ୍କ ସହ ଭୂଦାନ ଜମି ପାଇଥିବା ପରିବାର ଲୋକଙ୍କ ପକ୍ଷରୁ ଗଣଧାରଣା ଦିଆଯାଇଛି । ଏମାନଙ୍କର ଅଭିଯୋଗ ହେଲା ବାସୁଦେବପୁର ତହସିଲ ଅନ୍ତର୍ଗତ ଗୋବିନ୍ଦପୁର ପଂଚାୟତ ବ୍ରଜାନନ୍ଦପୁର ମୌଜାରେ ଥିବା ଭୂଦାନ ଜମି (ଖାତା ନଂ ୧୬୦, ଖସଡା ନଂ ୩୮୭ ଏ୧.୨୫ ଡି.) ଯାହା ବର୍ତମାନର ଖାତାରେ ଖାତା ନଂ ୧୬୦, ଖସଡା ନଂ ୭୨୭, ୭୩୭, ୯୧୭, ୯୨୩, ୯୩୪, ୯୩୬, ୯୯୭ ଏବେ ସରକାରୀ ଜମିରେ ପରିଣତ ହୋଇଛି । ଏହି ଜମିରେ ଗ୍ରାମବାସୀମାନେ ଗୋରୁଗାଈ ବାନ୍ଧିବା ସହିତ ସେମାନଙ୍କୁ ସେଠାରେ ଚରାଉଥିଲେ । ତେବେ ଏହି ଗୋଚର ଜମିରେ ସେହି ଗ୍ରାମର କେତେକ ବ୍ୟକ୍ତି ଜୋର ଜବରଦସ୍ତ ଚିଙ୍ଗୁଡି ପୋଖରୀ କରିବା ସହିତ ଜମିକୁ ହଳକରି ଚାଷ କରିବା ଉଦ୍ଦେଶ୍ୟରେ ଅଧିକାର କରିଛନ୍ତି । ଯାହାଫଳରେ ଦଳିତ ସାହି ବାସିନ୍ଦାମାନେ ସେହି ଜମିରେ ଗୃହପାଳିତ ପଶୁମାନଙ୍କୁ ଚରାଇ ପାରୁନାହାଁନ୍ତି ଓ ଭୂଦାନଯଜ୍ଞ ସମିତି ଦ୍ୱାରା ପାଇଥିବା ଜମିର ଦଖଲ କରି ଚାଷ କରିପାରୁନାହାଁନ୍ତି । ଏହି ବ୍ୟକ୍ତିମାନଙ୍କର ବହୁ ଜମି ଥିବାବେଳେ ଭୂଦାନ ଓ ଅନାବାଦୀ ଗୋଚର ଜମିକୁ ଜୋର ଜବରଦସ୍ତ ଦଖଲ କରି ରଖିଛନ୍ତି । ଯାହାଫଳରେ ଏହି ଦଳିତ ଜାତିର ଲୋକମାନଙ୍କୁ ଜମିକୁ ଆସିବାକୁ ବାରଣ କରିବା ସହ ବିଭିନ୍ନ ସମୟରେ ଅଶ୍ଳୀଳ ଭାଷା କହି ଗାଳିଗୁଲଜ କରିବା ସହ ଧମକ ଦେଉଛନ୍ତି । ଜବରଦଖଲ ଉଚ୍ଛେଦ ବାବଦରେ ଦଳିତ ସାହି ବାସିନ୍ଦା ପୂର୍ବରୁ ପୂର୍ବତନ ଜିଲାପାଳ, ଆରକ୍ଷୀ ଅଧୀକ୍ଷକ, ବାସୁଦେବପୁର ତହସିଲଦାର ଓ ନାୟକାଣୀଡିହି ଥାନାରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିଲାନାହିଁ । ଏଣୁ ବାଧ୍ୟହୋଇ ଚାଷୀ ମୂଲିଆ ସଂଘର ନେତୃତ୍ୱରେ ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ବାଧ୍ୟ ହେଲୁ ବୋଲି ମାଳତୀ ଯେନା, ବାୟାଣୀ ଯେନା ଓ ରାଧା ଯେନା କହିଛନ୍ତି ।

# ଯୌନ ଉତ୍ପୀଡନ ଆଇନ ସମ୍ବନ୍ଧରେ ବୈଠକ

କେନ୍ଦ୍ରାପଡ଼ା, ୨୩/୦୭ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଯୌନ ଉତ୍ପୀଡ଼ନ(ନିବାରଣ, ନିଷେଧ ଓ ପ୍ରତିକାର) ଆଇନ ୨୦୧୩ କାର୍ଯକାରୀ ନେଇ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ କାର୍ଯ୍ୟକ୍ଷେତ୍ରରେ ଯୌନ ନିର୍ଯାତନା ପ୍ରକାର ଭେଦ, ଏହାର ପ୍ରଭାବ,ଅଭିଯୋଗ କରିବାର ପ୍ରକ୍ରିୟା, ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନ, ଦଣ୍ଡବିଧାନ ବ୍ୟବସ୍ଥା ଇତ୍ୟାଦି ଉପରେ ଆଲୋଚନା ହୋଇଥିଲା । ପ୍ରତ୍ୟେକ କାର୍ଯ୍ୟାଳୟରେ ତୁରନ୍ତ କମିଟି ଗଠନ କରିବାକୁ ସମସ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଅତିରିକ୍ତ ଜିଲ୍ଲାପାଳ(ସାଧାରଣ)ନବକ୍ରିଷ୍ଣ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଭାରପ୍ରାପ୍ତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଭାରତୀ ବେହେରା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁଙ୍କ ସେମତ ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟକ୍ଷ/ଅଧ୍ୟକ୍ଷା ଏବଂ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ବାବା ମହାବିନାୟକ ମନ୍ଦିର ନିକଟରୁ ବେଆଇନ ପାର୍କିଂ ଫି ଆଦାୟ

ଧର୍ମଶାଳା, ୨୩/୦୭ (ନି.ପ୍ର): ଯାଜପୁର ଜିଲାରେ ଅନେକ ସ୍ଥାନରେ ଦେବାଳୟ ରହିଛି । ଶ୍ରଦ୍ଧାଳୁମାନଙ୍କ ଦର୍ଶନ ଓ ଯାନବାହନ ରଖିବା ନିମନ୍ତେ ମନ୍ଦିର ପରିଚାଳନା କମିଟି ଓ ଟ୍ରଷ୍ଟମାନଙ୍କରେ ବ୍ୟାପକ ବ୍ୟବସ୍ଥା ହାତକୁ ନେଇଛନ୍ତି । ଯାନବାହାନ ପାଇଁ ବହୁ ଅନୁଷ୍ଠାନ ପକ୍ଷରୁ ଫ୍ରି ପାର୍କିଂର ବ୍ୟବସ୍ଥା ରହିଥିବା ବେଳେ ଏପରିକି ଅନେକ ସ୍ଥାନରେ ପୈଠ କରିବାକୁ ପଡିଥାଏ । ଆଉ ଅନେକ ସ୍ଥାନରେ ମନି ରସିଦରେ ମନ୍ଦିରର ନାମ ଲେଖି ବେଆଇନ ଭାବେ ରସିଦ ଦେଇ ଟଙ୍କା ଆଦାୟ କରାଯାଉଛି । ଏଭଳି ଅଭିଯୋଗ ହୋଇଛି ଯାଜପୁର ଜିଲା ଚଣ୍ଡିଖୋଲର ପ୍ରସିଦ୍ଧ ପଂଚ ଦେବତାଙ୍କ ପୀଠ ମହାବିନାୟକ ପୀଠରେ । ଏଠାକୁ ପ୍ରାୟ ଦୈନନ୍ଦିନ ଶହଶହ ଶ୍ରଦ୍ଧାଳୁ ବିଭିନ୍ନ ପ୍ରାନ୍ତରୁ ଆସି ପ୍ରଭୁଙ୍କ ଦର୍ଶନ କରିଥାନ୍ତି । ଶ୍ରଦ୍ଧାଳୁମାନେ ଆସୁଥିବା ଯାନବାହନ ରଖିବା ପାଇଁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଶ୍ରୀଶ୍ରୀ ମହାବିନାୟକ ଦେବ ଜୀଉ ନାମରେ ରସିଦ ବହି ରହିଛି । କିନ୍ତୁ, ପୀଠର ପାର୍କିଂ ନାମରେ ଆହୁ କେହି ଟଙ୍କା ନେଉଥିବା ନେଇ ଅଭିଯୋଗ ହୋଇଛି । ରସିଦରେ ମହାବିନାୟକ ପୀଠ ନାମ ରହିଥିବା ବେଳେ 'ଫୋନ ପେ'ରେ ଅନ୍ୟ ଜଣଙ୍କ ନାମ ଥିବା ଜଣାପଡିବା ପରେ ଏଠାରେ ମନ୍ଦିର କମିଟି ନାମ ଆଳରେ ଅନ୍ୟ ଜଣେ ବ୍ୟକ୍ତି ଟଙ୍କା ଆଦାୟ କରୁଛନ୍ତି । ଏଠାରେ ପୂର୍ବରୁ ଲାଗିଥିବା ପାର୍କିଂ ବୋର୍ଡକୁ ଭାଙ୍ଗି ଦିନ ରାତି ଏକ କରି ଅର୍ଥ ଆଦାୟ କରାଯାଉଥିବା ଅଭିଯୋଗ ହୋଇଛି । ଯାହାକୁ ନେଇ ଏବେ ଭକ୍ତ ମହଲରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି । ଏ ଦିଗରେ ଜିଲା ପ୍ରଶାସନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଭକ୍ତ ମହଲରେ ଓ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି ।

# ୩୬ତମ ଡ୍ୟାସ୍‌ବୋର୍ଡ ସମୀକ୍ଷା : ସହରାଂଚଳ ଭିତ୍ତିଭୂମି ସୁଦୃଢ଼ ଉପରେ ଗୁରୁତ୍ୱ

ଭୁବନେଶ୍ୱର, ୨୩/୦୭ (ନି.ପ୍ର): ଶ୍ରୀମତୀ ଉଷା ପାଢ଼ୀ, ପ୍ରମୁଖ ଶାସନ ସଚିବ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ବିଭାଗର ୩୬ତମ ଡ୍ୟାସ୍ ବୋର୍ଡ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ବିଭାଗର କନ୍‌ଫରେନ୍ସ ହଲ୍ ପରିସରରେ ଅନୁଷ୍ଠିତ ବୈଠକରେ ସହରାଂଚଳ ଭିତିଭୂମି ବିକାଶ ନେଇ ଆରମ୍ଭ କରାଯାଇଥିବା କାର୍ଯ୍ୟଗୁଡ଼ିକର ସମୀକ୍ଷା କରାଯାଇଥିଲା । ବିଶେଷ କରି ୧୧୫ର ସ୍ୱାୟତ ଶାସନ ସଂସ୍ଥାରେ ଓଡ଼ିଶା ସହରାଂଚଳ ଭିତିଭୂମି ଉନ୍ନୟନ ପାଣ୍ଠି ଅଧୀନରେ ଚାଲିଥିବା ଷ୍ଟ୍ରିଟ୍ ଲାଇଟିଂ କାର୍ଯ୍ୟର ସମୀକ୍ଷା କରାଯାଇଥିଲା । ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ସାରିବା ନିମନ୍ତେ ନିୟମିତ ବ୍ୟବଧାନରେ ସମୀକ୍ଷା, ଆବଶ୍ୟକ ସହଯୋଗ ଯୋଗାଇଦେବା ଉପରେ ଗୁରୁତ୍ୱାରୋପ କରିଥିଲେ ଶ୍ରୀମତୀ ପାଢ଼ୀ । ଭିତିଭୂମି ଉନ୍ନୟନ କାର୍ଯ୍ୟ ସହରାଂଚଳରେ ବସବାସ କରୁଥିବା ଲୋକଙ୍କ ଜୀବନଧାରଣମାନରେ ଉନ୍ନତି ଆଣିବାରେ ସହାୟକ ହେବ ଏହା ସହିତ ନିରନ୍ତର ସହରାଂଚଳ ବିକାଶ ଦିଗରେ ଅଗ୍ରସର ହୋଇପାରିବା ବୋଲି ସେ କହିଥିଲେ ।

# ଜମନକିରା ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀ ଚିକିତ୍ସାର ବିକଳ ଚିତ୍ର: ରୋଗୀଙ୍କୁ ମିଳୁନି, ଫିଙ୍ଗା ହେଉଛି ବିପୁଳ ପରିମାଣର ଔଷଧ

ସମ୍ବଲପୁର, ୨୩/୦୭ (ନି.ପ୍ର): ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ୍ ଫାଶୀମାଲ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିରାମୟ ଔଷଧ ରୋଗୀଙ୍କୁ ପ୍ରଦାନ କରାନଯାଇ ଏକ ଭଙ୍ଗା କୋଠରୀ ରେ ଫିଙ୍ଗିଦେଇଥିବା ଅଭିଯୋଗ ପରେ ସମ୍ବଲପୁର ସିଡିଏମଓ କାର୍ଯ୍ୟାଳୟ ପକ୍ଷରୁ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗୀୟ ସମ୍ବଲପୁର ଏ.ଡି.ପି.ଏଚ.ଓ ଅଧିକାରୀ ଡାକ୍ତର ପ୍ରମୋଦ ଚନ୍ଦ୍ର ବିଶ୍ୱାଳ ଏବଂ ଆଡମିନିଷ୍ଟ୍ରାଟିଭ ଅଫିସର ନୀଳାମ୍ବର ମହାନନ୍ଦ ଜମନକିରା ସ୍ୱାସ୍ଥ୍ୟ କେନ୍ଦ୍ର କୁ ଆସି ଫିଙ୍ଗାଯାଇଥିବା ଔଷଧ ଏବଂ ଏକ୍ସପାଏରୀ ଔଷଧ ଯାଂଚ କରିଥିଲେ । ଜମନକିରା ସ୍ୱାସ୍ଥ୍ୟ କେନ୍ଦ୍ର ରେ ୭ କାର୍ଟୁନ ହ୍ୟାଣ୍ଡ ଗ୍ଲୋଭ୍ସ, ଏକ କାର୍ଟୁନ ଜିଙ୍କ ସଲଫେଟ ଟାବଲେଟ, ଆଂଟି ବାଇଟିକ ସିରପ, ନିମୋ ଲାଇଯେସନ ମାସ୍କ, ଭଳି ଅନେକ ଜରୁରୀ ଔଷଧ ବ୍ୟବହାର କରାନଯାଇ ଏକ୍ସପାଏରୀ ହେବା ପର୍ଯ୍ୟନ୍ତ ରଖାଯାଇଛି ଏବଂ ପରେ ଏହାକୁ ଫୋଫାଡ଼ି ଦିଆଯାଇଛି । ଗୋଟିଏ ପଟେ ସରକାର ନିରାମୟ ରେ ରୋଗୀଙ୍କୁ ଔଷଧ ପ୍ରଦାନ ପାଇଁ କୋଟି କୋଟି ଟଙ୍କା ରାଜସ୍ୱ ରୁ ଖର୍ଚ୍ଚ କରୁଥିବା ବେଳେ ଜମନକିରା ସ୍ୱାସ୍ଥ୍ୟ କେନ୍ଦ୍ର ରେ ଏହି ଔଷଧ ରୋଗୀଙ୍କୁ ପ୍ରଦାନ ନ କରାଯାଇ ଏକ୍ସପାଏରୀ ହେବା ପର୍ଯ୍ୟନ୍ତ ଏଣେ ତେଣେ ରଖି ଦିଆଯାଉଛି ଏବଂ ପରେ ଡିଜସ୍ପୋଷ୍ଟ ନ କରି ଫୋଫାଡ଼ି ଦିଆଯାଉଛି । ଏପରିକି ଯାଞ୍ଚ ସମୟରେ ଜମନକିରାରେ ବିଦ୍ୟୁତ ସଂଯୋଗ ନ ଥିବାରୁ ସରକାର ଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ଭେକସିନ ର ଅବସ୍ଥା ସମ୍ବନ୍ଧରେ ମଧ୍ୟ ପଚାର ଉଚରା କରିଥିଲେ । ଯାଂଚ ସମୟରେ ଡାକ୍ତର ସିଶାର୍ଥ ବେହେରାଙ୍କ ଛୁଟି ସମ୍ପର୍କ ରେ ମଧ୍ୟ ଫାଶୀମାଲ ଇନଚାର୍ଜକୁ ପଚାରି ଥିଲେ ଏବଂ ସେ ଛୁଟିରେ ରହୁଥିବା ବେଳେ ତାଙ୍କ ଦରମା କିଭଳି ପାଉଛନ୍ତି ସେ ସମ୍ପର୍କ ରେ ମଧ୍ୟ ପଚାରିଥିଲେ । ଅନ୍ୟ ପକ୍ଷରେ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଥିବା ଏକ ପରୀତକ୍ତ କୋଠରୀରେ ଏବଂ ମିଟିଂ ହଲ ରେ ଥିବା ବହୁପରିମାଣରେ ଏକ୍ସପାଏରି ଔଷଧ ଦେଖି ଏହାକୁ କାହିଁକି ଡିସପୋଷ୍ଟ କରାଗଲା ନାହିଁ ବୋଲି ଜମନକିରା ଫାର୍ମାସିଷ୍ଟଙ୍କୁ ପ୍ରଶ୍ନ କରିଥିଲେ ଏବଂ ଏହାର ପ୍ରତି ଉତରରେ ସେ ଏ ସମ୍ପର୍କ ରେ ଜାଣିନଥିବା କହିଥିଲେ । ହେଲେ ଏହି ଔଷଧ ଫାଶୀମାଲ ସ୍ୱାସ୍ଥ୍ୟ କେନ୍ଦ୍ର ରୁ କିଏ ଇଣ୍ଡେଟ କରିଥିଲା କିଏ ରିସିଭ କରିଥିଲା ଏବଂ ଏ ସମ୍ପର୍କ ରେ କାହିଁକି କାହାରିକୁ ଜଣାଯାଇନ ଥିଲା ତାହା ତଦନ୍ତ ସାପେକ୍ଷ । ଏ ସମ୍ପର୍କ ରେ ନିଜ ପ୍ରତିକ୍ରିୟାରେ ଫାର୍ମାସିଷ୍ଟ ସୁବୋଧ ଆଚାର୍ଯ୍ୟ କହିଛନ୍ତି କି ସମ୍ବଲପୁର ସିଡିଏମଙ୍କ ନିର୍ଦେଶ କ୍ରମେ ଏଡିଏମ ଜମନକିରା ସ୍ୱାସ୍ଥ୍ୟ କେନ୍ଦ୍ରଙ୍କୁ ଏକ୍ସପାଏରି ଔଷଧ ଯାଂଚ ପାଇଁ ଆସିଥିଲେ ଏବଂ ଆମେ ତାଙ୍କୁ ସହଯୋଗ କରିଥିଲୁ ଏବଂ ସଟ ଏକ୍ସପାଏରି ମେଡ଼ିସିନ ବାହାରିଛି ଓ ଏସବୁକୁ ଫାଶୀମାଲ କୁ ଫେରସ୍ତ ହେବ ବୋଲି କହିଥିଲେ । ହେଲେ ବର୍ତମାନ ଦେଖିବାକୁ ରହିଲା ଏହି ଯାଂଚ ପୂର୍ବ ଭଳି କେବଳ ଯାଂଚ ହୋଇ ରହିବ ନା କୌଣସି ପଦକ୍ଷେପ ନିଆଯିବ ।

# ୭ଟି ମାମଲା : ୧୫ ଅଭିଯୁକ୍ତ ଗିରଫ

ଜୟପୁର, ୨୩/୦୭ (ନି.ପ୍ର): ଜୟପୁର ଟାଉନ ପୋଲିସ ୭ଟି ମାମଲାରେ ୧୫ ଅଭିଯୁକ୍ତ କୁ ଗିରଫ କରିଛ । ଚୋରି, ଲୁଟ, ଦଦା ବଟି ଆଦାୟ ଭଳି ମାମଲାର ପ୍ରଦାଫାସ କରିଛି ଜୟପୁର ଟାଉନ ପୋଲିସ । ଏନେଇ ୭ଟି ମାମଲାରେ ୧୫ ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଏନେଇ ଆଜି ଜୟପୁର ଟାଉନ ଥାନାରେ ଏକ ସାମ୍ବାଦିକ ସମ୍ମିଳନି ଆୟୋଜିନ କରାଯାଇଥିଲା । ଏଠାରେ କୋରାପୁଟ ଏସପି ରୋହିତ ବର୍ମା ଉପସ୍ଥିତ ରହି ସୁଚନା ଦେଇଥିଲେ । ସୂଚନା ଅନୁଯାଇ ୨.୩.୨୫ ତାରିଖରେ ଏମଜି ରୋଡର ସାଇ କ୍ରିଷ୍ଣା ହୋଟେଲ ନିକଟରେ ସେଲୁନ ଦୋକାନରୁ ଚୋରି ହୋଇଥିଲା । ୭୫/୨୫ ଏନେଇ ମାମଲା ରୁଜୁ ହୋଇଥିଲା । ଏହି ମାମଲାରେ ଜଣେ ଅଭିଯୁକ୍ତ କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା ଗୋପବନ୍ଧୁ ନଗରର ପଦ୍ମନ ମାଛ (୨୩) । ଗିରଫ ଅଭିଯୁକ୍ତ ଠାରୁ କଟର ମେସିନ, ଗ୍ରାଇଣ୍ଡର, ହାତୁଡି କପର ଓାଇର ଆଦି ଜବତ କରିଛି । ସେହିପରି ୧୬.୭.୨୫ ତାରିଖ ରାତ୍ର ରେ ଆମ୍ବିକା ହୋଟଲ ନିକଟରେ ୨ ଜଣ ଅଜଣା ଦୁର୍ବୃତ ମାଡ ମାରି ଲୁଟ କରିଥିଲେ । ୪୦ ହାଜର ଟଙ୍କା, ୩ଟି ଏମଟିଏମ କାର୍ଡ, ଡ୍ରାଇଭଙ୍ଗ ଲାଇସେନ୍ସ ଆଦି ଲୁଟ ହୋଇଥିବା ନେଇ ଅଭିଯୋଗ ହୋଇଥିଲା । ଅଭିଯୋଗକୁ ଭିତି କରି ପୋଲିସ ୨୫୫/୨୫ ମାମଲା ରୁଜୁ ହୋଇଥିଲା । ଏହି ମାମଲା ରେ ୨ ଜଣ ଗିରଫ ହୋଇଛନ୍ତି । ଗିରଫ ଅଭିଯୁକ୍ତ ମାନେ ହେଲେ ଗୋପବନ୍ଧୁ ନଗର ସନ୍ତୋଷ ଆଚାର୍ଯ୍ୟ (୨୧) ବାଦଲ ପୁଜାରି (୧୯) । ଏମାନଙ୍କ ଠାରୁ ୧୦ ହଜାର ଟଙ୍କା ଜବତ କରିଛି ପୋଲିସ । ସେହିପରି ୨୮.୩.୨୫ ତାରିଖରେ ଗୋଟିଏ ଦୋକାନରୁ ୨ଟି ମୁଜିକ ସିଷ୍ଟମ, ୪ଟି ସ୍ପିକର, ୧୬ ହଜାର ଟଙ୍କା, ୨ଟି ତାଲା ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା । ଅଭିଯୋଗ ଆଧାରରେ ପୋଲିସ ୧୩୫/୨୫ ମାମଲା ରୁଜୁ ହୋଇଥିଲା । ଏହି ମାମଲା ଆଧାରରେ ଜଣେ ଅଭିଯୁକ୍ତ ହୋଇଛି । ଗିରଫ ଅଭିଯୁକ୍ତ ଜଣକ ହେଲା ହାଟପଦାର ରାଜୁ ଏଲିୟସ ମୋଟୁ ମାଝୀ (୨୩) । ସେହିପରି ୨୦.୭ .୨୫ ତାରିଖରେ ୨ ଜଣ ଅଜଣା ଦୁର୍ବୃତ ପାରାବେଢା ସ୍ଥିତ ଏସବିଆଇ ଏଟିଏମ କୁ ଲକ କରୁଥିଲେ ଏନେଇ ୨୬୫/୨୫ ମାମଲା ରୁଜୁ କରିଛି । । ଫେବିକ୍ୟୁକ ଲଗାଇ ଟଙ୍କା ଲୁଟ କରିଥିବା ସିସି ଟିଭି ଫୁଟେଜ ଆଧାରରେ ୨ ଜଣକୁ ଗିରଫ କରିଛି । ସେମାନେ ହେଲେ ହରିୟାଣା ରାଜ୍ୟର ରସିଦ (୨୯) ମୋହିନ (୨୯) ଗିରଫ କରିଛି ପୋଲିସ । ଗିରଫ ଅଭିଯୁକ୍ତଙ୍କ ଠାରୁ ୩ ହଜାର, ଫେବିକ୍ୟୁଟ, ଆଇରନ ପ୍ଲେଟକୁ ଜବତ କରିଛି । ଜୟପୁର ସହରର ଖ୍ରୀଷ୍ଟିଆନପେଟା ବିଜୁ ରାଜନଗର, ନୁଆସାହି ଏବଂ ଡିଆଇସି କୋଲନି ମଧ୍ୟରେ ଗୋଷ୍ଠି ସଂଘର୍ଷ ରେ ୨୬୨/୨୫, ୨୬୩/୨୫ ମାମଲା ରୁଜୁ କରି ୫ ଅଭିଯୁକ୍ତ କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ବିଜୁ ରାଜ ନଗରର ହିପ୍ରମ ନାଗ (୧୯) ପିୟୁସ ଖଲା (୧୯) ଗୋପବନ୍ଧୁ ନଗର ଅଙ୍ଗନ ସାଗର (୨୦) ନୁଆସାହିର ସନ୍ତୋଷ କଟିମ (୨୦) ନୁଆ ସାହି ୪ର୍ଥ ନାଇନ ପିଂଟୁ ହିଆଲ (୨୧) । ସେହିପରି ୨୨.୭.୨୫ ତାରିଖରେ ପୋଲିସ ପେଟ୍ରୋଲି କରୁଥିବା ବେଳେ ସୁଚନା ପାଇ ଥିଲା ଯେ ପୁରୁଣାଗଡ ଛକରେ ଦାଦା ବଟି ଆଦାୟ ସୁଚନା ପାଇ ଚଢାଉ କରିଥିଲା । ଅଭିଯୁକ୍ତ ମାନେ ପରିବା ବିକାଳଳି ଦୋକାନ ଠାରୁ ବଟି ଆଦାୟ କରୁଥିବା ବେଳେ ଚଢ଼ୁ କରି ୪ ଜଣ କୁ ଗିରଫ କରିଛି । ଏମାନଙ୍କ ନାମରେ ୨୬୬/୨୫ ମାମଲା ରୁଜୁ କରି ଗିରଫ ଗ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ହାଟପଦାର ରାଜୁ ଏଲିୟସ ମୋଟୁ ମାଝୀ (୨୩) ଚିଲିଗୁଡାର ଆକାଶ ହରିଜନ (୨୦), ଗୋପବନ୍ଧୁ ନଗର ଦଇତାରି ଏଲିୟସ ମହେଶ ସାଗର (୨୯) ଓ ରବିନ୍ଦ୍ର ବାଘ (୩୦) । ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ବିଷୟ ଜୟପୁର ଟାଉନ ପୋଲିସ ତରଫରୁ ସୁଚନା ଦିଆଯାଇଛି । ଏହି ସାମ୍ବାଦିକ ସମ୍ମିଳନିର ଏସଡିପିଓ ପାର୍ଥ କଶ୍ୟପ ଟାଉନ ଥାନା ଅଧିକାରି ଉଲ୍ଲାସ ଚନ୍ଦ୍ର ରାଉତ, ସଦର ଥାନା ଅଧିକାରି ସଚିନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ ।

# ଚାଷ ଜମିକୁ ଜଳ ସେଚନ ପାଇଁ ଗ୍ରାମବାସୀଙ୍କ ଦାବି

କେନ୍ଦ୍ରାପଡ଼ା, ୨୩/୦୭ (ନି.ପ୍ର): କେନ୍ଦ୍ରାପଡା ନିର୍ବାଚନ ମଣ୍ଡଳୀ ଅଧିନ ତେରଗାଁ ପଂଚାୟତ ର ବାସିନ୍ଦା ମାନେ ଚାଷ ଜମିକୁ ଜଳ ସେଚନ ପାଇଁ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି । ଏନେଇ ଏକ ଲିଖିତ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲିକଙ୍କୁ ପ୍ରଦାନ କରାଯାଇ ଥିବା ଜଣାପଡିଛି । ପଂଚାୟତବାସୀଙ୍କ ଦାବି ମୁତାବକ ଏହି ପଂଚୟତ ର ୯୦ ଭାଗ ଜନ ସାଧାରଣ କୃଷି କାର୍ଯ୍ୟ ଦ୍ୱାରା ଜୀବିକା ନିର୍ବାହ କରନ୍ତି । ଏହି ଅଂଚଳରେ ଜଳ ସେଚନର ବ୍ୟବସ୍ଥା ନଥିବାରୁ ବର୍ଷାଜଳ ଉପରେ ସ୍ଥାନୀୟ କୃଷକ ମାନେ ଅତ୍ୟନ୍ତ ନିର୍ଭରଶୀଳ ହୋଇଥାନ୍ତି । ମୁଖ୍ୟତଃ ଧାନଚାଷ ପାଇଁ ପ୍ରଚୁର ଜଳ ଆବଶ୍ୟକ ଥିବାରୁ ବର୍ତମାନ ର ପରିବର୍ତିତ ପରିବେଶରେ ଚାଷ ପାଇଁ ପର୍ଯ୍ୟାପ୍ତ ଜଳ ଉପଲବ୍ଧ ହୋଇପାରୁ ନାହିଁ । ତେରଗାଁ ପଂଚାୟତର ନିକଟରେ ଲୁଣା ନଦୀ ପ୍ରବାହିତ ହେଉଥିବା ବେଳେ ଏହାର ଜଳକୁ କେନାଲ ମାଧ୍ୟମରେ ଚାଷ ଜମିକୁ ସେଚନ କରାଗଲେ ସ୍ଥାନୀୟ ଚାଷୀମାନେ ଉପକୃତ ହେବା ସହ ବିଭିନ୍ନ ଫସଲ ଅମଳ କରିବାରେ ସଫଳ ହୁଅନ୍ତେ । ଏନେଇ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇ ଆଶୁ ପ୍ରତିକାର ଓ ବିକଳ୍ପ ବ୍ୟବସ୍ଥା କରିବା ପାଇଁ ବିଚିତ୍ରାନନ୍ଦ ମଲ୍ଲ, ଦେବେନ୍ଦ୍ର ଦାସ, ଅକ୍ଷୟ କୁମାର ପରିଜା, ସଂଯୁକ୍ତା ରାଉତ, ପ୍ରତୀଙ୍ଗଜନ ମଲିକ, ଭ୍ରମର ମଲିକ ପ୍ରମୁଖ ଉପସ୍ଥିତ ଥିଲେ ।

# ରାଜ୍ୟରେ ସୃଷ୍ଟି ହେବ ଅଧିକ ୬୩୫୮ ବୁଥ : ବୁଥ ସ୍ତରୀୟ ଏଜେଂଟଙ୍କୁ ନିଯୁକ୍ତ କରିବାକୁ ସମସ୍ତ ରାଜନୈତିକ ଦଳଗୁଡିକୁ ଆହ୍ୱାନ

ଭୁବନେଶ୍ୱର, ୨୩/୦୭ (ନି.ପ୍ର): ମୁଖ୍ୟ ନିର୍ବାଚନ ଅଧିକାରୀ ଆର. ଏସ. ଗୋପାଳନ ମଙ୍ଗଳବାର ବିଭିନ୍ନ ସିକୃତିପ୍ରାପ୍ତ ରାଜନୈତିକ ଦଳ ଗୁଡିକ ସହ ବୈଠକ କରିଛନ୍ତି । ଏହି ବୈଠକରେ ରାଜ୍ୟରେ ଅଧିକ ଛଅ ହଜାର ତିନିଶହ ଅଠାବନ ବୁଥ ସୃଷ୍ଟି ଏବଂ ବୁଥ ସ୍ତରୀୟ ଏଜେଂଟ(ବିଏଲଏ)ଙ୍କୁ ନିଯୁକ୍ତ ବେଳେ ଆବେଦନ ଫର୍ମ ରେ ଫଟୋ ଏବଂ ମୋବାଇଲ ନମ୍ବର ନିଶ୍ଚିତ ଦେବାକୁ ପଡିବ ବୋଲି ସେ ଉପସ୍ଥିତ ରାଜନୈତିକ ଦଳ ଗୁଡିକର ସଦସ୍ୟଙ୍କୁ କହିଥିଲେ ।

ଭୋଟରଙ୍କ ସୁବିଧା ତଥା ଭିଡ କମାଇବା ସକାଶେ ପୂର୍ବରୁ ୧୫୦୦ ଭୋଟରଙ୍କୁ ନେଇ ଗଠନ ହେଉଥିବା ବୁଥ ଏଣିକି ୧୨୦୦ ଭୋଟରରେ ସୀମିତ କରାଯିବ । ଏଥି ନିମନ୍ତେ ଅଧିକ ୬୩୫୮ ବୁଥ ସୃଷ୍ଟି ହେବ । ମତଦାନର ସୁଗମ ପରିଚାଳନା ସୁନିଶ୍ଚିତ କରିବା ପାଇଁ ୧୨୦୦ ରୁ ଅଧିକ ଭୋଟର ଥିବା ମତଦାନ କେନ୍ଦ୍ରଗୁଡ଼ିକୁ ଏହି ପ୍ରକ୍ରିୟାରେ ଯୋଡ଼ା ଯିବ । ନିର୍ବାଚନ ପୂର୍ବରୁ ଭୋଟରଙ୍କ ପ୍ରବେଶକୁ ସରଳ କରିବା ଏବଂ ମତଦାନ କେନ୍ଦ୍ରରେ ଭିଡ଼ ହ୍ରାସ କରିବା ପାଇଁ ଏହି ପଦକ୍ଷେପ ନିଆଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି । ସେହିପରି ବୁଥ ସ୍ତରୀୟ ଏଜେଂଟଙ୍କୁ ନିଯୁକ୍ତ ବେଳେ ଆବେଦନ ଫର୍ମରେ ଫଟୋ ଏବଂ ମୋବାଇଲ ନମ୍ବର ଏଣିକି ଦେବାକୁ ପଡିବ । ପୂର୍ବ ନିଯୁକ୍ତ ବିଏଲଏ ଯେଉଁ ମାନେ ଆବେଦନ ବେଳେ ଫଟୋ ଏବଂ ମୋବାଇଲ ନମ୍ବର ଦେଇନଥିବେ ସେମାନେ ମଧ୍ୟ ଆବେଦନ ଫର୍ମପୁନଃ ଜମା କରିବେ ବୋଲି ସୂଚନା ଦେଇଛନ୍ତି । ସମସ୍ତ ରାଜନୈତିକ ଦଳ ଗୁଡିକୁ ବୁଥ ସ୍ତରୀୟ ଏଜେଂଟଙ୍କୁ ନିଯୁକ୍ତ କରିବାକୁ ସେ ଅନୁରୋଧ କରିଥିଲେ ।

ଏହି ବୈଠକରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶାନ୍ତ କୁମାର ମିଶ୍ର , ଉପ ମୁଖ୍ୟ ନିର୍ବାଚନ ଅଧିକାରୀ ଡ଼ ଲକ୍ଷ୍ମୀ ପ୍ରସାଦ ସାହୁ, ଉପ ମୁଖ୍ୟ ନିର୍ବାଚନ ଅଧିକାରୀ ଅନାମିକା ସିଂ ମଧ୍ୟ ଉପସ୍ଥିତ ଥିଲେ । ଏହି ଅବସରରେ ସମସ୍ତ ରାଜନୈତିକ ଦଳ ଗୁଡ଼ିକର ସଦସ୍ୟ ମାନେ ଏହି ପ୍ରକ୍ରିୟାରେ ସାମିଲ ହେବା ନେଇ ସଦିଚ୍ଛା ପ୍ରକାଶ କରିଥିଲେ ।

# ବିଦ୍ୟୁତ ଖୁଂଟ ଚୋରି ଅଭିଯୋଗରେ ଯୁବକ ଅଦାଲତ ଚାଲାଣ

କୋରାଇ, ୨୩/୦୭ (ନି.ପ୍ର): ପାଣିକୋଇଲି ଥାନା ତଥା ଯାଜପୁର ବ୍ଲକ ମାଳଆନନ୍ଦପୁର ପଂଚାୟତର ନମଟିକିରି ଗ୍ରାମ ନିକଟରୁ ବିଦ୍ୟୁତ ଖୁଂଟ ଚୋରି ହେବା ନେଇ ପାଣିକୋଇଲି ବିଦ୍ୟୁତ ବିଭାଗର ଅଧିକାରୀ (ଟିପିଏନଓଡିଏଲ) ଜତିନ୍ଦ୍ର ନାଥ ସାହୁ ପାଣିକୋଇଲି ଥାନାରେ ବୁଧବାର ଅଭିଯୋଗ କରିଥିଲେ । ଖବରପାଇ ଶ୍ରୀ ସାହୁ ଘଟଣାସ୍ଥଳ ପନରିଦର୍ଶନ କରିଥିଲେ । ସେଠାରୁ ଜାଣିବାକୁ ପାଇଲେ ପାଣିକୋଇଲିର ସାଜନ ନାମକ କବାଡିଆ ଏହାକୁ ଭାଂଗି ନେଇଯାଇଛି । ଅଭିଯୋଗ ପରେ ଏକ ମାମଲା ୨୧୭/୨୫ ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା । ପୁଲିସ ଚାନ୍ଦପୁର ଠାରେ ଥିବା ସାଜନ କବାଡିଆ ଦୋକାନରେ ଚଢାଉ କରି ଗିରଫ କରିଥିବା ବେଳେ ତାକୁ ଅଦାଲତ ଚାଲାଣ କରିଥିଲା । ଏହି ମାମଲାରେ ସମ୍ପୃକ୍ତ ନମଟିକିରି ଗ୍ରାମର ବଳରାମ ଦଳେଇ(୩୨)କୁ ଆଜି ଗିରଫ କରାଯାଇ ଅଦାଲତ ଚାଲାଣ କରାଯାଇଥିବା ତଦନ୍ତଧିକାରୀ ଏଏସଆଇ ସୋମନାଥ ରାଉତଙ୍କ ସୂତ୍ରରୁ ପ୍ରକାଶ ।

# ପୌର ପରିଷଦର ସାଧାରଣ ବୈଠକ

କେନ୍ଦ୍ରାପଡ଼ା, ୨୩/୦୭ (ନି.ପ୍ର): କେନ୍ଦ୍ରାପଡା ପୌର ପରିଷଦର ସାଧାରଣ ବୈଠକ ପୌରାଧ୍ୟକ୍ଷା ସରିତା ସାହୁଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି । ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଉପାଧ୍ୟକ୍ଷା ଆକବରୀ ଖାତୁନ, ପୌର ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ପ୍ରସାଦ ଗିରି, ସାଂସଦଙ୍କ ପ୍ରତିନିଧି ଦୁର୍ଯ୍ୟୋଧନ ସାହୁଙ୍କ ସମେତ ସମସ୍ତ କାଉନସିଲର ଉପସ୍ଥିତ ରହି ବୈଠକ ପାଇଁ ଅନୁମୋଦିତ ଏଜେଣ୍ଡା ଅନୁଯାୟୀ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ପୌର ପରିଷଦର ନୂତନ କାର୍ଯ୍ୟାଳୟ ଭବନ ନିର୍ମାଣ କାର୍ଯ୍ୟ ବିଳମ୍ବ ହେଉଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ କରାଯାଇ ଥିଲା । ଏହାକୁ ତୁରନ୍ତ ଆରମ୍ଭ କରିବା ସହ ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ଶେଷ କରିବା ପାଇଁ ଗୁରୁତ୍ୱ ଦିଆଯାଇଛି । ଏହାସହ ଗୋପ ସ୍ଥିତ ତୁଳସୀ ମହିଳା ମହିଳା ବିଦ୍ୟାଳୟ ନିକଟରେ ଶ୍ରୀ ବଳଦେବଜୀଉ ପାଠାଗାର ନିର୍ମାଣ ପାଇଁ ଯାଗା ଚିହ୍ନଟ, ସହରର ପରିମଳ ବ୍ୟବସ୍ଥା ଏବଂ ବର୍ଷାଋତୁ ଚାଲି ଥିବାରୁ ଡ୍ରେନେଜ୍ ବ୍ୟବସ୍ଥାକୁ ସଜାଡିବା ସହ ଜଳ ଅବରୁଦ୍ଧକୁ ନିଷ୍କାସନ ପାଇଁ ଗୁରୁତ୍ୱ ଦିଆଯାଇଛି । ସେହିଭଳି ନୂଆ ବସଷ୍ଟାଣ୍ଡ ଠାରେ ନିର୍ମାଣ ସଂପୂର୍ଣ୍ଣ ହୋଇଥିବା ବିଲଡିଂର ବିଦ୍ୟୁତିକରଣ ସଂପୂର୍ଣ୍ଣ କରି ଏହାକୁ ଉଦ୍‌ଘାଟନ କରିବା ସମ୍ବନ୍ଧରେ ଆଲୋଚନା କରାଯାଇଛି । ପୂର୍ବତନ ସାଂସଦ ଅନୁଭବ ମହାନ୍ତିଙ୍କ ସହାୟତା ପାଣ୍ଠିରୁ କିଣା ଯାଇଥିବା ସ୍ୱର୍ଗରଥ(ଶବ ବାହାନ)ର କାର୍ଯ୍ୟକାରିତା ଓ ପରିଚାଳନା ସମ୍ବନ୍ଧରେ ନିଷ୍ପତି ନିଆଯାଇଛି । ଜନ ସାଧାରଣଙ୍କ ବ୍ୟବହାର ପାଇଁ ପୌରାଂଚଳ ମଧ୍ୟରେ ୪ଟି ମଣ୍ଡପ(ବହୁମୁଖୀ ଗୃହ) ନିର୍ମାଣ ମଧ୍ୟରୁ ଗୋଟିଏ ୫ନଂ ୱାର୍ଡରେ ନିର୍ମାଣ ଚାଲିଥିବା ବେଳେ ଅନ୍ୟ ୩ଟି ଗୃହ ପାଇଁ ଯାଗା ଚିହ୍ନଟ କରିବା ବିଷୟରେ ତର୍ଜମା କରାଯାଇ ଥିଲା ।

# ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ବକ୍ତବ୍ୟ କେନ୍ଦ୍ରାପଡ଼ାବାସୀଙ୍କୁ ନିରାଶ କରିଛି : ବିଧାୟକ ଗଣେଶ୍ୱର ବେହେରା

କେନ୍ଦ୍ରାପଡ଼ା, ୨୩/୦୭ (ନି.ପ୍ର): ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଜୁଲାଇ ୨ତାରଖରେ କେନ୍ଦ୍ରାପଡା ଗସ୍ତ ଅବସରରେ ଏଠାରେ ମେଡିକାଲ କଲେଜ ପ୍ରତିଷ୍ଠା ହେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଏହା ସରକାରଙ୍କ ଟପ ୨୧ ଏଜେଣ୍ଡାରେ ଥିବା କହିଛନ୍ତି । ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଏହି ବୟାନ ଆସିବା ପରେ ବିରୋଧି ବିଜୁ ଜନତା ଦଳ ମନ୍ତ୍ରୀଙ୍କୁ ସମାଲୋଚନା କରିଛି । ଏ ନେଇ ଜାରି ପ୍ରେସ ବିବୃତିରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ଦର୍ଶାଇଛନ୍ତି ଯେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କେନ୍ଦ୍ରାପଡା ଗସ୍ତ ଅବସରରେ କେନ୍ଦ୍ରାପଡାରେ ମେଡିକାଲ କଲେଜ ପ୍ରତିଷ୍ଠା ସମ୍ପର୍କରେ ଦେଇଥିବା ବିବୃତି ନୈରାଶ୍ୟଜନକ । ମେଡିକାଲ ପ୍ରତିଷ୍ଠା କେନ୍ଦ୍ରାପଡା ଜିଲ୍ଲାର ସର୍ବପ୍ରଧାନ ଦାବି । ସେ ଏ ସଂକ୍ରାନ୍ତରେ ବିଧାନସଭାରେ ୩ଥର ପ୍ରସଙ୍ଗ ଉଠାଇଛନ୍ତି । ମୁଖ୍ୟମନ୍ତ୍ରୀ ଜୁନ ୯ରେ କେନ୍ଦ୍ରାପଡା ଗସ୍ତ ସମୟରେ ତାଙ୍କ ସମୀକ୍ଷା ବୈଠକରେ ବିଜେଡି ତରଫରୁ ସମସ୍ତ ୪ ଜଣ ବିଧାୟକ ସମସ୍ୱରରେ ଦାବି ଉପାସ୍ଥାପନ କରିଥିଲେ । ଗତ ଏପ୍ରିଲ ୧୬ ତାରିଖରେ କେନ୍ଦ୍ରାପଡା ବିଧାନସଭା ନିର୍ବାଚନମଣ୍ଡଳୀ ବିଜେଡି ତରଫରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ମଧ୍ୟ ଘେରାଉ କରାଯାଇଥିଲା । ହେଲେ ମନ୍ତ୍ରୀ ତାଙ୍କ ବକ୍ତବ୍ୟରେ କହିଛନ୍ତି ଯେ ପ୍ରତ୍ୟକ ଜିଲ୍ଲାରେ ଗୋଟିଏ ମେଡିକାଲ କଲେଜ ହେବ । ଆମର ଶ୍ରେଷ୍ଠ ୨୧ଟି ଏଜେଣ୍ଡାରେ ଏହା ସ୍ଥାନୀତ ହୋଇଛି । କେନ୍ଦ୍ରାପଡାରେ ମଧ୍ୟ ହେବାର ସମ୍ଭାବନା ରହିଛି ଏହି ଉକ୍ତ କୈଣସି ପ୍ରତିଶୃତି ବହନ କରେ ନାହିଁ । କିନ୍ତୁ କେବେ ହେବ ତାହା କହିନାହାନ୍ତି । ସ୍ୱାସ୍ଥ୍ୟମନ୍ତ୍ରୀ ନିର୍ଦ୍ଦିଷ୍ଟ ଭାବେ କେଉଁ ଆର୍ଥିକ ବର୍ଷରେ କେନ୍ଦ୍ରାପଡାରେ ମେଡିକାଲ କଲେଜ ପ୍ରତିଷ୍ଠା ହେବ ତାହା ଘୋଷଣା କରିବାକୁ ବିଧାୟକ ଦାବି କରିଛନ୍ତି ।

# ଭାରତୀୟ ମଜଦୂର ସଂଘର ୭୦ତମ ବର୍ଷ ପୂର୍ତ୍ତି ପାଳନ




ଭଦ୍ରକ, ୨୩/୭ (ନି.ପ୍ର): ଭାରତୀୟ ମଜଦୁର ସଂଘର ସ୍ଥାପନା ହେବାର ମୂଳ ଲକ୍ଷ୍ୟ ଶ୍ରମିକମାନଙ୍କ ହିତ ସାଧନ। ତ୍ୟାଗ, ତପସ୍ୟା ଓ ବଳିଦାନର ମୂଳମନ୍ତ୍ରରେ ଦୀକ୍ଷିତ ଏହି ସଂଘର ପ୍ରତ୍ୟେକଟି ସଦସ୍ୟସଦସ୍ୟା ଏକ ହୋଇ ଗରିବ, ମଜଦୁରର ହକ୍ ପାଇଁ ଲଢ଼େଇ କରି ଆସିଛି ଏବଂ ଆଗାମୀ ଦିନରେ ମଧ କରି ଚାଲିଥିବ। ଏହି ଲଢ଼େଇର ଫଳ ମଜଦୁରମାନଙ୍କ ମୁହଁରେ ହସ ଫୁଟାଇଥାଏ ବୋଲି ଭାରତୀୟ ମଜଦୁର ସଂଘର ୭୦ତମ ବର୍ଷ ପୂର୍ତ୍ତିର୍ ପାଳନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅଙ୍ଗନୱାଡି କର୍ମୀଙ୍କୁ ସରକାରୀ କର୍ମଚାରୀର ମାନ୍ୟତା, ସେମାନଙ୍କ ସାମାଜିକ ସୁରକ୍ଷା, ଆଶାକର୍ମୀ, ପାଚିକା, ସହାୟିକା ଭଳି ସବୁ କ୍ଷେତ୍ରରେ କାର୍ଯ୍ୟରତ ଥିବା କର୍ମଚାରୀଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ସହ ଇଏସ୍ଆଇ, ଇପିଏଫ୍ ପରିସରଭୁକ୍ତ କରି ଚାକିରି ସର୍ତ୍ତାବଳୀ ଲାଗୁ କରିବାକୁ ଭାରତୀୟ ମଜଦୁର ସଂଘ ଆନ୍ଦୋଳନରତ। ଦେଶର ସର୍ବ ବୃହତ୍ ଶ୍ରମିକ ସଂଗଠନ ଭାବେ ଭାରତୀୟ ମଜଦୁର ସଂଘ ପରିଗଣିତ ହେଉଥିବା ବେଳେ ଏହି ସଂଘ ରାଜ୍ୟର ସବୁ କ୍ଷେତ୍ରରେ ଅବହେଳିତ ଶ୍ରମିକମାନଙ୍କୁ ନ୍ୟାୟ ପ୍ରଦାନ କ୍ଷେତ୍ରରେ ସଂଗ୍ରାମ ଜାରି ରଖିଛି। ସ୍ଥାନୀୟ ସଂସ୍କୃତି ଭବନରେ ଅନୁଷ୍ଠିତ ଉତ୍ସବକୁ ମୁଖ୍ୟ ଅତିଥି ଜିଲ୍ଲାପାଳ ଦିଲିପ ରାଉତରାଏ, ମଣ୍ଡଳ ଶ୍ରମ ଆୟୁକ୍ତ ଶଚ୍ଚିଦାନନ୍ଦ ଜେନା, ସଂଘର ଜିଲ୍ଲା ସଭାପତି ମନୋଜ ବସନ୍ତରାୟ, ରାଜ୍ୟ ଉପସଭାପତି ତଥା ମୁଖ୍ୟବକ୍ତା ଶାନ୍ତନୁ କୁମାର ମହାପାତ୍ର, ଅଖିଳ ଭାରତ ମଧ୍ୟାହ୍ନ ଭୋଜନ କର୍ମଚାରୀ ସଂଘର ଉପସଭାପତି ମୁକ୍ତିକାନ୍ତ ସାହୁ ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍ଘାଟନ କରିଥିଲେ। ଜିଲ୍ଲା ସଭାପତି ଶ୍ରୀଯୁକ୍ତ ବସନ୍ତରାୟ ସଭାରେ ସଭାପତିତ୍ୱ କରିଥିଲେ। ଆଶାକର୍ମୀ ସଂଘ ଜିଲ୍ଲା ସମ୍ପାଦିକା ସଞ୍ଜୁଲତା ରାଉତ, ପ୍ରଭାସିନୀ ଦାସ, କନକ ବିଶ୍ୱାଳ ଶ୍ରମିକ ସଂଗୀତ ଗାନ କରିଥିଲେ। ବିଏମ୍ଏସ୍ ଜିଲ୍ଲା ସମ୍ପାଦକ ପରେଶ ନାଥ ଧଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂଘ ପକ୍ଷରୁ ଆଗାମୀ ଦିନରେ ସଂଘ ସହ ଅନୁବନ୍ଧିତ ପ୍ରତାପ ପଣ୍ଡା ସ୍ମୃତି ସଂସଦ ଆନୁକୁଲ୍ୟରେ ଅଗଷ୍ଟ ମାସରେ ରକ୍ତଦାନ, ବୃକ୍ଷରୋପଣ ଆଦି କାର୍ଯ୍ୟକ୍ରମ କରାଯିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଥିଲା। ଅଙ୍ଗନୱାଡ଼ି ସଂଘର ଜିଲ୍ଲାର ବରିଷ୍ଠ କାର୍ଯ୍ୟକର୍ତ୍ତା ସନ୍ଧ୍ୟାରାଣୀ ପହିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଏହି କାର୍ଯ୍ୟକ୍ରମରେ ଧାମରା ବନ୍ଦର କର୍ମଚାରୀ ସଂଘ, ଜିଲ୍ଲା ଆଶାକର୍ମୀ ସଂଘ, ବିଶ୍ୱକର୍ମା ମଜଦୁର ସଂଘ, ଭଦ୍ରକ ଜିଲ୍ଲା ବ୍ୟବସାୟୀ ମଜଦୁର ସଂଘ, ଭଦ୍ରକ ଜିଲ୍ଲା ଅଟୋ ଚାଳକ ସଂଘ, ଧାମରା ଟ୍ରକ ଚାଳକ ସଂଘ, ଧାମରା ପୋର୍ଟ ଇଂଜିନିୟର୍ସ ଆଣ୍ଡ ଆମ୍ପ୍ଲୋଇଜ୍ ଆସୋସିଏସନ, ପାଚିକା ସହାୟିକା ମଜଦୁର ସଂଘ, ସ୍ୱାବଲମ୍ବୀ କାରିଗର ସଂଘ ଭଳି ବିଭିନ୍ନ ସଂଗଠନରୁ ମନୋଜ ଲେଙ୍କା, ଚନ୍ଦ୍ରଶେଖର ଜେନା, ଶଶିକାନ୍ତ ସାହୁ, ବିଜୟ ମିଶ୍ର, ବିଭୁତି ପାଣିଗ୍ରାହୀ, ଅଶୋକ ନାୟକ, ବିଶ୍ୱନାଥ ଜେନା, କମଳାକାନ୍ତ ସାହୁ, ବିପ୍ରଚରଣ ସେଠୀ, ଆରତୀ ପଣ୍ଡା, ତପନ ପଣ୍ଡା, ଆଡଭୋକେଟ ସଞ୍ଜୟ ମହାନ୍ତି, ସୁଶାନ୍ତ ସାହୁ, ମନୋଜ ପାତ୍ର, ସୁଶାନ୍ତ ନାୟକ, ତିଲୋତ୍ତମା ସାହୁ, ଶୋଭନ ମହାନ୍ତି, ବିଜୟ ପ୍ରତାପ ଜେନା, ସସ୍ମିତା ନାୟକ, ମମତା ବାରିକ, ପ୍ରଦୀପ ରାଉତ, ଶୁଭେନ୍ଦୁ ନାୟକ, ଅଭିମନ୍ୟୁ ଜେନା, କନକଲତା ଜେନା, ବିଳାସିନୀ ରାଉତ, ନିରୂପମା ପତ୍ରୀ, ଆରତୀ ପଣ୍ଡା, ଜାନକୀ ରାଉତ, ପ୍ରମୁଖ ଶତାଧିକ ସଦସ୍ୟସଦସ୍ୟା ଯୋଗ ଦେଇଥିଲେ।

# ନୂତନ ଏଟିଏମ୍‌ର ଶୁଭ ଉଦ୍‌ଘାଟନ




ବାସୁଦେବପୁର , ୨୩/୭ (ନି.ପ୍ର): ଭଦ୍ରକ ଜିଲ୍ଲା ବାସୁଦେବପୁର ପୌର ପରିଷଦ ଅନ୍ତର୍ଗତ ସ୍ଥାନୀୟ ମନ୍ଦାରୀ କଲେଜ ଆଗ ରେ ବକ୍ରାଙ୍ଗି ଏଟିଏମ୍ ର ଶୁଭ ଉଦ୍ ଘାଟନ ହୋଇ ଯାଇଛି। ମୁଖ୍ୟ ଅତିଥି ଭାବେ ବିଜେପି ନେତା ମାଧବାନନ୍ଦ ମଲ୍ଲିକ, ଦେବ କାନ୍ତ ସାମଲ ଓଡ଼ିଶା ଷ୍ଟେଟ ହେଡ ବକ୍ରାଙ୍ଗି, ସମ୍ମାନିତ ଅତିଥି ଭାବେ ବିବେକାନନ୍ଦ ପଣ୍ଡା, ଅରୁଣ କୁମାର ଜେନା, କାଉନସିଲର ଜଗବନ୍ଧୁ ଦାସ, ହେମନ୍ତ ନାୟକ ପ୍ରମୁଖ ଉପସ୍ଥିତ ରହି ଥିଲେ। ପ୍ରଭୁ ଦତ୍ତ ଦାସଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଉନ୍ନତ ମାନର ସେବା ସବୁବେଳେ ସବୁ ସମୟରେ ଗ୍ରାହକ ମାନଙ୍କୁ ପ୍ରଦାନ କରାଯିବ ବୋଲି ସୂଚନା ଦେଇଛନ୍ତି ଷ୍ଟେଟ ଅଧିକାରୀ।

# ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥାରେ ନୀଳଗିରି ଏନଏସି: କାର୍ଯ୍ୟଦକ୍ଷତା ନେଇ ଉଠିଲା ପ୍ରଶ୍ନବାଚୀ



ନୀଳଗିରି , ୨୩/୭ (ନି.ପ୍ର): ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦରେ ପରିମଳ ବ୍ୟବସ୍ଥା ଦିନକୁଦିନ ବିପର୍ଯ୍ୟସ୍ତ ହେବାରେ ଲାଗିଛି।ଏହା ଅଧୀନରେ ୧୩ଗୋଟି ୱାର୍ଡ ଥିବାବେଳେ ପ୍ରତି ୱାର୍ଡରେ ଆବର୍ଜନା ଭର୍ତ୍ତିହେବା ସହିତ ଡ୍ରେନ ଗୁଡିକରେ ମଇଳାଭର୍ତ୍ତି ହୋଇ ଦୁର୍ଗନ୍ଧରେ ନାକ ଫାଟିପଡୁଛି। ମଶାମାଛି ହେବା ଫଳରେ ସନ୍ଧ୍ୟାରେ ପଦାକୁ ବାହାରି ପାରୁନଥିବା ସ୍ଥାନୀୟବାସିନ୍ଦା ଅଭିଯୋଗ କରିଛନ୍ତି। ଏପରିକି ଚଳିତ ରଥଯାତ୍ରା ଅବସରରେ ବଡଦାଣ୍ଡ ସମେତ ପ୍ରଶାସନ ତରଫରୁ କେସି ହାଇସ୍କୁଲ ପଡ଼ିଆରେ ପ୍ରଦର୍ଶନୀ ପାଇଁ ଆସିଥିବା ଦୋକାନ ଗୁଡ଼ିକର ଆବର୍ଜନା ଏପର୍ଯ୍ୟନ୍ତ ପଡିରହିଥିବା ଦେଖିବାକୁ ମିଳିଛି। ଏଥିପ୍ରତି ଏନଏସି କର୍ତ୍ତୃପକ୍ଷଙ୍କ ନଜର ନଥିବା ହେଉ କିମ୍ବା ଏନଏସି ତରଫରୁ ନିୟୋଜିତ ଟେଣ୍ଡରଧାରୀ ଭୁବନେଶ୍ୱରର ପ୍ରତ୍ୟୁଷ ନାମକ ସଂସ୍ଥାର ମାନମନି ପାଇଁ ହେଉ ପ୍ରତିମାସ ୧୧ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଅର୍ଥରାଶି ନେଇ ୧୩ଗୋଟି ୱାର୍ଡର ସଫେଇକାର୍ଯ୍ୟ କରିବାକୁ ଥିବାବେଳେ ସଂସ୍ଥା ଏବେ ଉଭାନ ହୋଇଯାଇଥିବା ଅଭିଯୋଗ ଉଠିଛି। ଫଳରେ ପରିମଳବ୍ୟବସ୍ଥା ବିପର୍ଯ୍ୟୟ ହୋଇପଡ଼ିଛି। ଏପରିକି ପ୍ରତି ୱାର୍ଡରେ କୁଢ଼କୁଢ଼ ଆବର୍ଜନା ପଡ଼ିରହି ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ନା ପ୍ରଶାସନର ଦୃଷ୍ଟି ଅଛି ନା ନିର୍ବାହୀ ଅଧିକାରୀଙ୍କ। ଆଉ କିଛିଦିନ ମଧ୍ୟରେ ଅଗଷ୍ଟପନ୍ଦର ସ୍ୱାଧୀନତା ଦିବସ ଉପଲକ୍ଷେ ହାଇସ୍କୁଲ ପଡିଆରେ ଛାତ୍ରଛାତ୍ରୀ ମାନଙ୍କର ପ୍ୟାରେଡ ରିହାଲସେଲ ଥିବାରୁ ଆବର୍ଜନା ପଡ଼ିରହିବା ବୁଦ୍ଧିଜୀବୀ ମାନେ ନାପସନ୍ଦ କରିବା ସହିତ ଖୁବଶୀଘ୍ର ପରିମଳ ବ୍ୟବସ୍ଥାକୁ ସଜାଡିବାକୁ ଏନଏସି କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବୀହୋଇଛି।

## AFFIDAVIT

An affidavit before the executive Magistrate Basudevpur I Gouri Sen, w/o- Goutam Sen, permanent resident of vill- Kaliaboda, P.o-Sanahabalisahi, P.s-Naikanidihi, Dist-Bhadrak state that I am the mother of minor Goraga Sen. For and on behalf of my minor son , I wholly renounce, relinquish and abandon the use of his former name Goraga Sen and in place he will assume the name of Gouranga Sen. Hereafter he will be known as Gouranga Sen in al records, deeds, writings and in all proceding, dealings, transactions private as well as public.

Gouri Sen

# ଏସଇବିସି ଓ ଓବିସି ତାଲିକାରେ ଅନ୍ତର୍ଭୁକ୍ତ ପାଇଁ ବରଜିଆ ଜାତିର ସମାବେଶ



ଜଳେଶ୍ୱର: ସରକାରଙ୍କ ଜନଗଣନାରେ ତୃଟି ଥିବାରୁ କେତେକ ଏସଇବିସି ଓ ଓବିସି ଜାତିରୁ ବଞ୍ଚିତ ହୋଇଥିବାରୁ ବିଭିନ୍ନ ସମୟରେ ଆନ୍ଦୋଳନ ହେଉଥିବା ଦେଖିବାକୁ ମିଳେ।ଏଭଳି ଏକ ଘଟଣା ସାମ୍ନାକୁ ଆସିଛି।ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏସଇବିସି,ଓବିସି ତାଲିକାରେ ଯୋଡ଼ିବା ପାଇଁ ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ଅନର୍ଗତ ଚୋରମରା ଗ୍ରାମର ହରିହର ସାହୁଙ୍କ ବାସଭବନ ରେ ମଙ୍ଗଳବାର ସନ୍ଧ୍ୟାରେ ବରଜିଆ ଜାତିର ଏକ ସମାବେଶ ଅନୁଷ୍ଠିତ ହୋଇ ଯାଇଛି।ଉକ୍ତ ସମାବେଶରେ ବରଜିଆ ଜାତି କମିଟିର ସଭାପତି ପ୍ରାକ୍ତନ କଲେଜ ଅଧକ୍ଷ ଡକ୍ଟର ଅକ୍ଷୟ କୁମାର ପରିଡ଼ାଙ୍କ ପରିଚାଳନାରେ ପ୍ରାୟ ୫ ଶହ ରୁ ଉର୍ଦ୍ଧ ବରଜିଆ ଜାତିର ପୁରୁଷ ଓ ମହିଳା ଉପସ୍ଥିତ ହୋଇଥିଲେ। କେତେକ ବରଜିଆ ଜାତିଙ୍କ ଜମି ପଟ୍ଟାରେ ବରଜିଆ ଉଲ୍ଲେଖ ଥିବା ବେଳେ କେତେକ ପଟ୍ଟାରେ ବରଜି ଓ ବରିଜି ଉଲ୍ଲେଖ ଅଛି।ସରକାରଙ୍କ ଜାତି ତାଲିକାର ୯ ନମ୍ବର କ୍ରମିକ ସଂଖ୍ୟାରେ ବରିଜି ଥିବା ଯେଉଁ ମାନଙ୍କ ପଟ୍ଟାରେ ଉଲ୍ଲେଖ ଅଛି,ସେହିମାନେ ଓ ତାଙ୍କର ପିଲାମାନେ ସରକାରୀ ସାହାଯ୍ୟ ପାଇ ପାରୁଥିବା ବେଳେ ବରଜି ଓ ବରଜିଆ ଉଲ୍ଲେଖ ଥିବା ଲୋକେ ସରକାରୀ ସାହାଯ୍ୟ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। କେତେକ ଲୋକଙ୍କ ଘରବାରୀ ପଟ୍ଟାରେ ଜାତି ବରଜିଆ ଥିବା ବେଳେ ଚାଷ ଜମି ପଟ୍ଟାରେ ବରିଜି ଥାଇ ଜାତି ପ୍ରମାଣପତ୍ର ପାଇ ପାରୁନାହାନ୍ତି। ବରଜିଆ, ବରଜି, ବରିଜି,ତାମିଲ ପ୍ରମୁଖ ସମାନ ଜାତି ହୋଇଥିବାରୁ ସରକାର ଉକ୍ତ ଜାତି ଗୁଡିକୁ ଏସଇବିସି ଓ ଓବିସିରେ ଅନ୍ତର୍ଭୁକ୍ତ କରିବା ପାଇଁ ବୈଠକରେ ଦାବୀ ହୋଇଥିବା ବେଳେ ଏହାକୁ ଲିଖିତ ଆକାରରେ ସଚିବ, ମୁଖ୍ୟମନ୍ତ୍ରୀ,ପଛୁଆବର୍ଗ ଜାତି ମନ୍ତ୍ରୀ,ଜିଲ୍ଲାପାଳ ପ୍ରମୁଖଙ୍କୁ ପ୍ରେରଣ କରାଯିବ।ଆବଶ୍ୟକ ହେଲେ ଉଚ୍ଚ ନ୍ୟାୟଳୟକୁ ଯିବାକୁ ପଡ଼ିବ ବୋଲି ଆଲୋଚନା କରା ଯାଇଥିଲା।ଉକ୍ତ ସମାବେଷରେ ସଭାପତି ଡକ୍ଟର ଅକ୍ଷୟ କୁମାର ପରିଡ଼ା,କାର୍ଯ୍ୟକାରୀ ସଭାପତି ସନ୍ତୋଷ କୁମାର ସାହୁ,ସମ୍ପାଦକ ସଞ୍ଜୟ କୁମାର ପରିଡ଼ା, ଉପ ସଭାପତି ରମେଶ ଚନ୍ଦ୍ର ପରିଡ଼ା,ମନୋରଞ୍ଜନ ସାହୁ, ଯୁଗ୍ମ ସମ୍ପାଦକ ମାନସ କୁମାର ପରିଡ଼ା, ପ୍ରମୋଦ କୁମାର ସାହୁ, କଳାକୃଷ୍ଣ ସାହୁ, ସାଙ୍ଗଠନିକ ସମ୍ପାଦକ ବସନ୍ତ କୁମାର ପରିଡ଼ା, କୋଷାଧ୍ୟକ୍ଷ ଶୁଭେନ୍ଦୁ କୁମାର ପରିଡ଼ା, ଆବାହକ ତପନ କୁମାର ସାହୁ,ପ୍ରବୀର କୁମାର ସାହୁ ଓ ଚିତ୍ତରଞ୍ଜନ ପରିଡ଼ା,ମିଡିଆସେଲ ସଦସ୍ୟ ଗଗନ ବିହାରୀ ସାହୁଙ୍କ ସହ ଧନଞ୍ଜୟ ପରିଡ଼ା,ଅଶ୍ୱିନୀ କୁମାର ପରିଡ଼ା,ତରୁଣକାନ୍ତି ନାୟକ ଓ କାର୍ତ୍ତିକ ଚନ୍ଦ୍ର ସାହୁ ପ୍ରମୁଖ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ବାଞ୍ଛାନିଧି ସାହୁ, ଦୀନବନ୍ଧୁ ପ୍ରଧାନ,ଭୂପତି କୁମାର ପରିଡ଼ା,ବଳାରାମ ସାହୁ ଓ ଅଜୟ କୁମାର ବେଜ ପ୍ରମୁଖ ଉପସ୍ଥିତ ରହି ବରଜିଆ ଜାତିକୁ ଏସଇବିସି ଓ ଓବିସି ତାଲିକାରେ ଅନ୍ତର୍ଭୁକ୍ତ କରିବା ବାବଦରେ ବକ୍ତବ୍ୟ ରଖିଥିଲେ।

## AFFIDAVIT

An affidavit before the executive Magistrate Basudevpur I Sita patra, w/o- Bimal Patra, permanent resident of vill- Kaliaboda, P.o-Sanahabalisahi, P.s-Naikanidihi, Dist-Bhadrak state that I am the mother of minor Aviyan Patra. For and on behalf of my minor son , I wholly renounce, relinquish and abandon the use of his former name Aviyan Patra and in place he will assume the name of Abhigyan Patra. Hereafter he will be known as Abhigyan Patra in al records, deeds, writings and in all proceding, dealings, transactions private as well as public.

Sita Patra

# ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ତୃତୀୟ ବ୍ଲକ ସମ୍ମିଳନୀ




ବାସୁଦେବପୁର, ୨୩/୭ (ନି.ପ୍ର): ସାମ୍ବିଧାନିକ ନିୟମ ଅନୁଯାଇ, ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ର ତୃତୀୟ ବ୍ଲକ ସମ୍ମିଳନୀ, ବାସୁଦେବ ପୁର ପ୍ରେସ କ୍ଲବ ପରିସରରେ ଅନୁଷ୍ଠିତ ହୋଇ ଯାଇଛି, ଆରମ୍ଭ ରେ ଜିଲ୍ଲା ସମ୍ପାଦିକା ମମତା ଜେନା ପତାକା ଉତ୍ତୋଳନ କରିଥିଲେ, ଯକ୍ସ, କ୍ଷବଙ୍ଘଙ୍କସ ସେହଗଲ ଙ୍କ ପୁର୍ଣ୍ୟ ତିଥି ରେ ତାଙ୍କ ଫୋଟୋ ରେ ପୁଷ୍ପ ଦେଇ, ସଭା କାର୍ଯ୍ୟ ମମତା ଜେନା ଙ୍କ ସଭାପତି ତ୍ୱ ରେ ଅତିଥି ଭାବେ ରାଜ୍ୟ ସମ୍ପାଦିକା ସୁରାଜିତା ନାୟକ ଜିଲ୍ଲା ସଭାପତି ପ୍ରଭାତୀ ଜେନା, ସୀତା ଦାଶ, ଯୋଗ ଦେଇ ମହିଳାଙ୍କ ଅଧିକାର, ସାମ୍ପ୍ରତିକ ପରିସ୍ଥିତି ରେ ମହିଳା ମାନଙ୍କ ସୁରକ୍ଷା ସମିତିର ଭୂମିକା ବାବଦରେ ଆଲୋଚନା କରିଥିଲେ, ଆଗାମୀ ତିନି ବର୍ଷ ପାଇଁ ସଭାପତି ବିଜୟାଲକ୍ଷ୍ମୀ ବାରିକ, ଉପସଭାପତି ମନୋରମା ଜେନା, କନକଲତା ନାୟକ, ସମ୍ପାଦିକା ବାସନ୍ତୀ ବେହେରା, ସହ ସମ୍ପାଦିକା, ବନ୍ଦିତା ସ୍ୱାଇଁ, ଜୟନ୍ତୀ ବାରିକ, କୋଷାଧକ୍ଷ ମାତାଜୀ ଦାସ ସଭ୍ୟା ଜୟନ୍ତୀ ବିଶ୍ୱାଳ, ପୁଷ୍ପାଞ୍ଜଳି ରାୟ, ଅରୁନ୍ଧତୀ ନାୟକ, ଶଶୀକଳା ସାହୁ, ଗୌରୀ ଜେନା, ନିର୍ବାଚିତ ହୋଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଅଗଷ୍ଟ ଶେଷ ସୁଦ୍ଧା...

ଆସନ୍ତା ୨ରୁ ୩ ଦିନ ମଧ୍ୟରେ ନିର୍ବାଚନ ନେଇ ବିଜ୍ଞପ୍ତି ପ୍ରକାଶ ପାଇବ। ରାଷ୍ଟ୍ରପତି ଓ ଉପ ରାଷ୍ଟ୍ରପତି ନିର୍ବାଚନ ଆଇନ ୧୯୫୨ରେ କୁହାଯାଇଛି ଯେ ଥରେ ବିଜ୍ଞପ୍ତି ପ୍ରକାଶ ପାଇବା ମାତ୍ରେ ପ୍ରକ୍ରିୟା ଶେଷ କରିବା ପାଇଁ ନିର୍ବାଚନ କମିଶନ ବାଧ। ନାମାଙ୍କନ, ପ୍ରାର୍ଥିପତ୍ର ଯାଞ୍ଚ, ନାମାଙ୍କନ ପ୍ରତ୍ୟାହାର, ଭୋଟିଂ ଓ ଗଣତି ଆଦି ସର୍ବାଧିକ ୩୨ ଦିନ ମଧ୍ୟରେ ଶେଷ ହେବ। ସେହି ଅନୁସାରେ, ଭାରତର ନୂଆ ଉପ ରାଷ୍ଟ୍ରପତି ନିର୍ବାଚିତ ହେବ ଓ ଅଗଷ୍ଟ ଶେଷ ସୁଦ୍ଧା ପଦ ଓ ଗୋପନୀୟତାର ଶପଥ ନେବେ। ବିଜ୍ଞପ୍ତି ପ୍ରକାଶ ପାଇବାର ସର୍ବାଧିକ ୧୪ ଦିନ ମଧ୍ୟରେ ନାମାଙ୍କନ ଦାଖଲ କରାଯିବା ବାଧ୍ୟତାମୂଳକ।

### ଏକାଠି ହେବେ କି ...

ନୋଟିଫିକେସନ ହୋଇନାହିଁ। ବିଜେଡି ମହିଳାମାନଙ୍କ ପାଇଁ ସର୍ବଦା ଲଢେଇ କରିଆସିଛି। ନାରୀ ନିର୍ଯାତନାକୁ ନିନ୍ଦା କରିଛି। ଆନ୍ଦୋଳନକୁ ଓହ୍ଲାଇଛି। ବିଜେଡି ରାଜ୍ୟର ବୃହତ୍ତମ ଦଳ ଭାବରେ, ନବୀନ ବାବୁଙ୍କ ନେତୃତ୍ୱରେ ମହିଳାଙ୍କ ହକ ପାଇଁ ଲଢେଇ କରିଛି। ବିଧାନସଭାର ଯେତେବେଳେ ନୋଟିଫିକେସନ ହେବ, ସେତେବେଳେ ବିଧାୟକ ଦଳ ବୈଠକ ପରେ ହିଁ ଅନାସ୍ଥା ପ୍ରସଙ୍ଗରେ ନିଷ୍ପତି ହେବ। ସେପଟେ ବିଜେପି କହିଛି, ରାଜ୍ୟରେ କଂଗ୍ରେସର ସ୍ଥିତି ନାହିଁ, ସେଥିପାଇଁ ଆଶାବାଡ଼ି ଖୋଜୁଛି। ଆଉ ଏଥିପାଇଁ ବିଜେଡିକୁ ସାଥି କରିଛି। ଏହାର କୌଣସି ପ୍ରାସଙ୍ଗିକତା ନାହିଁ ବୋଲି କହିଛନ୍ତି ବିଜପେି ବିଧାୟକ।

### ଭିଜିଲାନ୍ସ ଜାଲରେ...

ଘରେ ନଗଦ ଟଙ୍କା କମ୍ ଥିଲେ ମଧ୍ୟ କୁବେର ଇଂଜିନିୟର ଜଗନ୍ନାଥଙ୍କ ୬ ଟି ସେଭିଂ ବ୍ୟାଙ୍କ ଆକାଉଂଟ ସହ ୧ ଏଫଡ଼ି , ୨୮ ଲକ୍ଷ ୪୪ ହଜାର ୩ଶହ ଟଙ୍କାର ମିଚ୍ୟୁଆଲ ଫଣ୍ଡରେ ଇନଭେଷ୍ଟ କରିଥିବା ସୂଚନା ମିଳିଛି। ଅନ୍ୟପଟେ ବାଲିଅନ୍ତା ତହସିଲ ସ୍ଥିତ ରଣପୁର ମୌଜା ଅଂଚଳରେ ୧.୫୭ ଏକରର ଫାର୍ମ ହାଉସରେ ମଧ ଭିଜିଲାନ୍ସ ଟିମ ଛାନଭିନ କରିବା ସହ ବାବୁଙ୍କ ମାଛ ପୋଖରୀ, ନଡ଼ିଆ ଗଛ, ଫଳ ବଗିଚା, କୁକୁଡ଼ା ଫାର୍ମର ମୂଲ୍ୟ ଆକଳନ କରୁଛି। ଖାଲି ସେତିକି ନୁହେଁ ଏହି କୁବେର ଇଂଜିନିୟରଙ୍କ ଖଣ୍ଡଗିରି ଅଂଚଳରେ ଏକ ତିନି ମହଲା କୋଠା ଘର ରହିଥିବା ବେଳେ ବଡ଼ଗଡ଼ ବ୍ରିଟ ଅଂଚଳର ଏହି ପିଆର୧୨ ନମ୍ବର ନିଜସ୍ୱ ଘର ସହ ଆଉ ଏକ ଘର ଥିବାର ମଧ ସୂଚନା ଦେଇଛି ଭିଜିଲାନ୍ସ। ଭୁବନେଶ୍ୱର ଭିଜିଲାନ୍ସର ସ୍ୱତନ୍ତ୍ର ବିଚାରପତିଙ୍କ ୱାରେଂଟ ବଳରେ ଭୁବନେଶ୍ୱର ଓ ଗୁଣୁପୁରର ୪ଟି ସ୍ଥାନରେ ଏକସଙ୍ଗରେ ଚଢାଉ କରାଯାଇଛି।ଏହି ରେଡ୍‌ରେ ୬ଜଣ ଡିଏସପି, ୧୦ ଇନସପେକ୍ଟର ଓ ଅନ୍ୟ ସହଯୋଗୀ ଷ୍ଟାଫ୍ ମାନେ ସାମିଲ ଅଛନ୍ତି ।

### ଫିଟିଲା ବାଟ: ସମାଧାନ...

ଏହାଦ୍ୱାରା ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଥିବା ଦୀର୍ଘଦିନର ବିବାଦ ସମାଧାନ ହୋଇପାରିବ ଏବଂ ଉଭୟ ରାଜ୍ୟ ମଧ୍ୟରେ ସୁସମ୍ପର୍କ ବୃଦ୍ଧି ପାଇବ ବୋଲି ଆଶା ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ। ସୂଚନାଯୋଗ୍ୟ ଯେ, ଗତ ଫେବୃୟାରୀରେ ରାଜସ୍ଥାନରେ ଅନୁଷ୍ଠିତ ରାଜ୍ୟ ଜଳ ସମ୍ପଦ ମନ୍ତ୍ରୀମାନଙ୍କ ସମ୍ମିଳନୀ ଅବସରରେ ଏବଂ ମାର୍ଚ୍ଚରେ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିବା ବିଶ୍ୱ ଜଳ ଦିବସ ପାଳନ ସମାରୋହ ଅବସରରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ମଧ୍ୟରେ ଏ ବିଷୟରେ ଆଲୋଚନା ହୋଇଥିଲା। ଉଭୟ ମୁଖ୍ୟମନ୍ତ୍ରୀ ଏହାର ଆପୋଷ ସମାଧାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ଦୁଇ ରାଜ୍ୟର ଉଚ୍ଚସ୍ତରୀୟ ପଦାଧିକାରୀ ମାନଙ୍କ ମଧ୍ୟରେ ବି ଏ ସମ୍ପର୍କରେ ଆଲୋଚନା ଜାରି ରହିଛି ବୋଲି ସୂଚନା ମିଳିଛି। ଏହି ବୈଠକରେ ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ତଥା ଜଳ ସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ପ୍ରମୁଖ ଉପସ୍ଥିତ ଥିଲେ ।

### ସରଗରମ ବିହାର...

ଏନଡିଏର ଏକ ଅଂଶ । ତେଣୁ, ରାଜନୈତିକ ବିଶ୍ଳେଷକମାନେ ତାଙ୍କର ଏପରି ବୟାନକୁ ଏକ ସୁଚିନ୍ତିତ ରଣନୀତିର ଅଂଶ ଭାବରେ ବିଚାର କରୁଛନ୍ତି। ବିଶ୍ଳେଷକଙ୍କ ଏହି ବିଶ୍ୱାସର ଦୃଢ଼ ଆଧାର ହେଉଛି ଯେ ଚିରାଗ ୨୦୨୦ ରେ ସମାନ ମନୋଭାବ ଦେଖାଇ ନୀତିଶ କୁମାରଙ୍କୁ ବହୁତ କ୍ଷତି ପହଞ୍ଚାଇଥିଲେ । କିନ୍ତୁ ଏହା ଉପରେ ଚିରାଗ ନିଜର ମନ୍ତବ୍ୟ ଦେଇ କହିଛନ୍ତି ଯେ ତାଙ୍କ ଦଳର ବିଭାଜନ ତାଙ୍କୁ ଦୁର୍ବଳ କରିବା ପାଇଁ କରାଯାଇଥିଲା, । ସେ ଏଥିରେ କିଏ ଭୂମିକା ଗ୍ରହଣ କରିଥିଲେ ତାହା ମଧ ସେ ଜାଣନ୍ତି ବୋଲି ଦାବି କରନ୍ତି । ଯେତେବେଳେ ଗତ ବିଧାନସଭା ନିର୍ବାଚନରେ ନୀତିଶ କୁମାରଙ୍କ ଦଳ ଜେଡିୟୁକୁ ୪୩ ଆସନରେ ହ୍ରାସ କରିବାକୁ ପଡିଲା, ଚିରାଗ ପାସୱାନଙ୍କୁ ଏଥିପାଇଁ ସିଧାସଳଖ ଦାୟୀ କରାଯାଇଥିଲା । କୁହାଯାଉଥିଲା ଯେ ଚିରାଗଙ୍କ ଯୋଗୁଁ ଜେଡିୟୁ ଅତି କମରେ ୩୨ ଆସନ ହରାଇଛି । ଏହା ପରେ, ନୀତିଶ କୁମାରଙ୍କ ଚାପରେ, ଚିରାଗ ପ୍ରଥମେ ଏନଡିଏ ଛାଡିଥିଲେ । ପରେ, ଚିରାଗଙ୍କ କାକା ବିଦ୍ରୋହ କରି ୫ ସାଂସଦଙ୍କ ମଧ୍ୟରୁ ୪ ଜଣଙ୍କ ଏକ ପୃଥକ ଗୋଷ୍ଠୀ ଗଠନ କରିଥିଲେ । ପରେ, ଏଲଜେପି ଦୁଇଟି ଦଳରେ ବିଭକ୍ତ ହୋଇଥିଲା । ପଶୁପତି କୁମାର ପାରସଙ୍କ ଦଳ ରାଷ୍ଟ୍ରୀୟ ଲୋକ ଜନଶକ୍ତି ପାର୍ଟି ଏବଂ ଚିରାଗଙ୍କ ଲୋକ ଜନଶକ୍ତି ପାର୍ଟି (ରାମ ବିଳାସ) ଜନ୍ମ ହୋଇଥିଲା । ଯେହେତୁ ପାରସଙ୍କ ସହିତ ୪ ଜଣ ସାଂସଦ ଥିଲେ, ତେଣୁ ସେ ନରେନ୍ଦ୍ର ମୋଦି କ୍ୟାବିନେଟରେ ସ୍ଥାନ ପାଇଲେ । ଚିରାଗ ପାସୱାନ ତାଙ୍କ ଦଳରେ ଏକମାତ୍ର ସାଂସଦ ଥିଲେ । ରାମ ବିଳାସ ପାସୱାନଙ୍କ ନାମରେ ଆବଣ୍ଟିତ ସରକାରୀ ବଙ୍ଗଳା ମଧ ଚିରାଗଙ୍କଠାରୁ ଛଡ଼ାଇ ନିଆଯାଇଥିଲା । ଏସବୁ ପଛରେ ନୀତିଶ କୁମାରଙ୍କ ବିଜେପି ଉପରେ ଚାପ କାରଣ ବୋଲି କୁହାଯାଉଥିଲା । ଏହିପରି ଭାବରେ ନୀତିଶ ଚିରାଗଙ୍କ ମାଧ୍ୟମରେ ତାଙ୍କର ରାଜନୈତିକ କ୍ଷତି ପୂରଣ କରିଥିଲେ । ଚିରାଗ ବୋଧହୁଏ ସେଭଳି ଘଟଣାକୁ ଭୁଲି ନାହାଁନ୍ତି । ସେଥିପାଇଁ ଚିରାଗ କହିଛନ୍ତି ମୁଁ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଲଢିବି।

### ବାଂଲାଦେଶକୁ ଚିକିତ୍ସା ସହାୟତା ...

ହୋଇଥିବା ବାଂଲାଦେଶ ବାୟୁସେନାର ତାଲିମ ବିମାନ ଯୋଗୁ ମୃତ୍ୟୁ ସଂଖ୍ୟା ୩୧ କୁ ବୃଦ୍ଧି ପାଇଛି। ମୃତକଙ୍କ ମଧ୍ୟରେ ୨୫ ଜଣ ପିଲା ଅଛନ୍ତି। ଅସ୍ଥାୟୀ ସରକାରଙ୍କ ଉଚ୍ଚ ପଦାଧିକାରୀମାନେ ଦୁର୍ଘଟଣାସ୍ଥଳ ପରିଦର୍ଶନ କରିବା ସମୟରେ ହଜାର ହଜାର ଛାତ୍ର ପ୍ରତିବାଦ କରିଥିଲେ। ଅଧିକାରୀଙ୍କ ଅନୁଯାୟୀ, ଚୀନ୍ ନିର୍ମିତ ଏଫ-୭ବିଜିଆଇ ତାଲିମ ବିମାନରେ ଉଡ଼ାଣ କରିବାର କିଛି ସମୟ ପରେ ଏକ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା। ସୋମବାର ଦିନ ଏହା ଢାକାର ଉତ୍ତରରେ ଦିଆବାରୀରେ ଥିବା ମାଇଲଷ୍ଟୋନ୍ ସ୍କୁଲ୍ ଏବଂ କଲେଜର ଏକ ଦୁଇ ମହଲା କୋଠାରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସେନାର ଗଣମାଧ୍ୟମ ଶାଖା, ଇଣ୍ଟର-ସର୍ଭିସେସ୍ ପବ୍ଲିକ୍ ରିଲେସନ୍ସ (ଆଇଏସପିଆର) କହିଛି ଯେ, ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ୩୧ କୁ ବୃଦ୍ଧି ପାଇଛି। ପୂର୍ବରୁ, ମୁଖ୍ୟ କର୍ମଚାରୀଙ୍କ ସ୍ୱତନ୍ତ୍ର ପରାମର୍ଶଦାତା ସଇଦୁର ରହମାନ ସାମ୍ବାଦିକମାନଙ୍କୁ କହିଥିଲେ ଯେ, ମୃତକଙ୍କ ମଧ୍ୟରେ ୨୫ଜଣ ପିଲା ଅଛନ୍ତି। ସେ କହିଛନ୍ତି ଯେ, ସେମାନଙ୍କ ମଧ୍ୟରୁ ଅନେକଙ୍କର ବୟସ ୧୨ ବର୍ଷରୁ କମ୍। ସେମାନେ ଗୁରୁତର ପୋଡ଼ି ଆହତ ହୋଇ ମୃତ୍ୟୁବରଣ କରିଥିଲେ। ଅଧିକାରୀମାନେ କହିଛନ୍ତି ଯେ ମୃତ୍ୟୁ ସଂଖ୍ୟା ଆହୁରି ବଢ଼ିପାରେ। ବିବରଣୀ ସେୟାର କରି, ଆଇଏସପିଆର କହିଛି ଯେ, କମ୍ବାଇଣ୍ଡ ମିଲିଟାରୀ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ୧୬ଜଣଙ୍କ ମୃତ୍ୟୁ ହୋଇଛି। ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ବର୍ଣ୍ଣ ଆଣ୍ଡ ପ୍ଲାଷ୍ଟିକ୍ ସର୍ଜରୀରେ ୧୦ ଜଣଙ୍କର ମୃତ୍ୟୁ ହୋଇଥିବା ?ବେଳେ, ଲୁବାନା ଜେନେରାଲ ହସ୍ପିଟାଲରେ ଦୁଇ ଜଣଙ୍କ ଏବଂ ଢାକା ମେଡିକାଲ କଲେଜ ଏବଂ ହସ୍ପିଟାଲ, ଉତ୍ତରା ମଡର୍ଣ୍ଣ ମେଡିକାଲ କଲେଜ ହସ୍ପିଟାଲ ଏବଂ ୟୁନାଇଟେଡ୍ ହସ୍ପିଟାଲରେ ଜଣଙ୍କର ଲେଖାଏଁ ମୃତ୍ୟୁ ଘଟିଛି। ଆଇଏସପିଆର କହିଛି ଯେ, ଢାକାର ୧୦ଟି ହସ୍ପିଟାଲରେ ୧୬୫ ଜଣ ଆହତଙ୍କୁ ଚିକିତ୍ସା କରାଯାଉଛି। ମାଇଲଷ୍ଟୋନ୍ ସ୍କୁଲ୍ ଏବଂ କଲେଜ ଏବଂ ନିକଟସ୍ଥ ସ୍କୁଲର ଛାତ୍ରମାନେ ଏକ ପ୍ରତିବାଦ ପ୍ରଦର୍ଶନ କରିଥିଲେ।

# ବାଇକ ଚୋରକୁ ଧରି ପୋଲିସକୁ ଜିମା ଦେଲେ ଗ୍ରାମବାସୀ

ଜଳେଶ୍ୱର ( ନିପ୍ର): ଜଳେଶ୍ୱର ବ୍ଲକ୍ ରାଇବଣିଆ ଥାନା ଅନ୍ତର୍ଗତ ମଙ୍ଗଳବାର ରାତି ୮ ଘଟିକା ସମୟ ରେ ଉପରକୁଣ୍ଡି ଗ୍ରାମରେ ଗାନ୍ଧି ବାବୁ ଙ୍କ ଦୋକାନ ନିକଟରେ ଏକ ହୋଣ୍ଡା ସାଇନ୍ ବାଇକ ଛିଡ଼ା ହୋଇଥିଲା କିଛି ସମୟ ସେହି ବାଇକ୍ ଟି ସେହି ଜାଗାରେ ନ ଥିଲା। ପରେ ବହୁ ଖୋଜ ଖୋଜି କରିଥିଲେ ଏବଂ ବହୁ ଜାଗାକୁ ଖବର ମଧ ଦେଇଥିଲେ ଅଞ୍ଚଳ ଲୋକ ଖବର ପାଇ ସେହି ବାଇକ୍‌ଟି ନେଇ ଯୁବକ ଚମ୍ପା ଛକ ପାର୍ ହେବା ସମୟ ରେ ଉକ୍ତ ବାଇକ୍ ବାଲା ଗ୍ରାମବାସୀ କାବୁ କରି ରାଇବଣିଆ ପୋଲିସ କୁ ଖବର ଦେଇଥିଲେ। ଘଟଣା ସ୍ଥଳରେ ରାଇବଣିଆ ପୋଲିସ ଅଧିକାରୀ ଲୋପାମୁଦ୍ରା ପଣ୍ଡା ପହଞ୍ଚି ଉକ୍ତ ଚୋର କୁ କାବୁ କରି ଚୋରୀ ହୋଇଥିବା ବାଇକ୍ କୁ ଜବତ କରି ଅଧିକ ତଦନ୍ତ ପାଇଁ ରାଇବଣିଆ ଥାନା କୁ ନେଇଛି । ଚୋରି କରିଥିବା ଉକ୍ତ ଯୁବକ ଙ୍କ ପରିଚୟ ନୀଳଗିରି ଅଞ୍ଚଳ ର ଜାମଡିହା ପଂଚାୟତ ର ବଡବିଲ ଗ୍ରାମ ର ହୃଷୀକେଶ ନାୟକ। ଉକ୍ତ ଯୁବକ ଙ୍କ ନାମରେ ରାଇବଣିଆ ପୋଲିସ ୬୪/୨୫ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ରାଇବଣିଆ ପୋଲିସ ଏହାର ଏକ ରାକେଟ ରହିବା ସହିତ କେତୋଟି ବାଇକ୍ ଚୋରି ହୋଇଛି ଏବଂ ଉକ୍ତ ରାକେଟର ଚେର କେତେବାଟ ଲମ୍ବିଛି ତାହା ରାଇବଣିଆ ପୋଲିସ ତଦନ୍ତ କରୁଛି।

# ଭାରତୀୟ ନାରୀ ଆଦର୍ଶର ପ୍ରତୀକ ମା' ରମାଦେବୀ

ଭଦ୍ରକ , ୨୩/୭ (ନି.ପ୍ର): ଗାନ୍ଧୀ ବାଳାଶ୍ରମ ସଭାଗୃହରେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି ମା'ରମାଦେବୀଙ୍କର ୪୦ତମ ଶ୍ରାଦ୍ଧୋତ୍ସବ। ପ୍ରାଧାପିକା ଝରଣା ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବକୁ ଉଦ୍ଘାଟନ କରିଥିଲେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ସଭାପତି ଇଂ ଅଖିଳ ମୋହନ ପାଢ଼ୀ। ଉତ୍ସବର ମୁଖ୍ୟ ଅତିଥି ତ୍ୟାଗ ଭୂମିର ସଭାପତି ଅଜୟ ନାୟକ ମା' ରମାଦେବୀଙ୍କ ଜୀବନାଦର୍ଶକୁ ଏକ 'ସ୍ୱୟଂ ଗଠିତ ଶିକ୍ଷା ମନ୍ଦିର' ବୋଲି କହିଥିବା ବେଳେ ତାଙ୍କୁ ଭାରତୀୟ ନାରୀ ଆଦର୍ଶର ପ୍ରତୀକ ବୋଲି ଅଭିହିତ କରିଥିଲେ ମୁଖ୍ୟବକ୍ତା ସ୍ତମ୍ଭକାର ଡକ୍ଟର ପ୍ରଫୁଲ୍ଲ କୁମାର ସାହୁ। ସମ୍ମାନନୀୟ ଅତିଥି ଭାବରେ ବରିଷ୍ଠ ନାଗରିକ ମଞ୍ଚର ସଭାପତି ଲଲାଟେନ୍ଦୁ ମହାନ୍ତି, କୈଳାଶ ମହାପାତ୍ର, ଶାନ୍ତନୁ କୁମାର ରାଉତ, ବିଦ୍ୟାଧର ବାରିକ, କାଲାମ ଖାନ, ବିଶାଳ ଲଖାନି, ସୁଧାକର ରାଉତ ମା'ରମାଦେବୀଙ୍କ ତ୍ୟାଗ, ସଂଗ୍ରାମ ଓ ସାଧନାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ ଏବଂ ଏଥିରେ ଅନୁପ୍ରାଣିତ ହେବା ବାଳାଶ୍ରମର ଅନ୍ତେବାସୀଙ୍କୁ ପରାମର୍ଶ ଦେଇଥିଲେ ଶାନ୍ତି ପ୍ରତିଷ୍ଠାନ ସମ୍ପାଦକ ଆଇନଜୀବୀ ପବନ ଶର୍ମା। ସ୍ୱାଗତ ଭାଷଣ ଦେବା ଅବସରରେ ଗାନ୍ଧୀ ବାଳାଶ୍ରମକୁ ମା ରମାଦେବୀଙ୍କ ଆଗମନ ବେଳର ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ ବାଳାଶ୍ରମର ସମ୍ପାଦକ ଅଶୋକ ଦାସ। ଶେଷରେ ଧନ୍ୟବାଦ ଜ୍ଞାପନ କରିଥିଲେ ଲକ୍ଷ୍ମୀକାନ୍ତ ବାରିକ୍।




## ବସ୍ତାରେ ୩ ଜଣଙ୍କର ଅପମୃତ୍ୟୁ

ବସ୍ତା, ୨୩/୭ (ନି.ପ୍ର):ବସ୍ତା ଅଞ୍ଚଳରେ ଆଜି ତିନି ଜଣଙ୍କର ଅପମୃତ୍ୟୁ ଘଟଣା ହୋଇଯାଇଛି। ସୂଚନାରୁ ପ୍ରକାଶ ଯେ ବସ୍ତା ଥାନା ଭଗି ଚକୁରାଇ ଗାଁର ଲଡୁ ମାରାଣ୍ଡୀଙ୍କ ବାର ବର୍ଷୀୟ ଝିଅ ମିନତୀ ଗତ ରାତିରେ ଘରେ ଶୋଇଥିବା ଅବସ୍ଥାରେ ଏକ ବିଷଧର ସାପ କାମୁଡି ଦେଇଥିଲା। ଏହାପରେ ସେ ଅସୁସ୍ଥ ଅନୁଭବ କରିବାରୁ ତାକୁ ବସ୍ତା ଡାକ୍ତର ଖାନା ରେ ଭର୍ତ୍ତି କରାଯାଇଥିଲା।ମାତ୍ର ସେଠାରେ ତା'ର ମୃତ୍ୟୁ ଘଟିଛି। ଏନେଇ ଆଜି ଥାନାରେ ଅପମୃତ୍ୟୁ କେଶ ନଂ୨୪/୨୦୨୫ରେ ଏକ ମାମଲା ରୁଜୁ ହୋଇଛି। ସେହିପରି ସକାଳେ ଏହି ଥାନା ଅନ୍ତର୍ଗତ ମୂଳିଦା ଗାଁର ଜଣେ ୭୬ ବର୍ଷୀୟା ମହିଳା ରଙ୍ଗଲତା ଜେନା(ସ୍ୱାମୀ ସ୍ୱର୍ଗତ ଦୟାନିଧି) ସ୍ଥାନୀୟ ନାଳକୁ ଶୌଚ ପାଇଁ ଯାଇଥିବା ବେଳେ ଗଭୀର ପାଣିକୁ ଗୋଡ଼ ଖସି ଯିବାରୁ ସେ ବୁଡି ଯାଇଥିଲେ।ତାଙ୍କୁ ଡାକ୍ତରଖାନା ନିଆଯାଇଥିଲେ ହେଁ ତାଙ୍କର ଜୀବନ ରକ୍ଷା ହୋଇପାରି ନ ଥିଲା।ଏ ସମ୍ପର୍କରେ କେଶ ନମ୍ବର ୨୬/୨୦୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ତଦନୁରୂପ ଚନ୍ଦନେଶ୍ୱର ଗାଁର ମନ୍ମଥ ବଳ(୭୬ବର୍ଷ) ଅସୁସ୍ଥ ଅବସ୍ଥାରେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଯାଉଥିବା ବେଳେ ବସ୍ତା ନିକଟରେ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା। ଏ ନେଇ କେଶ ନଂ୨୫/୨୦୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## କମିଶନରେଟ ପୋଲିସ ପଞ୍ଝାରେ ହାଇ ପ୍ରୋଫାଇଲ ଠକ

ଭୁବନେଶ୍ୱର, ୨୩/୭ (ନି.ପ୍ର): ୧୮ କୋଟିରୁ ଅଧିକ ଟଙ୍କା ଠକେଇ ଅଭିଯୋଗରେ ଠକକୁ ଗିରଫ କରିଛି କମିଶନରେଟ୍ ପୋଲିସ୍ ର ସ୍ପେଶାଲ କ୍ରାଇମ ୟୁନିଟ। ବ୍ୟାଙ୍କର ନିଲାମ ସୁନାକୁ ଅଳ୍ପନରେ ଆଣି ବାହାରେ ବିକ୍ରି କରୁଥିଲା ଠକ। ସୁନା ଅଳ୍ପନ ଆଣିବା ପାଇଁ କହି ଲୋକଙ୍କ ଠାରୁ କୋଟି କୋଟି ଟଙ୍କା ଠକି ଥିବା ଅଭିଯୋଗ ହୋଇଥଲା। ଏହି ଠକେଇ ଅଭିଯୋଗ ରେ ଠକ ରମେଶ ମାଝୀ ନାମକ ଯୁବକକୁ ସ୍ପେଶାଲ କ୍ରାଇମ ୟୁନିଟ ଗିରଫ କରିଛି।

## ପୋଖରୀରେ ବୁଡି ଚାରି ବର୍ଷର ଶିଶୁପୁତ୍ର ମୃତ

ବାଲିଆପାଳ , ୨୩/୭ (ନି.ପ୍ର): ବାଲିଆପାଳ ଥାନା ଅନ୍ତର୍ଗତ କୁମ୍ଭାରୀ ଗ୍ରାମରେ ପୋଖରୀରେ ପଡି ଜଣେ ଚାରିବର୍ଷର ଶିଶୁପୁତ୍ରର ମୃତ୍ୟୁ ହୋଇଯାଇଛି। ମୃତ ଶିଶୁପୁତ୍ର ଜଣଙ୍କ ହେଲେ ଗ୍ରାମର ମନୋରଞ୍ଜନ ଜେନା ଙ୍କ ପୁଅ ଦିବ୍ୟାଂଶୁ (୪)। ଦିବ୍ୟାଂଶୁ ଆଜି ସକାଳେ ତାର ପରିବାର ଲୋକଙ୍କ ସହ ଘର ପାଖ ଏକ ବିଲକୁ ଯାଇଥିଲେ। ତେବେ କିଛି ସମୟ ପରେ ପିଲାଟି ଘରକୁ ଫେରି ନଥିବା ଦେଖି ପରିବାର ଲୋକେ ଖୋଜା ଖୋଜି କରିଥିଲେ। ତେବେ କୌଣସି ଆଡେ ନମିଳିବାରୁ ସନ୍ଦେହ ରେ ପାଖ ପୋଖରୀରେ ଖୋଜିବାରୁ ପାଣି ଭିତରୁ ପିଲାଟିକୁ ଉଦ୍ଧାର କରାଯାଇଥିଲା। ତୁରନ୍ତ ପିଲାଟିକୁ ବାକିଆପାଳ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଆସିଥିଲେ। ତେବେ ଡାକ୍ତର ସେଠାରେ ପିଲାଟିକୁ ମୃତ ଘୋଷଣା କରିଥିଲେ। ଏହି ଖବର ପ୍ରଚାରିତ ହେବାପରେ ଡାକ୍ତରଖାନା ପରିସରରେ ସମ୍ପର୍କୀୟଙ୍କ ଗହଳିଜମିବା ସହ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।




## ଦାବି ପୂରଣ ନହେଲେ ଆନ୍ଦୋଳନକୁ ଓହ୍ଲାଇବେ ଶିକ୍ଷକ



ବୈଶିଙ୍ଗା, ୨୩/୭ (ନି.ପ୍ର): ବେତନଟୀ ବ୍ଲକ ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଆହ୍ୱାନ କ୍ରମେ ବୈଶିଙ୍ଗା ବାଳିକା ଉଚ୍ଚବିଦ୍ୟାଳୟରେ ସମନ୍ୱୟ ସମିତି ର ଏକ ବୈଠକ ବରିଷ୍ଠ ଶିକ୍ଷକ ମନୋରଞ୍ଜନ ଷଡ଼ଙ୍ଗୀ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମୁଖ୍ୟ ଅତିଥି ଭାବରେ ଓଷ୍ଟା ଜିଲ୍ଲା ସଂପାଦକ କିଶୋର କୁମାର ଆଚାର୍ଯ୍ୟ ଯୋଗଦାନ କରି ସରକାର ଙ୍କ ଶିକ୍ଷକ ମାରଣ ନୀତି ର ସମାଲୋଚନା କରିଥିଲେ। ଦୀର୍ଘ ବର୍ଷ ଧରି ବିନା ଦରମାରେ ଚାକିରୀ କରୁଥିବା ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ମାନଙ୍କୁ ତୁରନ୍ତ ଅନୁଦାନ ପ୍ରଦାନ, ବିନା ପେନସନ ରେ ଅବସର ଗ୍ରହଣ କରୁଥିବା ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ଙ୍କୁ ପେନସନ ପ୍ରଦାନ, ସରକାରୀ ବିଦ୍ୟାଳୟ ରେ କାର୍ଯ୍ୟରତ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କର ୬ ବର୍ଷ କୁ ଚାକିରି କାଳ ରେ ଯୋଗ ଆଦି ବିଭିନ୍ନ ଦାବୀରେ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ମାନେ ଆନ୍ଦୋଳନ କୁ ଓହ୍ଲାଇବେ ବୋଲି ପ୍ରକାଶ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବ୍ଲକ୍ ସଂପାଦକ ସୁର୍ଯ୍ୟାନନ୍ଦ ନାୟକ, ସହ ସଂପାଦକ ଧିରେନ୍ଦ୍ର ପ୍ରଧାନ, ନରହରି ମହାନ୍ତ, ସୁସାନ୍ତ କୁମାର ପଣ୍ଡା,ଅନିଲ କୁମାର ମହାନ୍ତ, ବିଶ୍ୱ ରଞ୍ଜନ ଦୁର୍ଗା, ଅଶୋକ କୁମାର ବାରିକ,ସାନ୍ତନୁ କୁମାର ଜେନା, ପ୍ରଦ୍ୟୁମ୍ନ କୁମାର ଭୂୟାଁ, ଗୋପାଲ କୃଷ୍ଣ ପ୍ରଧାନ, ଭବାନୀ ସଂକର ବାଗ, କାଞ୍ଚନବାଳା କର, ନନ୍ଦିତା ମହାନ୍ତି ଓ ଅନ୍ୟ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ମାନେ ଯୋଗଦାନ କରି ରାଜ୍ୟ ସଂଗଠନ ର ନିର୍ଦ୍ଦେଶ କ୍ରମେ ଆସନ୍ତା ଅଗଷ୍ଟ ମାସ ୨ ତାରିଖ ବ୍ଲକ୍ ଶିକ୍ଷାଧିକାରୀ ଙ୍କ କାର୍ଯ୍ୟାଳୟ ସମ୍ମୁଖରେ , ଅଗଷ୍ଟ ୮ ତାରିଖ ଜିଲ୍ଲାପାଳ ଧାରଣା, ଅଗଷ୍ଟ ୧୬ ତାରିଖ ଭୁବନେଶ୍ୱରେ ପ୍ରତିବାଦ ସଭା ଓ ଦାବିପତ୍ର ପ୍ରଦାନ କୁ ସଫଳ କରିବା ପାଇଁ ସିଦ୍ଧାନ୍ତ ଗ୍ରହଣ କରିଥିଲେ। ସର୍ବଶେଷରେ ଶିକ୍ଷକ ଟିକାୟତ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ଉଚ୍ଚଶିକ୍ଷା ବିଭାଗରେ ପିପିପି ଶିକ୍ଷାନୀତି ଉଚ୍ଛେଦ କରିବାକୁ ରାଜ୍ୟସରକାରଙ୍କୁ 'ଅଲଇଣ୍ଡିଆ ଟେଲେଣ୍ଟ ସର୍ଚ୍ଚ ଟ୍ରଷ୍ଟ'ର ସଂସ୍ଥାପକ ଗୌରୀଶଙ୍କର ପଣ୍ଡାଙ୍କ ଦାବି

ନୀଳଗିରି , ୨୩/୭ (ନି.ପ୍ର): ମହାବିଦ୍ୟାଳୟ,ସ୍ୱୟଂଶାସିତ ମହାବିଦ୍ୟାଳୟ ଏପରିକି ବିଶ୍ୱବିଦ୍ୟାଳୟ ମାନଙ୍କରେ ପିପିପି ମୋଡ଼ରେ ସେଲ୍ଫ ଫାଇନାନସିଂ ଶିକ୍ଷାଦାନ ପ୍ରଣାଳୀକୁ ବାତିଲକରିବା ପାଇଁ ରାଜ୍ୟ ସରକାରଙ୍କୁ ଦାବୀ କରିଛନ୍ତି ନୀଳଗିରିର ବରିଷ୍ଠ ସମାଜସେବୀ ତଥା ଅଲ ଇଣ୍ଡିଆ ଟେଲେଣ୍ଟ ସର୍ଚ୍ଚର ସଂସ୍ଥାପକ ଗୌରୀଶଙ୍କର ପଣ୍ଡା। ବୁଧବାର ନୀଳଗିରି ଏନଏସି କଲ୍ୟାଣମଣ୍ଡପରେ ଏକ ସାମ୍ବାଦିକ ସମ୍ମିଳନୀରେ ନୀଳଗିରିର ବରିଷ୍ଠ ଆଇନଜୀବୀ କ୍ଷୀରୋଦ ଦାସଙ୍କ ଉପସ୍ଥିତିରେ ରାଜ୍ୟରେ ଉଚ୍ଚଶିକ୍ଷା ବିଭାଗରେ ପ୍ରଚଳିତ ଏପରି ବ୍ୟବସ୍ଥାର ପୁନର୍ବିଚାର କରି ଏହାକୁ ଉଚ୍ଛେଦ କରିବାକୁ ଦାବି କରିଛନ୍ତି ଶ୍ରୀଯୁକ୍ତ ପଣ୍ଡା।ରାଜ୍ୟରେ ତତ୍କାଳୀନ ବିଜେଡ଼ି ସରକାର ୨୦୦୮ ମସିହାରେ ଏହି ଶିକ୍ଷାନୀତି ଲାଗୁକରି ହଜାର ହଜାର ନିରୀହ ଗରିବ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଅନ୍ଧାର କରିବା ସହିତ କୋଟିକୋଟି ଟଙ୍କା ଶୋଷଣକରି ଘରୋଇ ବ୍ୟବସାୟୀ ମାନଙ୍କ ଅଭିଳାଷା ପୂରଣ କରିଥିବା ଅଭିଯୋଗ କରିଛନ୍ତି । ଏତଦଭିନ୍ନ ଉକ୍ତ ସଂସ୍ଥା ମାଲିକାନାରେ ଚାକିରି କରିଥିବା ଅଧାପକ/ଅଧାପିକା ମାନେ ସ୍ୱଳ୍ପ ବେତନରେ କାମକରୁଥିବାରୁ ଉପଯୁକ୍ତ ଶିକ୍ଷାଦାନ ପ୍ରତି ବିମୁଖ ରହୁଥିବା ସହିତ ଛାତ୍ରଛାତ୍ରୀ ମାନେ ସଠିକ୍ ଶିକ୍ଷାଦାନ ପାଇପାରୁନାହାନ୍ତି ବୋଲି ହୃଦବୋଧ ହେଉଥିବା ଅଭିଯୋଗ ଆଣିଛନ୍ତି ।ବର୍ତ୍ତମାନର ବିଜେପି ସରକାର ବହୁ ପରିବର୍ତ୍ତନ ଆଣିଥିବା ବେଳେ ଉକ୍ତ ଶିକ୍ଷାନୀତିରେ କୌଣସି ପରିବର୍ତ୍ତନ ନ ଆଣିବା ନିହାତି ଭାବରେ ଦୁର୍ଭାଗ୍ୟ ଜନକ ଏବଂ ଚିନ୍ତାର ବିଷୟ। ଏପରିକି ଅଧିକାଂଶ ମହାବିଦ୍ୟାଳୟ ମାନଙ୍କରେ ସେଲ୍ଫ ଫାଇନନ୍ସିଂ କୋର୍ସ ବିନା ପିପିପି ମୋଡ଼ରେ ସୁଚାରୁରୂପେ ଚଳାଯାଇପାରୁଛି ତେବେ ଗରୀବ ଅଭିଭାବକ ଏବଂ ମେଧାବୀ ଛାତ୍ରଛାତ୍ରୀ ମାନଙ୍କୁ ଝିଣ୍ଟିକା ମାରି ବଣି ପୋଷିବା ଭଳି ରାଜ୍ୟସରକାର କାହିଁକି ଏସବୁ ସଂସ୍ଥାକୁ ୭୦ପ୍ରତିଶତ ଅର୍ଥ ପ୍ରଦାନ କରୁଛନ୍ତି ବୋଲି ପ୍ରଶ୍ନ କରିଛନ୍ତି। ତେଣୁ ଓଡ଼ିଶାବାସୀ ଯେଉଁ ସ୍ୱପ୍ନନେଇ ବିଜେପିକୁ ଶାସନ ଗାଦିରେ ବସାଇଛନ୍ତି ତାହାକୁ ସରକାର ସାକାର କରନ୍ତୁ ବୋଲି ଦାବି କରିବା ସହିତ ଏହାର କୁଡ଼ିସିଆରି ଇନକ୍ୱାରି ଏବଂ ଏଜି ଓଡ଼ିଶାଙ୍କ ଦ୍ୱାରା ଉପଯୁକ୍ତ ଅଡିଟ କରିବାକୁ ଦାବୀ ରଖିଛନ୍ତି। ଫଳରେ ଅଭିଭାବକଙ୍କ ସହିତ ଛାତ୍ରଛାତ୍ରୀ ମାନଙ୍କର ଆର୍ଥିକବୋଝ ହାଲୁକା ହେବା ସହିତ ଶତପ୍ରତିଶତ ଅର୍ଥ ବିନିଯୋଗ କରି ଅନୁଷ୍ଠାନ ଗୁଡ଼ିକର ଭିତ୍ତିଭୂମିର ବିକାଶ ହୋଇପାରିବ ବୋଲି ମତ ରଖିଥିଲେ। ସୁତରାଂ ରାଜ୍ୟସରକାର ଏଥିପ୍ରତି ଦୃଷ୍ଟି ନଦେଲେ ଆଗାମୀ ଦିନରେ ଛାତ୍ର ଆନ୍ଦୋଳନ ମୁଣ୍ଡ ଟେକିବାର ସମ୍ଭାବନା ଥିବା ଚେତାଇ ଦେଇଥିଲେ।




## ମେଘାସନ ମହାବିଦ୍ୟାଳୟ: ଆଇ.ସି.ସି.ର ପ୍ରିଜାଇଡ଼ିଂ ଅଫିସର ହେଲେ ଡ଼. ଶୁଭଦର୍ଶନି ମହାନ୍ତି

ଉଦଳା , ୨୩/୭ (ନି.ପ୍ର): ବାଲେଶ୍ୱରରେ ଛାତ୍ରୀ ପୋଡ଼ି ଘଟଣାପରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ମାନଙ୍କରେ ଆଭ୍ୟନ୍ତର ଅଭିଯୋଗ କମିଟି (ଆଇ.ସି.ସି) ଗଠନ କରାଯିବା ପାଇଁ ତତ୍ପରତା ପ୍ରକାଶ ପାଇଛି । ଏହି ଅବସରରେ କପ୍ତିପଦା ବ୍ଲକ ଅନ୍ତର୍ଗତ ନୁଦଡ଼ିହା ଗ୍ରାମସ୍ଥିତ ମେଘାସନ ମହାବିଦ୍ୟାଳୟରେ ଉକ୍ତ କମିଟି ଗଠନ କରାଯିବା ସହ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ମହାବିଦ୍ୟାଳୟର ଅଧକ୍ଷ ପ୍ରମୋଦ କୁମାର ରାଉତ ଏହି ସଚେତନତା କାର୍ଯ୍ୟକ୍ରମରେ ଅଧକ୍ଷତା କରି ଶିକ୍ଷାନୁଷ୍ଠାନରେ ପବିତ୍ର ବାତାବରଣ କିପରି ଏକ ସୁନ୍ଦର ପରିବେଶ ସୃଷ୍ଟି କରିବା ସହିତ ଆମକୁ ଆଗକୁ ବାଟ ଚାଲିବାରେ ସହାୟକ ହୋଇଥାଏ ବିଭିନ୍ନ ଉଦାହରଣ ମାନ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହାପରେ ଆଭ୍ୟନ୍ତର ଅଭିଯୋଗ କମିଟି (ଆଇ.ସି.ସି.)ର ସଦସ୍ୟ/ ସଦସ୍ୟା ଭାବରେ କେଉଁମାନେ ଦାୟିତ୍ୱ ଗ୍ରହଣ କଲେ ତାଙ୍କର ନାମ ଘୋଷଣା କରାଯାଇଥିଲା । ଏଥିରେ ପ୍ରିଜାଇଡ଼ିଂ ଅଫିସର ଭାବରେ ବରିଷ୍ଠ ଅଧାପିକା ଡ଼. ଶୁଭଦର୍ଶନି ମହାନ୍ତି, ସଦସ୍ୟ ଭାବରେ ଅଧାପକ ଡ଼. ନିରଂଜନ ପାଠୀ, ଅଧାପିକା ସ୍ୱାତି ସୁଚରିତା ପଣ୍ଡା, ଗ୍ରନ୍ଥାଗାରିକ ମନୋରଂଜନ ମଲିକ, କର୍ମଚାରୀ ଆଶାଲତା ମହାନ୍ତି, ସ୍ୱେଚ୍ଛାସେବି ସଂଗଠନ ସଦସ୍ୟ ଗଜେନ୍ଦ୍ର ବେହେରାଙ୍କ ନାମ ଘୋଷଣା କରାଯାଇଥିଲା । ପରେ ପ୍ରାଧାପିକ ରମେଶ ଚନ୍ଦ୍ର ନାଏକ ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିବା ସମସ୍ତ ଛାତ୍ରୀ, କାର୍ଯ୍ୟରତ ଥିବା ଅଧାପିକା ଓ ମହିଳା କର୍ମଚାରୀ ପୁରୁଷ ଲୋକଙ୍କ ଦ୍ୱାରା କେହି କୌଣସି ପ୍ରକାର ଅଶୋଭନୀୟ ଆଚରଣର ଶିକାର ହୁଅନ୍ତି, ସେମାନେ ଉକ୍ତ କମିଟିକୁ ତାଙ୍କର ଅଭିଯୋଗ ଜଣାଇ ପାରିବେ ବୋଲି ସୂଚନା ପ୍ରଦାନ କରିଥିଲେ । ଶେଷରେ ଅଧାପକ ବୃନ୍ଦାବନ ମହାନ୍ତି କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେବା ସହିତ ଯବନିକା ପାଇଥିଲେ ।

## ଆଳୁ ପାଇଁ ମମତା ବାନାର୍ଜୀଙ୍କ ସହ ଆଲୋଚନା କରିବେ ଯୋଗାଣ ମନ୍ତ୍ରୀ

ଭୁବନେଶ୍ୱର, ୨୩/୭ (ନି.ପ୍ର): ଆଳୁ ପାଇଁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହ ବୈଠକ କରିବେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ଠିକ ଭାବରେ ଆଳୁ କେମିତି ଆସିବ ସେଥିପାଇଁ ଆଲୋଚନା ହେବ। ତେଣୁ ଖୁବ୍ ଶୀଘ୍ର କଲିକତା ଯାଇ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହିତ ଆଳୁ ସମ୍ପର୍କରେ ଆଲୋଚନା କରିବେ ବୋଲି କହିଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର। ସେ କହିଛନ୍ତି ରାଜ୍ୟକୁ କିଭଳି ଭାବରେ ଠିକ ସମୟରେ ଆଳୁ ଆସିବ ଏବଂ ଲୋକମାନେ ପାଇବେ , ଆମେ ତାଙ୍କ ସହିତ ଆଲୋଚନା କରିବୁ । ଏହା ଯୋଗାଣ ବିଭାଗର କାମ, ତାଙ୍କ ସହିତ ବସିଲେ ଅସୁବିଧା କଣ ? ଆମେ ଆତ୍ମନିର୍ଭରଶୀଳ ହେବୁ। ରାଜ୍ୟରେ ୫ ଲକ୍ଷ ମେଟ୍ରିକ ଟନ ଆଳୁ ଉତ୍ପାଦନ ହେଉଛି। କିନ୍ତୁ ଆବଶ୍ୟକ ହେଉଛି ୧୪ ଲକ୍ଷ ମେଟ୍ରିକ ଟନ ଆଳୁ। ଆମେ ପଶ୍ଚିମବଙ୍ଗ କିମ୍ବା ଉତର ପ୍ରଦେଶରୁ ଆଳୁ ଆଣିବୁ। ରାଜନୀତିରେ ରାଗ ରୋଷ କିଛି ନାହିଁ । ମମତା ଏନଡିଏ ରେ ଥିବା ସମୟରେ ଆମେ ତାଙ୍କ ସହିତ ଦୀର୍ଘ ଦିନ ଧରି କାମ କରିଛୁ। ପୁଣି ଏବେ ବସିବାରେ କୌଣସି ଅସୁବିଧା ନାହିଁ। ଦିଦି ଆମ ଉପରେ ରାଗିବେନି। ଠିକ ସମୟରେ ଠିକ ଦରରେ ଦେଲେ ଆଣିବୁ, ନଚେତ ଉତର ପ୍ରଦେଶରୁ ଆଳୁ ଆଣିବୁ ବୋଲି ମନ୍ତ୍ରୀ କହିଛନ୍ତି।

## ରେଡ଼ିଓ ଭୁବନେଶ୍ୱର ୮୯. ୨ ଏଫ.ଏମ ପକ୍ଷରୁ ଗେଟାଲାଇଭର ହେଲଥ କେୟାର ସାମ୍ମାନିତ

ଭୁବନେଶ୍ୱର , ୨୩/୭ (ନି.ପ୍ର): ଗେଟାଲାଇଭର ହେଲଥ କେୟାରକୁ ରେଡ଼ିଓ ଭୁବନେଶ୍ୱର ୮୯. ୨ ଏଫ.ଏମ ପକ୍ଷରୁ ସାମ୍ମାନିତ କରାଯାଇଛି । ଜୟ ଦେବ ଭବନଠାରେ ରେଡ଼ିଓ ଭୁବନେଶ୍ୱର ୮୯. ୨ ଏଫ.ଏମ ଲୋକାର୍ପଣ ଉତ୍ସବରେ ଗେଟାଲାଇଭର ନିର୍ଦ୍ଦେଶକ ଡ଼ଃ ପ୍ରଭଞ୍ଜନ ରାୟସାମନ୍ତ ଓ ଅନ୍ୟତମ ନିର୍ଦ୍ଦେଶକ ମିହିର ନନ୍ଦ ଗୋସ୍ୱାମିକୁ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଉଲ୍ଲେଖନିୟ ଅବଦାନ ପାଇଁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା । ରେଡ଼ିଓ ଭୁବନେଶ୍ୱର ୮୯. ୨ ଏଫ.ଏମର ପ୍ରତିଷ୍ଠାତା ସୁବ୍ରତ କୁମାର ପତିଙ୍କ ପୌରହିତରେ ଅନୁଷ୍ଠିତ ଲୋକାର୍ପଣ ଉତ୍ସବରେ ପଦ୍ମଶ୍ରୀ ଡ଼ଃ ଅଶୋକ ମହାପାତ୍ର, ପଦ୍ମଶ୍ରୀ ଉତ୍ସବ ଚରଣ ଦାସ, ପଦ୍ମଶ୍ରୀ ଶ୍ୟାମ ମଣୀ ଦେବୀ, ପଦ୍ମଶ୍ରୀ ଅରୁଣା ମହାନ୍ତି, ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଗେଟାଲାଇଭର ଦୁଇ ନିର୍ଦ୍ଦେଶକ ଡ଼ଃ ପ୍ରଭଞ୍ଜନ ରାୟସାମନ୍ତ ଓ ମିହିର ନନ୍ଦ ଗୋସ୍ୱାମିକୁ ଉପଢୌକନ, ମାନପତ୍ର ଦେଇ ସାମ୍ମାନିତ କରିଥିଲେ । ଗେଟାଲାଇଭ ହେଲଥ କେୟାରକୁ ସାମ୍ମାନୀତ କରାଯାଇଥିବାରୁ ଗେଟାଲାଇଭ ହେଲଥ କେୟାର ଅନ୍ୟତମ ନିର୍ଦ୍ଦେଶକ ଡ଼ା ଦେବାଶିଷ ମିଶ୍ର ରେଡ଼ିଓ ଭୁବନେଶ୍ୱର ୮୯. ୨ ଏଫ.ଏମକୁ ଗେଟାଲାଇଭ ହେଲଥ କେୟାର ପକ୍ଷରୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।




## ବଳଙ୍ଗା ପୀଡିତାଙ୍କୁ ଭେଟିଲେ ଉପ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୩/୭ (ନି.ପ୍ର): ଦିଲ୍ଲୀ ଏମ୍ସରେ ଚିକିତ୍ସିତ ହେଉଥିବା ବଳଙ୍ଗା ପୀଡିତାଙ୍କୁ ଭେଟିବା ସହ ତାଙ୍କ ପରିବାର ବର୍ଗଙ୍କ ସହ ଆଲୋଚନା କରିଛନ୍ତି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା। ଏନେଇ ସେ ଏକ୍ସରେ ପୋଷ୍ଟ କରିଛନ୍ତି। ଏକ୍ସରେ ଶ୍ରୀମତୀ ପରିଡା ଲେଖିଛନ୍ତି ଦିଲ୍ଲୀ ଏମ୍ସରେ ଚିକିତ୍ସିତ ହେଉଥିବା ମୋ ନିର୍ବାଚନ ମଣ୍ଡଳୀ କ୍ଷେତ୍ର ଅନ୍ତର୍ଗତ ବଳଙ୍ଗାର ପୀଡ଼ିତାଙ୍କୁ ଭେଟିବା ସହ ତାଙ୍କ ପରିବାରବର୍ଗ ଏବଂ ସମ୍ପର୍କୀୟଙ୍କ ସହ ଦେଖା କଲି। ଏହି ଗସ୍ତ ସମୟରେ, ତାଙ୍କୁ ଚିକିତ୍ସା ପ୍ରଦାନ କରୁଥିବା ଡାକ୍ତରୀ ଦଳ ଏବଂ ବିଶେଷଜ୍ଞ ମାନଙ୍କ ସହ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଏବଂ ଆଗାମୀ ଦିନରେ ହେବାକୁ ଥିବା ଚିକିତ୍ସା ବିଷୟରେ ଆଲୋଚନା କଲି। ସେ ଶୀଘ୍ର ସୁସ୍ଥ ହୋଇଯାଆନ୍ତୁ, ମହାପ୍ରଭୁଙ୍କ ନିକଟରେ ଏତିକି ପ୍ରାର୍ଥନା।

## ଗ୍ରାହୀ ହାଇ-ଟେକ୍ ନର୍ସିଂ ହୋମ୍‌ରେ ସରକାରୀ ଅନୁମୋଦିତ ଗର୍ଭପାତ ଓ ଅଲଟ୍ରାସାଉଣ୍ଡ କେନ୍ଦ୍ରର ଉଦ୍‌ଘାଟନ

ବାରିପଦା, ୨୩/୭ (ନି.ପ୍ର): ମୟୁରଭଞ୍ଜ ଜିଲ୍ଲାର ମହିଳା ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଉନ୍ନତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ରୂପେ, ଆଜି ଗ୍ରାହୀ ହାଇ-ଟେକ୍ ନର୍ସିଂ ହୋମ୍‌ରେ ସରକାରୀ ଅନୁମୋଦିତ ଗର୍ଭପାତ ଓ ଅଲ୍ଟ୍ରାସାଉଣ୍ଡ କେନ୍ଦ୍ରର ଉଦ୍‌ଘାଟନ ହେଲା। ଏହି କେନ୍ଦ୍ରର ଉଦ୍‌ଘାଟନ କରିଛନ୍ତି ଲୋକପ୍ରିୟ ଓଡିଶା ର ଗୃହ ଓ ନଗର ବିକାଶ ବିଭାଗ ମନ୍ତ୍ରୀ ଡ଼ଃ କୃଷ୍ଣଚନ୍ଦ୍ର ମହାପାତ୍ର। ଉଦ୍‌ଘାଟନ ସମୟରେ ମନ୍ତ୍ରୀ ଡ଼. କୃଷ୍ଣଚନ୍ଦ୍ର ମହାପାତ୍ର କହିଲେ, 'ଗାଁ ଓ ସହର ମଧ୍ୟରେ ସ୍ୱାସ୍ଥ୍ୟ ସୁବିଧା ଭାଗିଦାରି ରହିବା ଉଚିତ। ଗର୍ଭପାତ ଏବଂ ଗର୍ଭ ନିର୍ଣ୍ଣୟ ସହିତ ଜଡିତ ସେବାଗୁଡ଼ିକ ଦେଖିବାକୁ ସାବଧାନ ହେବା ଆବଶ୍ୟକ, ତେଣୁ ଏହି କେନ୍ଦ୍ର ଏକ ଶ୍ରେଷ୍ଠ ଉଦାହରଣ ରୂପେ ସ୍ଥାପିତ ହେବ।' ଏହି କେନ୍ଦ୍ରରେ ଅଧୁନିକ ମେଡିକାଲ ଉପକରଣ ଓ ପ୍ରଶିକ୍ଷିତ ଚିକିତ୍ସକ ଦ୍ୱାରା ସେବା ଦିଆଯିବ। ମହିଳା ଚିକିତ୍ସାରେ ବିଶେଷଜ୍ଞ ଡାକ୍ତରମାନେ ରହିବେ, ଯେଉଁମାନେ ଗୁପ୍ତତା ଓ ମାନବିକତା ସହିତ ଚିକିତ୍ସା କରିବେ। ଶ୍ରୀ ଦୀପକ ପାଣିଗ୍ରାହୀ, ମ୍ୟାନେଜିଂ ଡାଇରେକ୍ଟର, ଏହି ଅବସରରେ କହିଲେ, 'ମୋ ଲକ୍ଷ୍ୟ ହେଉଛି ଯେଉଁ ଅଞ୍ଚଳରେ ଅନେକ ମହିଳା ସଠିକ୍ ଚିକିତ୍ସା ରୁ ବଞ୍ଚିତ ହୁଅନ୍ତି, ସେଠାରେ ସୁବିଧା ପହଞ୍ଚେଇବା। ଏହି କେନ୍ଦ୍ର ସେହି ଦିଗରେ ଏକ ବଡ଼ ପଦକ୍ଷେପ।' ସ୍ଥାନୀୟ ବାସିନ୍ଦା, ସମାଜସେବୀ, ଏବଂ ମହିଳା ସଂଗଠନର ସଦସ୍ୟମାନେ ଏହି ପଦକ୍ଷେପକୁ ସ୍ୱାଗତ କରିଥିଲେ। ସେମାନଙ୍କ କହିବା ଅନୁଯାୟୀ, ଏହା ଅଞ୍ଚଳର ଲାଜ ଓ ଆଶଙ୍କା ଭାଙ୍ଗି ମହିଳାଙ୍କୁ ସ୍ୱାସ୍ଥ୍ୟ ସେବା ଦିଆଯିବା ଦିଗରେ ଏକ ବଡ଼ ପଦକ୍ଷେପ। ଏହି କେନ୍ଦ୍ରରେ ନିୟମିତ ଭାବେ ଗର୍ଭ ଚେକଅପ୍, ଅଲ୍ଟ୍ରାସାଉଣ୍ଡ ସ୍କ୍ରିନିଂ, ବୈଧ ଗର୍ଭପାତ ପ୍ରକ୍ରିୟା, ଓ ସମ୍ବନ୍ଧିତ ପରାମର୍ଶ ସେବା ମିଳିବ। ଆଗାମୀ ଦିନରେ ଏହି ସେବା ବିସ୍ତାର କରାଯିବ ବୋଲି ଅଧିକାରୀମାନେ ଜଣାଇଛନ୍ତି। ଉଦ୍ ?ଘାଟନ ସମାରୋହରେ ଡ଼ଃ ମହାପାତ୍ର ମହିଳା ସ୍ୱାସ୍ଥ୍ୟ ଓ ପ୍ରଜନନ ଅଧିକାର ରକ୍ଷା ପାଇଁ ଏହି ପ୍ରକାର କେନ୍ଦ୍ରର ଆବଶ୍ୟକତା ଉପରେ ଜୋର ଦେଇଥିଲେ। ସେ ଗ୍ରାହୀ ପକ୍ଷରୁ ଏହି ସୁବିଧା ଆଣିବା ପ୍ରୟାସକୁ ସାଧୁବାଦ ଦେଇଛନ୍ତି। ମ୍ୟାନେଜିଂ ଡାଇରେକ୍ଟର ଶ୍ରୀ ଦୀପକ ପାଣିଗ୍ରାହୀଙ୍କ ନେତୃତ୍ୱରେ ଚାଲିଥିବା ଗ୍ରାହୀ ହାଇ-ଟେକ୍ ନର୍ସିଂ ହୋମ୍ ସ୍ଥାନୀୟ ଅଞ୍ଚଳରେ ଗୁଣବତ୍ତାପୂର୍ଣ୍ଣ ଓ ନୀତିମୂଳକ ସ୍ୱାସ୍ଥ୍ୟସେବା ଦେବା ଦିଗରେ ଦୃଢ଼ ପଦକ୍ଷେପ ଗ୍ରହଣ କରିଛି। ଏହି କେନ୍ଦ୍ର ଅନୁସୂଚିତ ଏମ.ଟି.ପି ଆଇନ ଅନୁଯାଇ ସୁରକ୍ଷିତ ଓ ବୈଧ ଗର୍ଭପାତ ସେବା ସହିତ ଅଧୁନିକ ଅଲ୍ଟ୍ରାସାଉଣ୍ଡ ସୁବିଧା ପ୍ରଦାନ କରିବ। ଉଦ୍‌ଘାଟନ ପରେ ଶ୍ରୀ ଦୀପକ ପାଣିଗ୍ରାହୀ ମନ୍ତ୍ରୀ, ସ୍ଥାନୀୟ ବାସିନ୍ଦା, ସାମ୍ବାଦିକ ବନ୍ଧୁ ଓ ସ୍ୱାସ୍ଥ୍ୟକର୍ମୀ ପ୍ରତି କୃତଜ୍ଞତା ଜଣାଇଲେ ଏବଂ ଦାୟିତ୍ୱ ବୋଧ ସହିତ ସମସ୍ତଙ୍କୁ ଗୁଣବତ୍ତାପୂର୍ଣ୍ଣ ଓ ସୁନିଶ୍ଚିତ ସ୍ୱାସ୍ଥ୍ୟ ସେବା ଦେବା ନିଶ୍ଚୟ ବ୍ୟକ୍ତ କଲେ। ଏହି କେନ୍ଦ୍ରର ଆରମ୍ଭ ଦ୍ୱାରା ବାରିପଦା ଓ ତାହାର ଆଖପାଖରେ ଅଞ୍ଚଳର ମହିଳାମାନେ ବୈଧ ଓ ସୁରକ୍ଷିତ ଚିକିତ୍ସା ସୁବିଧା ପାଇବେ, ଯାହା ଜନସ୍ୱାସ୍ଥ୍ୟ ରେ ଏକ ମାଇଲସ୍ଟୋନ୍ ରୂପେ ପ୍ରତିଷ୍ଠିତ ହେବ। ଉପସ୍ଥିତ ସ୍ଥାନୀୟ ବାସିନ୍ଦା, ସ୍ଥାନୀୟ ନେତା, ଡାକ୍ତରମାନେ ଏବଂ ଏହି ଅଞ୍ଚଳର ସ୍ୱାସ୍ଥ୍ୟ ନିମନ୍ତେ କାମ କରୁଥିବା କାର୍ଯ୍ୟକର୍ତ୍ତାମାନେ ଏହି ଉଦ୍‌ଘାଟନ ଅବସରକୁ ଏକ ଐତିହାସିକ ଦିନ ବୋଲି ଅଭିବ୍ୟକ୍ତି ଦେଇଛନ୍ତି।



## ୧୦୨ ଉଚ୍ଚ ବିଦ୍ୟାଳୟରେ ପଢାଯିବ ଯୁକ୍ତ ୨ ପାଠ

ଭୁବନେଶ୍ୱର, ୨୩/୭ (ନି.ପ୍ର): ରାଜ୍ୟର ୧୦୨ ଉଚ୍ଚ ବିଦ୍ୟାଳୟକୁ ଉନ୍ନତ କରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରିଣତ କରାଯାଇଛି। ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଏକ୍ସ ମାଧ୍ୟମରେ ଏହି ସୂଚନା ଦେଇଛନ୍ତି। ଏହି ନିଷ୍ପତି ଦ୍ୱାରା ଯୁକ୍ତ ଦୁଇ ପାଠ ପଢ଼ାରୁ ବଂଚିତ ହେଉଥିବା ପିଲା ଏବେ ନିଜ ପାଖ ବିଦ୍ୟାଳୟରେ ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀର ଶିକ୍ଷା ଲାଭ କରି ପାରିବେ। ସମଗ୍ର ଶିକ୍ଷା ଅଧୀନରେ ଉତମ ଶିକ୍ଷା ଲାଭ କରି ଏକ ସୁସ୍ଥ ଓ ଶିକ୍ଷିତ ସମାଜ ଗଠନରେ ସହାୟ ହେବେ।


❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida